

ହର୍ମୁଜ ଖୋଲିବାକୁ ଇରାନ୍ ରାଜି !

ପୃଷ୍ଠା ୫

# ସଂଚାର
THE SANCHAR


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 52 ଭାଗ ୩୪ | ସଂଖ୍ୟା ୫୨ | Thursday 14 May 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୧୪ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ମୋଦିଙ୍କଠାରୁ ମୋହନଙ୍କ ପର୍ଯ୍ୟନ୍ତ ଇନ୍ଧନ ସୁରକ୍ଷା ଚିନ୍ତା

# ହ୍ରାସ ହେଲା କାରକେଡ୍ ଗାଡ଼ି ସଂଖ୍ୟା

- ଖର୍ଚ୍ଚକାଟ ପାଇଁ ନିଆଗଲା ବଡ଼ ନିଷ୍ପତ୍ତି
- ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ
- ସୁନା ନ କିଣିବାକୁ ରାଜ୍ୟବାସୀଙ୍କୁ ଅପିଲ୍
- ବିଦେଶୀ ମୁଦ୍ରା ବଞ୍ଚାଇବାକୁ ସରକାରଙ୍କ ପ୍ରୟାସ
- ଇଭି ବ୍ୟବହାର ପାଇଁ ମନ୍ତ୍ରୀଙ୍କ ଆହ୍ୱାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ଦେଶବାସୀଙ୍କ ଇନ୍ଧନ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପର୍ଯ୍ୟନ୍ତ ଡବଲ ଇଞ୍ଜିନ ସରକାର ଐତିହାସିକ ପଦକ୍ଷେପ ନେଇଛନ୍ତି। ଦେଶବାସୀଙ୍କୁ କରିଥିବା ଅପିଲକୁ ଉଭୟ କେନ୍ଦ୍ର ଓ ରାଜ୍ୟ ପ୍ରଶାସନର ମଙ୍ଗୁଆଳମାନେ ନିଜ ଉପରେ ଲାଗୁ କରିଛନ୍ତି। ସେମାନେ ନିଜର କାରକେଡ୍‌ରେ ଗାଡ଼ି ସଂଖ୍ୟାକୁ ହ୍ରାସ କରିଛନ୍ତି।

ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ମାତ୍ର ୨ଟି ଗାଡ଼ିର କନଭୟରେ ଯାତ୍ରା କରୁଥିବା ଦେଖିବାକୁ ମିଳିଛି, ଯାହା ସମସ୍ତଙ୍କୁ ଚକିତ କରିଛି। ସେହିଭଳି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ଆଜି ସନ୍ଧ୍ୟାରେ ସରକାରୀ କାର୍ଯ୍ୟ ସାରି ଘରକୁ ଫେରିବା ସମୟରେ ତାଙ୍କ କାରକେଡ୍‌ରେ ସୀମିତ ସଂଖ୍ୟକ ଗାଡ଼ି ବ୍ୟବହାର କରିଥିଲେ। ସାଧାରଣତଃ ପ୍ରଧାନମନ୍ତ୍ରୀଙ୍କ କନଭୟରେ ୧୨ରୁ ୧୫ଟି ଗାଡ଼ି ରହିଥାଏ। ଏଥିରେ ଏସପିଜି, ଏନଏସଜି କମାଣ୍ଡୋ, ଜାମର କାର୍ ଓ ଆମ୍ବୁଲାନ୍ସ ଆଦି ସାମିଲ ଥାଏ। କିନ୍ତୁ ବୁଧବାର ସାମ୍ନାକୁ ଆସିଥିବା ଭିଡିଓରେ ଦେଖାଯାଇଛି ଯେ ଗୋଟିଏ ଗାଡ଼ିରେ ପ୍ରଧାନମନ୍ତ୍ରୀ ବସିଥିବା ବେଳେ ଅନ୍ୟ ଗୋଟିଏ ଗାଡ଼ିରେ ଏସପିଜି କର୍ମଚାରୀ ଥିଲେ। ଏପରିକି କ୍ୟାବିନେଟ୍ ବୈଠକକୁ ଯିବା ସମୟରେ ମଧ୍ୟ ସେ ମାତ୍ର ୪ଟି ଗାଡ଼ି ବ୍ୟବହାର କରିଥିଲେ।

ସୁରକ୍ଷା, ସୁବିଧା ଓ ସରକାରୀ ଖର୍ଚ୍ଚ କାଟ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା କାରକେଡ୍ ଗାଡ଼ି ସଂଖ୍ୟା ଅଧା କରିଦେଇଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ଗୁରୁତ୍ୱ ଦେଇ ବ୍ୟକ୍ତିଗତ ଗାଡ଼ିରେ ଯିବାଆସିବା କମ୍ କରିବା ସହ ଅଧିକ ମାତ୍ରାରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। କେବଳ ଆବଶ୍ୟକ ସ୍ଥଳେ ଗାଡ଼ି ବ୍ୟବହାର କରି ଅନାବଶ୍ୟକ ବ୍ୟବହାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆହୁରି ସୁନା ନ କିଣିବା ଓ ଅନାବଶ୍ୟକ ବିଦେଶ ଗସ୍ତ ନ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସେପଟେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣଜେନା ମଧ୍ୟ ପେଟ୍ରୋଲ୍ କି ଡିଜେଲ୍ ନୁହେଁ, ଅଧିକରୁ ଅଧିକ ଇଭି ଗାଡ଼ି ବ୍ୟବହାର କରିବାକୁ ରାଜ୍ୟବାସୀଙ୍କୁ ଅପିଲ୍ କରିଛନ୍ତି। ପୂର୍ବରୁ ଇଭି ଗାଡ଼ି ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀ ମଧ୍ୟ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ପରିବହନ ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଇଭି ଗାଡ଼ି ପାଇଁ ସବସିଡି ଆସନ୍ତା ୨୦୨୮ ଯାଏଁ ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ କଥା ମାନି ତେଲ୍ କମ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ପରିବହନ ମନ୍ତ୍ରୀ ଶ୍ରୀ ଜେନା। ଏଥିସହ ସେ ନିଜେ ସରକାରୀ ବସରେ ଯିବାଆସିବା କରିବେ ବୋଲି ମଧ୍ୟ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଅପିଲର ପ୍ରଭାବ ଅନ୍ୟ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିଛି। ସମ୍ବଲପୁର ଜିଲ୍ଲା ପ୍ରଶାସନ ସରକାରୀ ବୈଠକକୁ ଅଧିକରୁ ଅଧିକ ଅନ୍‌ଲାଇନରେ କରିବା ସହ ପବ୍ଲିକ ଟ୍ରାନ୍ସପୋର୍ଟ ଓ କାର ଶେୟାରିଂରେ ଅଫିସ ଆସିବାକୁ ପ୍ରୋତ୍ସାହନ ଦେବା ସକାଶେ ଯୋଜନା କରିଛି।

ପଶ୍ଚିମ ଏସିଆରେ ଲାଗି ରହିଥିବା ଉତ୍ତେଜନା କାରଣରୁ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ସମସ୍ତ ନେତା ଓ ଅଧିକାରୀଙ୍କୁ ସେମାନଙ୍କ କନଭୟରେ ଗାଡ଼ି ସଂଖ୍ୟା କମାଇବାକୁ କହିଥିଲେ। ➪ପୃଷ୍ଠା-୬

### ୨୦୨୬-୨୭ ଖରିଫ ଋତୁ ପାଇଁ ଏମ୍‌ଏସ୍‌ପି ବୃଦ୍ଧି

# ପୁଣି ବଢ଼ିଲା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ

- ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ହେଲା ଏମ୍‌ଏସ୍‌ପି
- ସାଧାରଣ ଓ ଗ୍ରେଡ-ଏ' ଧାନ ମୂଲ୍ୟରେ ୭୨ ଟଙ୍କା ବୃଦ୍ଧି
- ସୂର୍ଯ୍ୟମୁଖୀ ମଞ୍ଜିରେ ଏମ୍‌ଏସ୍‌ପି ସର୍ବାଧିକ ବୃଦ୍ଧି



ନୂଆଦିଲ୍ଲୀ, ୧୩।୫ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ଆଜି ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)କୁ ଅନୁମୋଦନ କରିଛି। ୨୦୨୬-୨୭ ଖରିଫ ବିପଣନ ଋତୁ ପାଇଁ ବିଭିନ୍ନ ଫସଲର ଏମଏସପି ବୃଦ୍ଧି କରାଯାଇଛି। ଚାଷୀମାନଙ୍କୁ ସେମାନଙ୍କ ଫସଲର ଲାଭକାରୀ ମୂଲ୍ୟ ପ୍ରଦାନ କରିବା ଲାଗି ସରକାର ୨୦୨୬-୨୭ ଖରିଫ ବିପଣନ ଋତୁ ପାଇଁ ଏମଏସପି ବୃଦ୍ଧି କରିଛନ୍ତି। ଗତ ବର୍ଷ ତୁଳନାରେ ସୂର୍ଯ୍ୟମୁଖୀ ମଞ୍ଜି ଉପରେ ଏମଏସପି ସର୍ବାଧିକ କ୍ୱିଣ୍ଟାଲ ପିଛା ୬୨୨ ଟଙ୍କା ବୃଦ୍ଧି କରାଯାଇଛି। ଏହାପରେ କପା କ୍ୱିଣ୍ଟାଲ ପିଛା ୫୫୭ ଟଙ୍କା, ଅଳସୀ କ୍ୱିଣ୍ଟାଲ ପିଛା ୫୧୫ ଟଙ୍କା ଏବଂ ରାଶି କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା ବୃଦ୍ଧି କରାଯାଇଛି। ସାଧାରଣ ଧାନ ଏବଂ ଗ୍ରେଡ୍-ଏ' ଧାନର ଏମଏସପିକୁ ମଧ୍ୟ କ୍ୱିଣ୍ଟାଲ ପିଛା ୭୨ ଟଙ୍କା ବୃଦ୍ଧି କରାଯାଇଛି।

ଏହି ନିଷ୍ପତ୍ତି ଅନୁଯାୟୀ, ସାଧାରଣ ଧାନର ଏମଏସପି ୨,୪୪୧ ଟଙ୍କା ଓ ଗ୍ରେଡ୍-ଏ' ଧାନ ପାଇଁ ୨,୪୬୧ ଟଙ୍କା ଧାର୍ଯ୍ୟ କରାଯାଇଛି। ଗତ ➪ପୃଷ୍ଠା-୬

### 'ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡ ଟେବୁଲ'ରେ କେନ୍ଦ୍ରମନ୍ତ୍ରୀ

# ସୁଦୃଢ଼ ହେବ ଭାରତର ଡିପ-ଟେକ୍ ଓ ଅଭିନବ ଗବେଷଣା



### ଶିଳ୍ପ ଜଗତର ନେତୃବୃନ୍ଦ ଓ ପ୍ରତିଷ୍ଠିତ ସଂସ୍ଥାଗତ ସହଯୋଗୀଙ୍କ ସହ ଆଲୋଚନା

ନୂଆଦିଲ୍ଲୀ,୧୩।୫(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତ ଇନୋଭେଟ୍ସ-୨୦୨୬ ଅନ୍ତର୍ଗତ 'ଇଣ୍ଡଷ୍ଟ୍ରି ଲିଡର୍ସ ରାଉଣ୍ଡ ଟେବୁଲ'ରେ ଅଧ୍ୟକ୍ଷତା କରିଛନ୍ତି। ଏହି ଅବସରରେ ସେ ବିଶ୍ୱର ଶିଳ୍ପ ନେତୃବୃନ୍ଦ ଓ ପ୍ରତିଷ୍ଠିତ ସଂସ୍ଥାଗତ ସହଯୋଗୀଙ୍କ ସହ ଭାରତର ଡିପ-ଟେକ୍ ଓ ଗବେଷଣାଭିତ୍ତିକ ଅଭିନବ ଚିନ୍ତାଧାରାକୁ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଇନୋଭେସନ୍ ଇକୋସିଷ୍ଟମ ଆଜି ଆଇଆଇଟି, ଆଇଆଇଏସସି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସମେତ ଦେଶର ଟାୟାର-୨ ଓ ଟାୟାର-୩ ସହରର ପ୍ରତିଭାବାନ ଶକ୍ତିମାନଙ୍କ ଦ୍ୱାରା ପରିଚାଳିତ। ଏଆଇ, ସେମିକଣ୍ଡକ୍ଟର, କ୍ଲାଇମେଟ୍-ଟେକ୍, ମୋବିଲିଟି, ହେଲ୍ଥ-ଟେକ୍ ଓ ଆଡଭାନ୍ସଡ୍ ମ୍ୟାନୁଫ୍ୟାକ୍ଚରିଂ କ୍ଷେତ୍ରରେ ଏହି ପ୍ରତିଭାମାନେ ବିଶ୍ୱସ୍ତରୀୟ ସମାଧାନ ପ୍ରସ୍ତୁତ କରୁଛନ୍ତି।

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ମନ୍ତବ୍ୟକୁ ଉଦ୍ଧାର କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ➪ପୃଷ୍ଠା-୬

### ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶିତ

# ପୁଣି ଛାତ୍ରୀ ଆଗୁଆ

- ପୂର୍ବ ବର୍ଷ ତୁଳନାରେ ୩.୯ ଖସିଲା ପାସ୍ ହାର
- ୧୭,୧୧୩ ଜଣଙ୍କୁ ୯୫ ପ୍ରତିଶତ ଉପରେ ନମ୍ବର



ନୂଆଦିଲ୍ଲୀ,୧୩।୫: ଆଜି ପ୍ରକାଶ ପାଇଛି ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ। ଚଳିତ ବର୍ଷର ଫଳାଫଳ ଗତ ବର୍ଷ ତୁଳନାରେ ସାମାନ୍ୟ କମ୍ ରହିଛି। କିନ୍ତୁ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଛାତ୍ରୀମାନେ ଛାତ୍ରମାନଙ୍କୁ ପଛରେ ପକାଇଦେଇଛନ୍ତି। ଗତ ବର୍ଷ ପାସ୍ ହାର ୮୯.୧୦ ପ୍ରତିଶତ ହୋଇଥିବା ବେଳେ ଚଳିତବର୍ଷ ଏହା ୮୫.୨୦ ପ୍ରତିଶତ ରହିଛି। ସେହିପରି ପରୀକ୍ଷାରେ ୮୮.୮୬ ପ୍ରତିଶତ ଛାତ୍ରୀ ପାସ୍ କରିଥିବା ବେଳେ ୮୨.୧୩ ପ୍ରତିଶତ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଅର୍ଥାତ୍ ଛାତ୍ରୀଙ୍କ ପାସ୍ ହାରଠାରୁ ଛାତ୍ରଙ୍କ ପାସ୍ ହାର ୬.୭୩ ପ୍ରତିଶତ ଅଧିକ ରହିଛି। ଗତ ୫ ବର୍ଷ ଧରି ଲଗାତାର ଭାବେ ପୁଅଙ୍କଠାରୁ ଝିଅମାନେ ଆଗରେ ରହୁଛନ୍ତି। ଗତବର୍ଷ ୯୧.୬୪ ପ୍ରତିଶତ ଝିଅ ପାସ୍ କରିଥିବା ବେଳେ ପୁଅଙ୍କ ପାସ୍ ହାର ଥିଲା ୮୫. ୭୦ ପ୍ରତିଶତ।

ଚଳିତ ବର୍ଷ ଦେଶରେ ସିବିଏସଇ ଦ୍ୱାଦଶ ପରୀକ୍ଷା ଦେଇଥିଲେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ। ସେମାନଙ୍କ ମଧ୍ୟରୁ ୧୦.୨ ଲକ୍ଷ ଛାତ୍ର ରହିଥିବା ବେଳେ ୮.୩ ଲକ୍ଷ ଛାତ୍ରୀ ରହିଛନ୍ତି। ସେହିପରି ଏଥର ପାସ୍ ହାରରେ ୯୫.୬୨ ପ୍ରତିଶତ ସହ କେରଳର ଥିରୁଅନନ୍ତପୁରମ ଏକ ନମ୍ବରରେ ରହିଥିବା ବେଳେ ୭୨.୪୩ ପ୍ରତିଶତ ସହ ସବାତଳେ ରହିଛି ଉତ୍ତର ପ୍ରଦେଶର ପ୍ରୟାଗରାଜ। ସେହିପରି ଓଡ଼ିଶାରେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ସର୍ବାଧିକ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସ୍କୁଲ୍‌ର ଜଣେ ପରୀକ୍ଷାର୍ଥୀ ହ୍ୟୁମାନିଟିଜ୍‌ରେ ସର୍ବାଧିକ ୯୮.୬ ପ୍ରତିଶତ ନମ୍ବର ରଖିଛନ୍ତି। ଆଜି ପ୍ରକାଶିତ ➪ପୃଷ୍ଠା-୬

## ମାଓବାଦୀ ଆଡ୍ଡାରୁ ବିପୁଳ ବିସ୍ଫୋରକ ଓ ଟଙ୍କା ଉଦ୍ଧାର

ରାୟପୁର,୧୩।୫:ଗତ ଦୁଇ ସପ୍ତାହ ଧରି ଚାଲିଥିବା ମାଓ ବିରୋଧୀ ଅଭିଯାନ ସମୟରେ ସୁରକ୍ଷା ବାହିନୀ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓ ଆଡ୍ଡାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ବିସ୍ଫୋରକ ସହିତ ୬୫ ଲକ୍ଷରୁ ଅଧିକ ନଗଦ ଅର୍ଥ ଜବତ କରିଥିବା ପୋଲିସ ବୁଧବାର କହିଛି। ଜିଲ୍ଲା ପୁଲିସ, ଜିଲ୍ଲା ରିଜର୍ଭ ଗାର୍ଡ, ସ୍ୱତନ୍ତ୍ର ଟାସ୍କ ଫୋର୍ସ, କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ଫୋର୍ସ ଏବଂ ରିଜୋଲ୍ୟୁଟ୍ ଆକ୍ସନ ୟୁନିଟର ଏଲିଟ୍ କମାଣ୍ଡୋମାନଙ୍କ ସହ ଜିଲ୍ଲାର ଦୁର୍ଗମ ତଥା ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳରେ ଆରମ୍ଭ କରାଯାଇଥିବା ବ୍ୟାପକ ସନ୍ଧାନ ଓ ଏରିଆ ଡୋମିନେସନ୍ ଅପରେସନ୍ ବେଳେ ଏହା ଉଦ୍ଧାର କରାଯାଇଛି। ବିଜାପୁର ପୁଲିସ୍ ଅଧୀକ୍ଷକ ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି ଯେ ଗତ ମାର୍ଚ୍ଚ ୩୧ ତାରିଖରେ ଛତିଶଗଡ଼ ନିଜକୁ ସଶସ୍ତ୍ର ମାଓବାଦୀଙ୍କ ଉପସ୍ଥିତିରୁ ମୁକ୍ତ ଘୋଷଣା କରିବା ପରେ ଏହି ଅପରେସନକୁ ଜୋରଦାର କରାଯାଇଥିଲା। ସେବେଠାରୁ ସୁରକ୍ଷା କର୍ମଚାରୀମାନେ ବର୍ଷ ବର୍ଷ ଧରି ମାଓବାଦୀମାନଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ନଗଦ ଟଙ୍କା ଠାବ କରିବା ପାଇଁ ବସ୍ତର ଅଞ୍ଚଳରେ ତଲାସୀ ଅଭିଯାନ ଚଳାଇଛନ୍ତି।

## ଆତଙ୍କୀ ଆକ୍ରମଣରେ ୩ ମୃତ

ମଣିପୁର,୧୩।୫: ବୁଧବାର ମଣିପୁରର କଙ୍ଗପୋକପି ଜିଲ୍ଲାରେ କୋଜିମ୍ ଓ କୋଟଲେନ୍ ମଧ୍ୟରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଆହତ ହୋଇଥିବା ପୁଲିସ ସୂତ୍ରରୁ ପ୍ରକାଶ କରାଯାଇଛି। ମୃତକମାନେ ଥାଡୋ ବାପଟିଷ୍ଟ ଆସୋସିଏସନ (ଟିବିଏ)ର ସଦସ୍ୟ ବୋଲି କୁକି ଆସୋସିଏସନ କହିଛନ୍ତି। ମୃତକମାନଙ୍କ ମଧ୍ୟରେ ଟିବିଏ ନେତା ଭି.ସିଟଲୁ ଅଛନ୍ତି, ଯିଏ ପୂର୍ବରୁ ମଣିପୁର ବାପଟିଷ୍ଟ କନଭେନସନ୍‌ର ସାଧାରଣ ସମ୍ପାଦକ ଥିଲେ। ଚର୍ଚ୍ଚର ସଦସ୍ୟମାନେ ଚୁରାଚାନ୍ଦପୁରରେ ଏକ ଟିବିଏ ବୈଠକରେ ଯୋଗଦେଇ ଫେରୁଥିବା ବେଳେ ସନ୍ଦିଗ୍ଧ ଆକ୍ରମଣକାରୀମାନେ ସେମାନଙ୍କ ଉପରକୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ପାଇଁ କୁକି ଆସୋସିଏନ୍ ନାଗାଲାଣ୍ଡର ନ୍ୟାସନାଲ ସୋସାଲିଷ୍ଟ କାଉନସିଲକୁ ଦାୟୀ କରିଛନ୍ତି।

# ଖୁବ୍‌ଶୀଘ୍ର ନୂଆ ପୁରୀ-କୋରାପୁଟ ଏକ୍ସପ୍ରେସ



- ସପ୍ତାହରେ ତିନି ଦିନ ଯାତ୍ରା
- ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ଭୁବନେଶ୍ୱର,୧୩।୫ (ସଂଚାର ବ୍ୟୁରୋ): ପୁରୀରୁ କୋରାପୁଟକୁ ଖୁବଶୀଘ୍ର ଚାଲିବ ଏକ ନୂଆ ଏକ୍ସପ୍ରେସ୍ ଟ୍ରେନ। କେନ୍ଦ୍ର ରେଳ ମନ୍ତ୍ରଣାଳୟ ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ନୂତନ ଟ୍ରେନ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଟ୍ରେନ୍‌ଟି ପୁରୀରୁ ସମ୍ବଲପୁର ଦେଇ କୋରାପୁଟ ଯିବ। ଏହି ନୂଆ ଟ୍ରେନ ଯୋଗୁଁ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ରେଳ ଯୋଗାଯୋଗ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋରାପୁଟ ଓ ସମ୍ବଲପୁର ଅଞ୍ଚଳରୁ ପୁରୀକୁ ଅଧିକ ତୀର୍ଥଯାତ୍ରୀ ମଧ୍ୟ ଆସିପାରିବେ। ଏହି ଟ୍ରେନ୍ ସପ୍ତାହକୁ ତିନି ଥର ଚାଲିବ। ଟ୍ରେନ ନମ୍ବର ୧୮୪୦୭ ➪ପୃଷ୍ଠା-୬

# ଇସ୍କନର ମନମାନୀ ଜାରି

- ୧୬ରେ ଫ୍ଲୋରିଡାରେ ରଥଯାତ୍ରା ପ୍ରସ୍ତୁତି
- ତାଗିଦ ସତ୍ତ୍ୱେ ସୁଧୁରୁନି



ଭୁବନେଶ୍ୱର, ୧୩।୫ (ସଂଚାର ବ୍ୟୁରୋ): ବାରମ୍ବାର ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଭାଙ୍ଗୁଛନ୍ତି ଇସ୍କନ କର୍ତ୍ତୃପକ୍ଷ। ମନଇଛା ଯେଉଁ ଦିନ ହେଲା ରଥଯାତ୍ରା କରୁଛନ୍ତି। ସ୍ନାନଯାତ୍ରା ବି କରୁଛନ୍ତି। ଏବେ ପୁଣି ଆମେରିକାରେ ରଥଯାତ୍ରା କରିବାକୁ ପ୍ରସ୍ତୁତି ଚଳାଇଛି ଏହି ଅନ୍ତର୍ଜାତୀୟ ସଂଗଠନ। ତାଗିଦ୍ ସତ୍ତ୍ୱେ ଅଦିନରେ ରଥଯାତ୍ରା ଆୟୋଜନ କରି କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଆଘାତ ପହଞ୍ଚାଉଛନ୍ତି ଇସ୍କନ କର୍ତ୍ତୃପକ୍ଷ।

କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣି ଜଗନ୍ନାଥଙ୍କ ପରମ୍ପରା ସହ ଖେଳି ଖୁସି ମନାଉଛି ଇସ୍କନ। ଜାଣି ଶୁଣି ବାରମ୍ବାର ଦେଶ ବାହାରେ ଆୟୋଜିତ ହେଉଛି ରଥଯାତ୍ରା। ଗତ ମାସରେ ଆମେରିକାର ହ୍ୟୁଷ୍ଟନ ଓ ଅଷ୍ଟ୍ରେଲିଆର ବ୍ରିସବେନରେ ରଥଯାତ୍ରା ପାଳନ କରିଥିବା ବେଳେ ଚଳିତ ମାସରେ ପୁଣି ଫ୍ଲୋରିଡ଼ାରେ ଆଉ ଏକ ରଥଯାତ୍ରା ପାଇଁ ଯୋଜନା କରିଛନ୍ତି ଇସ୍କନ କର୍ତ୍ତୃପକ୍ଷ। ଇସ୍କନ ପକ୍ଷରୁ ଆମେରିକାରେ ଏହି ଯାତ୍ରା ପାଇଁ ନିମନ୍ତ୍ରଣପତ୍ର ବଣ୍ଟାଯାଇଛି। ଉକ୍ତ ନିମନ୍ତ୍ରଣ ପତ୍ରରେ ସ୍ପଷ୍ଟ ଭାବେ ଲେଖାଯାଇଛି, ମେ' ୧୬ ତାରିଖରେ ➪ପୃଷ୍ଠା-୬



## କାନ ଡେରିଥା

ଜିତୁ ମୁଣ୍ଡା ଏଠି ଅଛନ୍ତି ଅନେକ
ଖୋଜିଲେ ଆହୁରି ମିଳିବେ
ଗରିବ ଏଇଠି ସମସ୍ତଙ୍କ ଶାଳୀ
ଜାଣିଲେ ନିହାତି ଭାବିବେ
ଭୋଟ୍‌ଟା କିନ୍ତୁ ମାଗିବେ...
ହାତୀ ଦେଇଦେବେ ଘୋଡ଼ା
ଦେଇଦେବେ
ପୂର୍ବରୁ ନେତାଏ କହିବେ ।

■ ଦେବାଶିଷ

### ଅନିଶ୍ଚିତତାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ନିଯୁକ୍ତି

# ଖର୍ଚ୍ଚକାଟ ପାଇଁ ପଡ଼ିପାରେ ପୂର୍ଣ୍ଣଚ୍ଛେଦ

### ଆଶାୟୀଙ୍କ ମଧ୍ୟରେ ହତାଶା ଭାବ




ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ବୈଶ୍ୱିକ ସଙ୍କଟର ମୁକାବିଲା ଲାଗି ଉଭୟ ଜାତୀୟ ଓ ରାଜ୍ୟ ସ୍ତରରେ ସରକାରୀ ସ୍ତରରେ ବ୍ୟାପକ ଖର୍ଚ୍ଚକାଟ୍ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ନିଯୁକ୍ତି ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନିଜେ ନିଜର କାରକେଡ୍ ଗାଡ଼ି ସଂଖ୍ୟା ହ୍ରାସ କରିଥିବାରୁ ରାଜକୋଷ ଉପରେ ଚାପ ପଡ଼ିଲା ଭଳି କୌଣସି ପଦକ୍ଷେପ ସରକାର ନେବେନାହିଁ ବୋଲି ଆଲୋଚନା ଆରମ୍ଭ ହୋଇଥିବା ବେଳେ ନୂଆ ମନ୍ତ୍ରୀ ପଦ ଓ ନିଗମ ନିଯୁକ୍ତି ପାଇବା ପାଇଁ ପାଗ ଭିଡ଼ିଥିବା ଆଶାୟୀମାନେ ଏବେ ହତାଶ ହେବାରେ ଲାଗିଛନ୍ତି।

ଦୁଇ ବର୍ଷ ଧରି ମନ୍ତ୍ରୀ ପଦଟିଏ ପାଇବା ପାଇଁ ବିଧାୟକମାନେ ଚାହିଁ ବସିଥିବା ବେଳେ ଦଳୀୟ କର୍ମକର୍ତ୍ତାମାନେ ସରକାରୀ ନିଗମ ଓ ଅନ୍ୟାନ୍ୟ ସଂସ୍ଥାରେ ନିଯୁକ୍ତି ପାଇବେ ବୋଲି ଆଶା କରିଥିଲେ। ବିଶେଷକରି ପଶ୍ଚିମବଙ୍ଗରେ ବିଜେପି କ୍ଷମତାକୁ ଆସିବା ଓ ଓଡ଼ିଶାର ଅନେକ ବିଜେପି ନେତା ଓ କର୍ମକର୍ତ୍ତା ସେଠାରେ ଜୋରଦାର ପ୍ରଚାର କରିଥିବାରୁ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆସନ୍ତା ମାସରେ ନୂଆ ପଦ ମିଳିବ ବୋଲି ଆଲୋଚନା ଜୋର୍ ଧରିଥିଲା।

ରାଜ୍ୟ ମନ୍ତ୍ରିମଣ୍ଡଳରେ ୬ଟି ମନ୍ତ୍ରୀ ପଦ ଖାଲି ପଡ଼ିଥିବାରୁ ଏହି ସ୍ଥାନ ପାଇବା ପାଇଁ ବିଧାୟକମାନଙ୍କ ମଧ୍ୟରେ ଏକପ୍ରକାର ଧାଁଦଉଡ଼ ଆରମ୍ଭ ହୋଇଯାଇଥିଲା। ଏପରିକି ଯେଉଁସବୁ ଜିଲ୍ଲାରେ ମନ୍ତ୍ରୀ ନାହାନ୍ତି, ସେହି ଜିଲ୍ଲାର ବିଧାୟକମାନେ ଅଧିକ ଆଶାବାଦୀ ଥିଲେ। ଏଥିସହ ବିଧାନସଭାରେ ଭଲ ପ୍ରଦର୍ଶନ କରୁଥିବା ବିଧାୟକ ଓ ପଶ୍ଚିମବଙ୍ଗ ନିର୍ବାଚନରେ ଝାଳ ବୁହାଇଥିବା କିଛି ➪ପୃଷ୍ଠା-୬

### ନିଟ୍ ପେପର୍ ଲିକ୍ ମାମଲା

# ସିବିଆଇ ପଞ୍ଝାରେ ଆଉ ୪ ଅଭିଯୁକ୍ତ



ନୂଆଦିଲ୍ଲୀ,୧୩।୫: ନିଟ୍-ୟୁଜି ୨୦୨୬ ପରୀକ୍ଷା ପେପର୍ ଲିକ୍ ଘଟଣା ନେଇ ସମଗ୍ର ଦେଶରେ ବ୍ୟାପକ ପ୍ରତିକ୍ରିୟା ସୃଷ୍ଟି ହୋଇଥିବା ବେଳେ ଏହି ମାମଲାର ତଦନ୍ତ ସିବିଆଇ ହାତକୁ ନେଇଛି। ଏହି ପେପର୍ ଲିକ୍ ଘଟଣା ସହ ଜଡ଼ିତ ୪ ଜଣ ଅଭିଯୁକ୍ତଙ୍କୁ ଆଜି ସିବିଆଇ ଗିରଫ କରିଛି। ଏଥିସହ ଏହି ମାମଲାରେ ମୋଟ ଗିରଫଦାରୀ ସଂଖ୍ୟା ୫ରେ ପହଞ୍ଚିଛି। ଆଜି ଦେଶର ବିଭିନ୍ନ ସ୍ଥାନରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ମାମଲା ସହ ଜଡ଼ିତ ଅନେକଙ୍କୁ ପଚରାଉଚରା ମଧ୍ୟ କରାଯାଉଛି। ଏହି ମାମଲାରେ ତିନି ଭାଇ ମାଙ୍ଗିଲାଲ୍ ବିୱାଲ୍, ବିକାଶ ବିୱାଲ୍ ଓ ଦୀନେଶ ବିୱାଲ୍‌ଙ୍କୁ ଜୟପୁରରୁ ସିବିଆଇ ନିଜ ହେପାଜତକୁ ନେଇ ପଚରାଉଚରା କରୁଛି। ସେହିପରି ଗୁରଗ୍ରାମ୍‌ରୁ ଯଶ ଯାଦବଙ୍କୁ ଗିରଫ କରାଯାଇଛି। ଗତକାଲି ଏହି ମାମଲାରେ ମହାରାଷ୍ଟ୍ରର ନାସିକ୍‌ରୁ ଶୁଭମ୍ ଖୈରନାର୍‌ଙ୍କୁ ସିବିଆଇ ନିଜ ହେପାଜତକୁ ନେଇଥିଲା। ସେହିପରି ମହାରାଷ୍ଟ୍ର ପୁଲିସ୍ ମଧ୍ୟ ଦୁଇ ଜଣଙ୍କୁ ଅଟକ ରଖିଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ସିବିଆଇକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ସେମାନେ ହେଲେ ବିବନେୱାଡିର ବିଉଟି ସାଲୋନ୍ ମାଲିକ ➪ପୃଷ୍ଠା-୬

# ବିପଦରେ କି ଭାରତୀୟ ଅର୍ଥନୀତି?

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ପ୍ରତି ଦେଶବାସୀଙ୍କୁ ଏକ ଅସାଧାରଣ ଆହ୍ୱାନ ଦେଇଛନ୍ତି। ଏକ ବର୍ଷ ପାଇଁ ସୁନା କିଣନ୍ତୁ ନାହିଁ, ପେଟ୍ରୋଲ ଓ ଡିଜେଲ୍ ବ୍ୟବହାର କମ୍ କରନ୍ତୁ, କାରପୁଲିଙ୍ଗ୍ କରନ୍ତୁ, ପବ୍ଲିକ୍ ଟ୍ରାନ୍ସପୋର୍ଟ ଓ ଇଲେକ୍ଟ୍ରିକ୍ ଯାନ ବ୍ୟବହାର କରନ୍ତୁ, ୱର୍କ ଫ୍ରମ୍ ହୋମ୍ ପୁନଃ ଆରମ୍ଭ କରନ୍ତୁ ଏବଂ ବିଦେଶ ଯାତ୍ରା କମ୍ କରନ୍ତୁ। ଏହି ଆହ୍ୱାନ କେବଳ ଏକ ସାଧାରଣ ପରାମର୍ଶ ନୁହେଁ; ଏହା ବିଶ୍ୱ ପରିସ୍ଥିତିର ଏକ ଗମ୍ଭୀର ସଙ୍କେତ ଏବଂ ଭାରତୀୟ ଅର୍ଥନୀତିର ବର୍ତ୍ତମାନର ଚାପକୁ ପ୍ରତିଫଳିତ କରୁଛି। ପଶ୍ଚିମ ଏସିଆରେ ଉତ୍ତେଜନା ଓ ହର୍ମୁଜ୍ ପ୍ରଣାଳୀର ବ୍ୟାଘାତ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇ ପ୍ରାୟ ବାରେଲ ପିଛା ୧୨୦-୧୨୬ ଡଲାରରେ ପହଞ୍ଚିଛି। ଏହା ଭାରତର ଆମଦାନି ପାଣ୍ଠି ଓ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ ସୃଷ୍ଟି କରୁଛି।

ଭାରତ ପ୍ରାୟ ୮୫% ତୈଳ ଆମଦାନି କରେ। ଗତ ଆର୍ଥିକ ବର୍ଷରେ ଅଶୋଧିତ ତୈଳ ଆମଦାନି ପାଇଁ ପ୍ରାୟ ୧୩୫ ବିଲିୟନ୍ ଡଲାର୍ ଖର୍ଚ୍ଚ ହୋଇଥିଲା। ସୁନା ଆମଦାନି ମଧ ରେକର୍ଡ ୭୨ ବିଲିୟନ୍ ଡଲାର୍ ପହଞ୍ଚିଛି, ଯାହା ପୂର୍ବ ବର୍ଷଠାରୁ ୨୪% ଅଧିକ। ଏହି ଦୁଇଟି ମିଶି ଅର୍ଥନୀତିର ବହୁତ ବଡ଼ ଅଂଶ ବିଦେଶୀ ମୁଦ୍ରା ବ୍ୟୟ କରୁଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଏହି ଆମଦାନି-ନିର୍ଭରତା ଓ ବିଦେଶୀ ମୁଦ୍ରା ସଞ୍ଚୟକୁ ରକ୍ଷା କରିବାର ଏକ ରଣନୀତି। ସୁନା କେବଳ ଏକ ବିଳାସ ବସ୍ତୁ ନୁହେଁ; ଏହା ଭାରତୀୟ ସଂସ୍କୃତିର ଅଂଶ, କିନ୍ତୁ ଏହାର ଆମଦାନି ବାଣିଜ୍ୟ ଅର୍ଥନୀତି ଓ ଟଙ୍କାର ମୂଲ୍ୟ ଉପରେ ଚାପ ପକାଏ। ଏକ ବର୍ଷ ପାଇଁ ଏହା ସ୍ଥଗିତ ରଖିବା ଦ୍ୱାରା ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବ।




ଇନ୍ଧନ ସଞ୍ଚୟ ମଧ ଏକାଧିକ ଲାଭ ଦେବ। ପବ୍ଲିକ୍ ଟ୍ରାନ୍ସପୋର୍ଟ, କାରପୁଲିଙ୍ଗ୍, ଇଭି ଓ ୱର୍କ ଫ୍ରମ୍ ହୋମ୍ ଦ୍ୱାରା ପେଟ୍ରୋଲ-ଡିଜେଲ୍ ବ୍ୟବହାର କମ୍ କରିବା କେବଳ ବ୍ୟକ୍ତିଗତ ଖର୍ଚ୍ଚ କମ୍ କରିବ ନାହିଁ, ବରଂ ଜାତୀୟ ସ୍ତରରେ ବିଦେଶୀ ମୁଦ୍ରା ସଞ୍ଚୟ କରିବ। କୋଭିଡ୍ ସମୟର ଅଭ୍ୟାସକୁ ପୁନଃ ଫେରାଇ ଆଣିବା ଦ୍ୱାରା ପରିବେଶ ସୁରକ୍ଷା ମଧ ହେବ। ଏହା ସ୍ୱଦେଶୀ ଉତ୍ପାଦ ବ୍ୟବହାର, ପ୍ରାକୃତିକ କୃଷି ଓ ଖାଦ୍ୟ ତୈଳ ବ୍ୟବହାର ହ୍ରାସ ପାଇଁ ମଧ ଆହ୍ୱାନ ଦେଇଛି, ଯାହା ସମଗ୍ର ଆମଦାନି ନିର୍ଭରତା କମ୍ କରିବ।

ଏଭଳି ଆହ୍ୱାନ ପରେ ପ୍ରଶ୍ନ ଉଠୁଛି ଅର୍ଥନୀତି କ'ଣ ବିପଦରେ ଅଛି? ପୂର୍ଣ୍ଣ ଅର୍ଥରେ ନୁହେଁ, କିନ୍ତୁ ଚାପ ନିଶ୍ଚିତ ଭାବେ ଅଛି। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଏପର୍ଯ୍ୟନ୍ତ ଶକ୍ତିଶାଳୀ, କିନ୍ତୁ ଉଚ୍ଚ ତୈଳ ମୂଲ୍ୟ ଯୋଗୁଁ ଚଳନ୍ତି ହିସାବ ବୃଦ୍ଧି ପାଇପାରେ। ଗତ ଆର୍ଥିକ ବର୍ଷରେ ବାଣିଜ୍ୟ ଚାପ ବୃଦ୍ଧି ପାଇଛି ଓ ଟଙ୍କା ମୂଲ୍ୟ ହ୍ରାସ ପାଉଛି। ଯଦି ସଙ୍କଟ ଦୀର୍ଘସ୍ଥାୟୀ ହୁଏ, ତେବେ ଇନ୍ଧନ ମୂଲ୍ୟ ବୃଦ୍ଧି, ମୂଲ୍ୟବୃଦ୍ଧି ଓ ଅର୍ଥନୈତିକ ବୃଦ୍ଧି ମନ୍ଥର ହୋଇପାରେ। କିନ୍ତୁ ଭାରତର ଶକ୍ତି ହେଉଛି ଏହାର ବିବିଧତା, ସେବା କ୍ଷେତ୍ର, ଆଇଟି, ରପ୍ତାନି ବୃଦ୍ଧି ଓ ଡିଜିଟାଲ୍ ଅର୍ଥନୀତି। ସରକାର ପୂର୍ବରୁ ତୈଳ ସଞ୍ଚୟ, ନବୀକରଣଯୋଗ୍ୟ ଶକ୍ତି ଓ ଆତ୍ମନିର୍ଭର ଭାରତ ଦିଗରେ କାର୍ଯ୍ୟ କରୁଛି।

ଏହି ଆହ୍ୱାନ ଦେଶବାସୀଙ୍କ ମଧରେ ଜାତୀୟ ଦାୟିତ୍ୱବୋଧ ଜାଗ୍ରତ କରୁଛି। କୋଭିଡ୍ ସମୟରେ ଯେପରି ଆମେ ଏକତ୍ରିତ ହୋଇ ଲଢ଼ିଥିଲୁ, ସେହିପରି ଏହି ଗ୍ଲୋବାଲ୍ ସଙ୍କଟରେ ମଧ ଛୋଟ ଛୋଟ ପଦକ୍ଷେପ ବଡ଼ ପରିବର୍ତ୍ତନ ଆଣିପାରିବ। ସୁନା କିଣା ସ୍ଥଗିତ ରଖିବା ବିବାହ ଓ ଉତ୍ସବର ମର୍ଯ୍ୟାଦା କମ୍ କରିବ ନାହିଁ; ବରଂ ଏହା ଦେଶର ସ୍ଥିରତା ପାଇଁ ଏକ ଅବଦାନ ହେବ। ସରକାର ମଧ ଦାୟିତ୍ୱ ନେବା ଉଚିତ୍ — ଆମଦାନି ବିବିଧୀକରଣ, ଘରୋଇ ତୈଳ ଉତ୍ପାଦନ ବୃଦ୍ଧି ଓ ଇଭି ସମର୍ଥନ।

ଶେଷରେ, ଏହି ଆହ୍ୱାନ ଏକ ସତର୍କତା ଓ ପ୍ରସ୍ତୁତିର ସଙ୍କେତ। ଭାରତୀୟ ଅର୍ଥନୀତି ଦୃଢ଼ ଆଧାର ଉପରେ ଆଧାରିତ, କିନ୍ତୁ ବିଶ୍ୱ ପରିସ୍ଥିତି ଅନିଶ୍ଚିତ। ପ୍ରତ୍ୟେକ ନାଗରିକଙ୍କ ଛୋଟ ତ୍ୟାଗ ଓ ସଚେତନତା ଦେଶକୁ ମଜବୁତ କରିବ। ଆତ୍ମନିର୍ଭରତା ହିଁ ପ୍ରକୃତ ସ୍ୱାଧୀନତା। ଏହି ସଙ୍କଟ ଆମକୁ ଆଉ ଏକ ଥର ମନେ ପକାଉଛି ଯେ, ବ୍ୟକ୍ତିଗତ ସମୃଦ୍ଧି ଓ ଜାତୀୟ ସ୍ଥିରତା ଏକାଠି ଚାଲେ। ଦେଶ ଏହି ପ୍ରତିବନ୍ଧକକୁ ସୁଯୋଗରେ ପରିଣତ କରି ଆଗକୁ ବଢ଼ିବ ବୋଲି ଆଶା କରାଯାଉଛି।

# ଡିଜିଟାଲ ସାକ୍ଷରତା ଏବଂ ନୈତିକ ଶୂନ୍ୟତା

**ଗୋପାଳ ମହାପାତ୍ର**



କୌଣସି ରାଷ୍ଟ୍ରର ନିୟତି ତାର ଶିକ୍ଷା ବ୍ୟବସ୍ଥାରୁ ଜଣାପଡ଼ିଥାଏ। ଭାରତ ଏକଦା ବିଶ୍ୱଗୁରୁ ଭାବେ ନିଜର ପରିଚୟ ସୃଷ୍ଟି କରିଥିଲା କିନ୍ତୁ ଏବେ କିଂଭୁତ କିମାକାର ବିରୋଧାଭାଷାର ସମୟ ଦେଇ ଗତି କରୁଛି। ଗୋଟିଏ ପଟେ ଆମେ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛେ ବୋଲି କହୁଛେ କିନ୍ତୁ ଅନ୍ୟ ପଟରେ ଆମର ରାଷ୍ଟ୍ରୀୟ ଚରିତ୍ର ଏବଂ ଶିକ୍ଷାର ମୂଲ୍ୟରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳୁଛି। ଯେତେବେଳେ ଆମ ପାଖରେ ସଂସାଧନ ସିମୀତ ଥିଲା ସେତେବେଳେ ଶିକ୍ଷାର ଉଦେଶ୍ୟଥିଲା ଜ୍ଞାନ ଆହରଣ କରିବା ଏବଂ ଚରିତ୍ରବାନ ହେବା। କିନ୍ତୁ ଆଜିର ସମୟରେ ସଂସାଧନ ଅଧିକ ରହିଛି ହେଲେ ଶିକ୍ଷା ଏକ ଉପଭୋକ୍ତା ବସ୍ତୁରେ ପରିଣତ ହୋଇଯାଇଛି। ଇତିହାସ ସାକ୍ଷୀ ରହିଛି ଯେତେବେଳେ ଭାରତ ଆର୍ଥୀକସ୍ତରରେ ଦୁର୍ବଳ ଥିଲା ସେତେବେଳେ ସମାଜରେ ଶିକ୍ଷା ପ୍ରତି ଏକ ପବିତ୍ର ଦୃଷ୍ଟିକୋଣ ଥିଲା। ସେ ସମୟରେ ମନୋରଞ୍ଜନର ସାଧନ ସିମୀତ ଥିଲା ଏବଂ ରୋଜଗାରର ଅବସର ଅଧିକ ନଥିଲା ଏଣୁ ଶିକ୍ଷାକୁ ଜୀବନର ଏକମାତ୍ର ଉଦ୍ଧାରର ମାର୍ଗ ଭାବେ ବିବେଚନା କରାଯାଉଥିଲା। ସେ ସମୟରେ ଧନୀ-ଗରୀବ ସବୁ ପିଲାଏ ଗୋଟିଏ କକ୍ଷରେ ଶିକ୍ଷା ଗ୍ରହଣ କରୁଥିଲେ। ଶିକ୍ଷା ସାମାଜିକ ମାନ୍ୟତାର ଆଧାର ଥିଲା।

ସେ ସମୟରେ ଶିକ୍ଷକ କେବଳ ମାତ୍ର କର୍ମଚାରୀ ନଥିଲେ ବରଂ ସମାଜର ନୈତିକ ମାର୍ଗଦର୍ଶକ ଥିଲେ। ତାଙ୍କର ଧନ ସମ୍ପତ୍ତିକୁ ନେଇ ନୁହେଁ ବରଂ ତାଙ୍କର ଜ୍ଞାନ ଏବଂ ଚରିତ୍ର ପାଇଁ ତାଙ୍କୁ (ଶିକ୍ଷକଙ୍କୁ) ସମ୍ମାନ ଦିଆଯାଉଥିଲା। ଆର୍ଥୀକ ଉଦାରୀକରଣ ଏବଂ ବୈଶୟିକ ଜ୍ଞାନ କୌଶଳ (ଟେକନିକ୍)ର ବିସ୍ତାର ସମାଜର ଏକ ବଡ଼ ବର୍ଗଙ୍କ ପାଇଁ ଏବେ ବିନା ଔପଚାରିକ ଶିକ୍ଷାରେ ଆଜୀବିକାର ରାସ୍ତା ଖୋଲିଦେଇଛି। ଏବେ ଓଲା- ଉବେର, ଜୋମାଟୋ- ସ୍ୱିଗି ଭଳି ସଂସ୍ଥା ଏବଂ ହଜାର ହଜାର ସୋରୁମ୍‌ରେ ସେଲସମ୍ୟାନ୍ ବା ଡ଼େଲିଭରି ବୟ ଭାବରେ କାର୍ଯ୍ୟକରି ରୋଜଗାର କରିବା ସହଜ ହୋଇଯାଇଛି। ଯୁବବର୍ଗ ଭାବିଲେଣି ଯଦି ସେମାନେ ୧୦ମ ବା ଯୁକ୍ତ ଦୁଇ ପାଠ ସରିବା ପରେ ୧୫ରୁ ୨୦ ହଜାର ମାସିକ ରୋଜଗାର କରିବା ପାଇଁ ସକ୍ଷମ ତେବେ ଉଚ୍ଚଶିକ୍ଷା ଏବଂ ଚରିତ୍ର ନିର୍ମାଣର ଜଟିଳ ପ୍ରକ୍ରିୟାରେ ସମୟ ନଷ୍ଟ କରିବେ କାହିଁକି? ସାମାଜିକ ଗଣମାଧ୍ୟମ (ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ହ୍ୱାଟସଆପ୍) ଭଳି ମଞ୍ଚ ମଧ୍ୟ ଏ ଭଳି କଥାକୁ ପ୍ରସାରିତ କରୁଛନ୍ତି। ଲୋକେ ରିଲ୍ ଏବଂ ପୋଷ୍ଟକୁ ଅନ୍ତିମ ସତ୍ୟ ବୋଲି ମାନ ନେଉଛନ୍ତି ଯାହା ଫଳରେ ସେମାନଙ୍କର ଆଲୋଚନାତ୍ମକ ବିଚାର ବା ଚିନ୍ତା ସମାପ୍ତ ହୋଇଯାଇଛି।

ଶିକ୍ଷାର ବ୍ୟବସାୟୀ କରଣ ଏବଂ ଆର୍ଥୀକ ସମ୍ପନ୍ନତା ଶିକ୍ଷାକୁ ଦୁଇ ଭାଗରେ ବାଣ୍ଟିଦେଇଛି। ଧନୀକ ବର୍ଗଙ୍କ ପାଇଁ ଶିକ୍ଷା ଏକ ଆଡ଼ମ୍ବରର ବସ୍ତୁ ପାଲଟିଯାଇଛି। ଉଚ୍ଚହାରର ଫିସ ଦେଇ ଡ଼ିଗ୍ରୀ କିଣାଯାଇପାରେ କିନ୍ତୁ ସଂସ୍କାର, ଅନୁଶାସନ ଏବଂ ବାସ୍ତବିକ ଜ୍ଞାନର ଅଭାବ ରହିଯାଇଥାଏ। ଶିକ୍ଷାର ଉଦେଶ୍ୟ ଏକ ଆଭିଯାତ୍ୟର ସିମ୍ବଲ ହୋଇଗଲାଣି। ସରକାରୀ ସ୍କୁଲ ସବୁର ଅବ୍ୟବସ୍ଥା ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କର ମହଙ୍ଗା ଫିସ୍ ମଧ୍ୟରେ ଗରୀବ ପିଲାମାନେ କେବଳ କାମଚଳା ସାକ୍ଷରତା ପର୍ଯ୍ୟନ୍ତ ସିମୀତ ହୋଇ ରହିଯାଉଛନ୍ତି। ଟେକନିକର ବିକାଶ କାରଣରୁ ଗୁରୁ ଶିଷ୍ୟ ପରମ୍ପରାର ଅନ୍ତ ଘଟିଛି। ଅନ୍‌ଲାଇନ୍ ଶିକ୍ଷା ଏବଂ ଗୁଗୁଲ ଏବଂ ଜିଜ୍ଞାସା ବା ଜାଣିବାର ଇଚ୍ଛାକୁ ସୁଗମ ଓ ସୁଲଭ କରିଦେଇଛି କିନ୍ତୁ ଜ୍ଞାନ ଏବଂ ବୋଧକୁ ଛଡାଇ ନେଇଛି। ଅନଲାଇନରେ ପରୀକ୍ଷା କରାଯାଉଛି ଓ ଡ଼ିଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି। ମିଳୁଥିବା ଏହି ଡିଗ୍ରୀ ଖଣ୍ଡେ କାଗଜ ଠାରୁ ଅଧିକ କିଛି ନୁହେଁ। ଏଥିରେ ଶିକ୍ଷାଲାଭ କରିବାର ତପସ୍ୟା ଏବଂ ଅନୁଶାସନ ନଥାଏ ଯାହା ଗୁରୁଙ୍କ ସାନିଧ୍ୟରୁ ପ୍ରାପ୍ତ ହୋଇଥାଏ।

ଏବେ ଶିକ୍ଷକ (ଗୁରୁ)ଙ୍କୁ ସର୍ଭିସ ପ୍ରୋଭାଇଡ଼ର ବା ସେବା ପ୍ରଦାନକାରୀ ବୋଲି ମାନ ନିଆଯାଉଛି। ଶିକ୍ଷକ ମାନଙ୍କୁ ଶିକ୍ଷା ଦାନ ପରିବର୍ତ୍ତେ ଅନେକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଯେତେବେଳେ ଶିକ୍ଷାର ଉଦେଶ୍ୟ କେବଳ ରୋଜଗାର ବା ଗୁଜୁରାଣ ମେଣ୍ଟାଇବା ଭିତରେ ରହିଯାଏ ସେତେବେଳେ ରାଷ୍ଟ୍ରୀୟ ଚରିତ୍ରର ପତନ ସୁନିଶ୍ଚିତ ହୋଇଥାଏ। ଆଜିକାଲି ସବୁଠି ଅନୁଶାସନହୀନତା ଦେଖିବାକୁ ମିଳୁଛି। ଏକ ତୁଳନାତ୍ମକ ଅଧ୍ୟୟନରୁ ସ୍ପଷ୍ଟ ଯେ ଜାପାନ, ଜର୍ମାନ ଏବଂ ଚୀନ ଭଳି ଦେଶ ଆମଠାରୁ ଆଗରେ ରହିବାର କାରଣ କେବଳ ଧନ ବା ଆର୍ଥୀକ ବ୍ୟବସ୍ଥା ନୁହେଁ ବରଂ ଅନୁଶାସନ ଏବଂ ରାଷ୍ଟ୍ରୀୟ ଗୌରବ ସେମାନଙ୍କ ଶିକ୍ଷାର ମୂଳ ଆଧାର ଯେଉଁଥିପାଇଁ ସେମାନେ ଆମ ଆଗରେ ଅଛନ୍ତି। ଆମ ଦେଶରେ କିନ୍ତୁ ଭିନ୍ନ କଥା ରହିଛି। ବ୍ୟକ୍ତିଗତ ସ୍ୱାର୍ଥକୁ ରାଷ୍ଟ୍ରୀୟହିତର ଉପରେ ରଖାଯାଉଛି।

ଆମେ ଟେକନିକ ଏବଂ ଆର୍ଥୀକ ପ୍ରଗତିର ଯୁଗରୁ ପଛକୁ ଫେରିପାରିବା ନାହିଁ କିନ୍ତୁ ବ୍ୟବସ୍ଥାକୁ ତ ସୁଧାରି ପାରିବା। ଆମ ଶିକ୍ଷା ବ୍ୟବସ୍ଥାର ପାଠ୍ୟକ୍ରମରେ ରାଷ୍ଟ୍ରୀୟ ଚରିତ୍ର ନିର୍ମାଣ, ନୈତିକତା ଏବଂ ନାଗରିକର କର୍ତ୍ତବ୍ୟ ବାବଦରେ ଶିକ୍ଷା ଦିଆଯିବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶିକ୍ଷକଙ୍କୁ ସମାଜର ଶୀର୍ଷସ୍ଥାନରେ ସ୍ଥାପିତ କରାଯିବା ଦରକାର। ଶିକ୍ଷକ ମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ମିଳିଲେ ସେମାନେ ଚିନ୍ତାମୁକ୍ତ ହୋଇ ଉତ୍ତମ ଶିକ୍ଷା ପ୍ରଦାନ କରିବାରେ ସମର୍ଥ ହେବେ। ଆର୍ଥୀକ ସମ୍ପନ୍ନତା ସହ ଯଦି ସଂସ୍କାର ଏବଂ ଚରିତ୍ର ନରହିବ ତେବେ ସମାଜର ବିନାଶ ଅବଶ୍ୟମ୍ଭାବୀ। ଆମ ଦେଶରେ ଏମିତି ଏକ ବ୍ୟବସ୍ଥାର ଆବଶ୍ୟକତା ରହିଛି ଯେଉଁଠି ଟେକନିକ୍‌ର ଉପଯୋଗ ରହିବ ଓ ତାସହ ଗୁରୁଙ୍କ ଗରିମା ଏବଂ ଅନୁଶାସନ ମଧ୍ୟ ରହିବ। ଯଦି ଆମେ ଆମ ରାଷ୍ଟ୍ରୀୟ ଚରିତ୍ରକୁ ସୁଧାରି ନପାରିବା ତେବେ ଭବିଷ୍ୟତର ପିଢ଼ୀ କେବଳ ସାକ୍ଷର ହେବେ, ଶିକ୍ଷିତ ହୋଇପାରିବେ ନାହିଁ। ରାଷ୍ଟ୍ରର ବାସ୍ତବିକସ୍ଥିତି ଓ ମଜଭୁତି ଜିଡ଼ିପିରେ ନୁହେଁ ବରଂ ନାଗରିକଙ୍କ ଆଚରଣ ଏବଂ ନୈତିକତାରେ ନିହିତ ରହିଥାଏ।


**ରାମଚନ୍ଦ୍ରପୁର, ରଣପୁର,**
**ମୋବାଇଲ୍:୯୪୩୮୪୫୦୯୪**


# ବୟସ୍କମାନଙ୍କ ରୋଗ ପାର୍କିନସନ୍

**ଡାକ୍ତର ରାଜକିଶୋର ପଣ୍ଡା**




ପ୍ରତିବର୍ଷ ଏପ୍ରିଲ ଏଗାରକୁ ବିଶ୍ୱ ପାର୍କିନସନ୍ ଦିବସ ଓ ଏପ୍ରିଲକୁ ପାର୍କିନସନ୍ ସଚେତନା ମାସ ଭାବେ ବିଶ୍ୱବ୍ୟାପୀ ପାଳନ କରାଯାଇଥାଏ। ବୟସ୍କମାନଙ୍କ କ୍ଷେତ୍ରରେ ଏହା ଏକ ଚିନ୍ତାଜନକ ରୋଗ ଓ ଏଥିରେ ବୃଦ୍ଧଜନଙ୍କର କାର୍ଯ୍ୟ କରିବାର କ୍ଷମତା, ଗତିଶୀଳତା ଓ ମାନସିକ ଦକ୍ଷତା ଆଦି ଦ୍ରୁତ ଭାବରେ ହ୍ରାସ ପାଇଥାଏ। ତେବେ ଏହି ରୋଗର ସମ୍ୟକ ଇତିହାସ, କାରଣ, ନିରାକରଣ ଓ ପରିସଂଖ୍ୟାନର ଆଲୋଚନା ହିଁ ଆମର ଏହି ନିବନ୍ଧର ବିଷୟବସ୍ତୁ।

ପ୍ରଥମେ ଆମେ ଆସିବା ପାର୍କିନସନ୍‌ର ଇତିହାସକୁ। ପ୍ରାଚୀନ ଭାରତୀୟ ଓ ଚୀନର ଶାସ୍ତ୍ରମାନଙ୍କରେ ଏହି ରୋଗର ଲକ୍ଷଣ ବିଷୟରେ ଉଲ୍ଲେଖ ଅଛି। ଆଧୁନିକ ଔଷଧ ବିଜ୍ଞାନକୁ ଦେଖିଲେ, ୧୮୧୭ ମସିହାରେ ଲଣ୍ଡନର ଡାକ୍ତର "ଜେମ୍‌ସ ପାର୍କିନସନ୍" ପ୍ରଥମେ ଏହି ରୋଗଟିକୁ ଆନୁଷ୍ଠାନିକ ଭାବେ ଚିହ୍ନଟ କରିଥିଲେ। ନିଜର ପ୍ରବନ୍ଧ "ଆନ୍ ଏସେ ଅନ୍ ସେକିଙ୍ଗ୍ ପାଲସି"ରେ ସେ ପାର୍କିନସନ ରୋଗର ସବିଶେଷ ଲକ୍ଷଣ ଜନିତ ବିବରଣୀକୁ ଲିପିବଦ୍ଧ କରିଥିଲେ। ମଜାର କଥା ଏହି ଯେ, ଡାକ୍ତର ଜେମସ ରୋଗଟିର ନାମକରଣ କରିଥିଲେ "ପାରାଲିସିସ୍ ଏଜିଟାନସ୍"। ତାଙ୍କ ପରେ ୧୮୬୭ ମସିହାରେ ପ୍ରଖ୍ୟାତ ସ୍ନାୟୁ ରୋଗ ବିଶେଷଜ୍ଞ "ଜିନ୍ ମାର୍ଟିନ୍ ଚାରକୋଟ୍", ଯିଏ କି ପାର୍କିନସନ ବିଷୟରେ ଆହୁରି ଉନ୍ନତ ଧରଣର ଗବେଷଣା କରିଥିଲେ, ଡାକ୍ତର ଜେମ୍‌ସଙ୍କ ସମ୍ମାନରେ ରୋଗଟିକୁ "ପାର୍କିନସନ୍ ଡିଜିଜ୍" ନାମରେ ନାମିତ କଲେ। ୧୮୯୩ ମସିହାରେ ବୈଜ୍ଞାନିକମାନେ ଏହି ବ୍ୟାଧିଟି ମସ୍ତିଷ୍କର "ସବ୍‌ଷ୍ଟାନସିଆ ନାଏଗ୍ରା"ରେ ରୋଗଜନିତ ପରିବର୍ତ୍ତନ ଯୋଗୁଁ ହୋଇଥାଏ ବୋଲି ଦର୍ଶାଇଥିଲେ। ୧୯୧୯ ମସିହାରେ ରୁଷୀୟ ସ୍ନାୟୁ ବିଶେଷଜ୍ଞ "କୋନଷ୍ଟାଣ୍ଟିନ୍", ପାର୍କିନସନରେ ମସ୍ତିଷ୍କରେ ହେଉଥିବା ଅତିକ୍ଷୁଦ୍ର ପରିବର୍ତ୍ତନକୁ ଚିହ୍ନଟ କରିବା ସହିତ ଏହାକୁ "ଲିୱି ବଡି" ନାମରେ ନାମକରଣ କରିଥିଲେ। ୧୯୬୭ ମସିହାରେ "ଆର୍ଭିଡ଼ କାର୍ଲସନ୍" ପାର୍କିନସନ୍‌ର ମୁଖ୍ୟ କାରଣକୁ "ଡୋପାମିନ"ର ଅଭାବ ବୋଲି ପ୍ରମାଣିତ କରିବା ସହିତ ଏହାର ଔଷଧ "ଲିଭୋଡୋପା"କୁ ପ୍ରସ୍ତୁତ କରିଥିଲେ। ପରିଶେଷରେ ୧୯୯୭ ମସିହାରେ ଏହି ରୋଗର ଆନୁବଂଶିକ କାରଣ ଜଣାପଡ଼ିବା ସହ, ଏହାର ଏକ ଶଲ୍ୟ ଚିକିତ୍ସା ପଦ୍ଧତି (ଝଙ୍କକ୍ସଶସମବକ୍ଷ ଞକ୍ସରବକ୍ସଜ୍ଞରଭକ୍ସ), "ଡିପ୍ ବ୍ରେନ୍ ଷ୍ଟିମୁଲେସନ୍"କୁ ଅନୁମତି ପ୍ରଦାନ କରାଗଲା।

ଆସିବା କାରଣକୁ। ପାର୍କିନସନର ପ୍ରମୁଖ କାରଣ ହେଉଛି ଡୋପାମିନ୍‌ର ଅଭାବ। ଏହି ଡୋପାମିନ, ମନୁଷ୍ୟ ଶରୀର ପାଇଁ ଏକ ଆବଶ୍ୟକ ହରମୋନ୍ ଅଟେ। ଆମ ଶରୀରରେ ଦେଖାଯାଉଥିବା ଗତିଶୀଳତା, ସ୍ମରଣ ଶକ୍ତି, ଧ୍ୟାନ ଶକ୍ତି, ଉତ୍ସାହ, ଆନନ୍ଦ ନିମନ୍ତେ ଏହି ଡୋପାମିନ୍ ନିତାନ୍ତ ଜରୁରୀ। ଏହା କମିଗଲେ ମନ ଭାରାକ୍ରାନ୍ତ ହେବା ସହ ଶରୀର ମଧ୍ୟ ହାଲିଆ ହୋଇଯାଇଥାଏ ଓ କାମ କରିବାର ସ୍ପୃହା ହ୍ରାସ ପାଇଥାଏ। ପାର୍କିନସନରେ ମସ୍ତିଷ୍କରେ ଡୋପାମିନ୍ ପ୍ରସ୍ତୁତ କରୁଥିବା ସ୍ନାୟୁ କୋଷମାନେ ନଷ୍ଟ ହୋଇଯାଇଥାନ୍ତି। ଏହି ସ୍ନାୟୁକୋଷମାନଙ୍କର ଉପସ୍ଥିତି ହେଉଛି ମସ୍ତିଷ୍କର "ସବ୍‌ଷ୍ଟାନସିଆ ନାଏଗ୍ରା"। କାଳକ୍ରମେ ଏହି ନଷ୍ଟ ହୋଇଯାଇଥିବା ସ୍ନାୟୁକୋଷମାନଙ୍କ ମଧ୍ୟରେ ଏକ ଅସ୍ୱାଭାବିକ ବା ତ୍ରୁଟିଯୁକ୍ତ ପ୍ରୋଟିନର ସୃଷ୍ଟି ହୋଇଥାଏ। ଏହି ପ୍ରୋଟିନଟି ହେଉଛି "ଆଲ୍‌ଫା- ସାଇନ୍ୟୁକ୍ଲିନ୍"। ଏହି ପ୍ରୋଟିନର ଜମାକୁ କୁହାଯାଏ "ଲିୱି କୋଷ" ବା "ଲିୱି ବଡି"।

ଏହି ରୋଗର ଦ୍ୱିତୀୟ କାରଣ ହେଉଛି କିଛି ନିର୍ଦ୍ଦିଷ୍ଟ ଜିନ୍‌ରେ ପରିବର୍ତ୍ତନ ବା ମ୍ୟୁଟେସନ୍। ଏହି ଜିନ୍‌ଗୁଡ଼ିକ ହେଉଛନ୍ତି, ଝଘଡଇ, ଖଜଜକ୨, ଚଇଜକ୭ ଇତ୍ୟାଦି। ଏହି କାରଣଟି କିନ୍ତୁ ଅତ୍ୟନ୍ତ ବିରଳ ଓ ଏହା ଯୋଗୁଁ ମାତ୍ର ପନ୍ଦର ପ୍ରତିଶତ ପାର୍କିନସନ ହୋଇଥାଏ। ତୃତୀୟରେ ପରିବେଶ ଜନିତ କାରଣ। ବିଭିନ୍ନ ବିଷାକ୍ତ ପଦାର୍ଥ ଯେପରିକି କୀଟନାଶକ, ପ୍ରଦୂଷିତ ବାୟୁ, କଳକାରଖାନାରୁ ନିର୍ଗତ ବିଭିନ୍ନ ବର୍ଜ୍ୟବସ୍ତୁ ସଂସ୍ପର୍ଶରେ ଆସିଲେ ମଧ୍ୟ ଏହି ରୋଗ ହୋଇଥାଏ। ସାଧାରଣତଃ ବୟସ ବଢ଼ିବା ସହିତ ଏହି ରୋଗରେ ପୀଡ଼ିତ ହେବାର ସମ୍ଭାବନା ବଢ଼ିଯାଇଥାଏ। ଅଧିକାଂଶ କ୍ଷେତ୍ରରେ ଏହା ଷାଠିଏ ବର୍ଷରୁ ଅଧିକ ବୟସର ଲୋକଙ୍କୁ ଆକ୍ରାନ୍ତ କରିଥାଏ ଓ ତୁଳନାତ୍ମକ ଭାବରେ ପୁରୁଷମାନେ ମହିଳାମାନଙ୍କ ଅପେକ୍ଷା ଏହି ରୋଗରେ ବେଶୀ ପ୍ରଭାବିତ ହୋଇଥାନ୍ତି। ଏହି ରୋଗର ପ୍ରମୁଖ ଲକ୍ଷଣମାନ ହେଉଛି- ଥରିବା (ହାତ, ଆଙ୍ଗୁଠି ପ୍ରଭୃତି), ଗତିଶୀଳତାରେ ହ୍ରାସ, ମାଂସପେଶୀଗୁଡ଼ିକର ଅନମନୀୟତା ବା ଶକ୍ତ ଓ ଯନ୍ତ୍ରଣାଦାୟକ ହେବା, କଥା କହିବା ଶୈଳୀରେ ପରିବର୍ତ୍ତନ, ଲେଖିବାରେ କଷ୍ଟ ଅନୁଭବ, ଶରୀରର ଭାରସାମ୍ୟ ରକ୍ଷା କରିବାରେ ଅସୁବିଧା ଇତ୍ୟାଦି।

ବର୍ତ୍ତମାନ ଦେଖିବା ରୋଗଟିର ପରିସଂଖ୍ୟାନକୁ। ପାର୍କିନସନ ଉପରେ ବିଶ୍ୱବ୍ୟାପୀ ଗବେଷଣା ଓ ଜନସଚେତନତା ସୃଷ୍ଟି କରୁଥିବା ଆମେରିକାର ସଂସ୍ଥା ପାର୍କିନସନ ଫାଉଣ୍ଡେସନ (ଚବକ୍ସଳସଭସ୍ତକ୍ଷଭ ଋକ୍ଷଙ୍କଭୟବକ୍ସଶସକ୍ଷଭ)



ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କେବଳ ଯୁକ୍ତରାଷ୍ଟ୍ରରେ ପ୍ରତିବର୍ଷ ୯୦,୦୦୦ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ଏବଂ ୧.୧ ମିଲିଅନ ଲୋକ ବର୍ତ୍ତମାନ ସେଠାରେ ଏହି ରୋଗ ସହିତ ବଞ୍ଚିଛନ୍ତି। ସଂସ୍ଥା ଏହା ମଧ୍ୟ ଜଣାଇଛି ୨୦୩୦ ସୁଦ୍ଧା ପାର୍କିନସନ ସହ ବଞ୍ଚୁଥିବା ଲୋକଙ୍କ ସଂଖ୍ୟା, ଆମେରିକାରେ ୧.୧ ମିଲିଅନ୍‌ରୁ ୧.୨ ମିଲିଅନକୁ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ତ୍ତମାନ ସମୟରେ ସ୍ନାୟୁକୋଷ ବିନଷ୍ଟକାରୀ ରୋଗ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଛି ଆଲଝାଇମର ଓ ଦ୍ୱିତୀୟ ସ୍ଥାନରେ ଅଛି ପାର୍କିନସନ୍। ସମଗ୍ର ବିଶ୍ୱରେ ବର୍ତ୍ତମାନ ୧୦ ମିଲିଅନରୁ ଅଧିକ ଲୋକ ଏହି ରୋଗରେ ପୀଡ଼ିତ ଅଛନ୍ତି। ଭାରତ ସନ୍ଦର୍ଭରେ ଦେଖିଲେ ପ୍ରତି ଏକଲକ୍ଷ ଜନସଂଖ୍ୟାରେ ପାର୍କିନସନ ୧୫ ରୁ ୪୩ ଜଣ ଲୋକଙ୍କୁ ଆକ୍ରାନ୍ତ କରିଛି। ୨୦୩୦ ସୁଦ୍ଧା ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଚିନ୍ତାର ବିଷୟ ହେଉଛି କି, ଭାରତରେ ଏହି ରୋଗରେ ପ୍ରଭାବିତ ହେଉଥିବା ଲୋକମାନଙ୍କ ମଧ୍ୟରୁ ୪୦ ରୁ ୪୫ ପ୍ରତିଶତ ହେଉଛନ୍ତି ୨୨ ରୁ ୪୯ ବର୍ଷ ବୟସ ମଧ୍ୟରେ। ତେଣୁ ଯୁବବର୍ଗ ଏହି ରୋଗର ଶିକାର ହେଉଛନ୍ତି ବୋଲି ଆମେ କହିପାରିବା। ଡାକ୍ତରମାନେ ଏହା ଉପରେ ମତବ୍ୟକ୍ତ କରି କହିଛନ୍ତି ଯେ, କଳକାରଖାନାର ପ୍ରାବଲ୍ୟ, ବାୟୁ ପ୍ରଦୂଷଣ ଓ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ ଏହିପରି ଘଟୁଛି। ଆହୁରି ମଧ୍ୟ ଉତ୍ତର ଭାରତରେ ଆନୁବଂଶିକ ଇତିହାସ, ମସ୍ତିଷ୍କଘାତ ଥିବା ରୋଗୀ ଓ ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କୁ ଏହି ରୋଗ ବେଶୀ ଆକ୍ରାନ୍ତ କରୁଛି।

ଚିକିତ୍ସାକୁ ଆସିଲେ ଏହି ରୋଗରେ ମୁଖ୍ୟତଃ ଲିଭୋଡୋପାକୁ ଔଷଧ ଭାବରେ ବ୍ୟବହାର କରାଯାଇଥାଏ। ଲିଭୋଡୋପାକୁ ଏହି ରୋଗର ଗୋଲ୍ଡ ଷ୍ଟାଣ୍ଡାର୍ଡ଼ ଔଷଧ ବୋଲି ମଧ୍ୟ କୁହାଯାଇଥାଏ। ଏହା ମସ୍ତିଷ୍କରେ ଡୋପାମିନକୁ ପରିବର୍ତ୍ତିତ ହୋଇ, ଏହାର ଅଭାବକୁ ପୂରଣ କରିଥାଏ। ଲିଭୋଡୋପାକୁ କିନ୍ତୁ ଗୋଟିଏ ଏନଜାଇମ୍ ବିଘଟନ କରି, ଏହାକୁ ମସ୍ତିଷ୍କ ବାହାରେ ଡୋପାମିନରେ ପରିଣତ କରିଥାଏ। ଏହାଦ୍ୱାରା ଶତପ୍ରତିଶତ ଲିଭୋଡୋପା ମସ୍ତିଷ୍କରେ ଏହାର କାର୍ଯ୍ୟ ସମ୍ପାଦନ କରିପାରିନଥାଏ। ଏହି ଏନଜାଇମ୍‌ର ନାମ ହେଉଛି "ଡୋପା ଡି କାରବୋକ୍‌ସିଲେଜ୍"। ଏହାକୁ ପ୍ରତିରୋଧ କରିବା ନିମନ୍ତେ ଲିଭୋଡୋପାକୁ "କାର୍ବିଡୋପା" ସାଙ୍ଗରେ ମିଶ୍ରିତ କରି ଦିଆଯାଇଥାଏ। କାର୍ବିଡୋପା ଉପରୋକ୍ତ ଏନଜାଇମଟିକୁ ପ୍ରତିରୋଧ କରି ମସ୍ତିଷ୍କରେ ଲିଭୋଡୋପାର ଉପସ୍ଥିତିକୁ ସୁନିଶ୍ଚିତ କରାଇଥାଏ। ପାର୍କିନସନ ବିଷୟରେ ମତବ୍ୟକ୍ତ କରି ଚେନ୍ନାଇର "ରିଲା ହସ୍ପିଟାଲ"ର ସ୍ନାୟୁ ବିଭାଗର ମୁଖ୍ୟ ଡାକ୍ତର ଏନ. ଦାମୋଦରନ୍ କହିଛନ୍ତି କି, ବିଗତ ଜନବର୍ଷକୁ ତୁଳନା କଲେ, ବର୍ତ୍ତମାନ ସମୟରେ ଏହି ରୋଗ ବିଷୟରେ ଜନସଚେତନାରେ ଯଥେଷ୍ଟ ବୃଦ୍ଧି ଘଟିଛି। ସେ କହିଛନ୍ତି କି, ପାର୍କିନସନରେ ଆକ୍ରାନ୍ତ ପ୍ରାୟ ରୋଗୀ, ରୋଗଟିର ପ୍ରାରମ୍ଭିକ ଲକ୍ଷଣକୁ ଗୁରୁତ୍ୱର ସହ ନିଅନ୍ତି ନାହିଁ। ହାତ କିମ୍ବା ଗୋଡ଼ ଥରିଲେ ସେମାନେ ଏହାକୁ ଭିଟାମିନ୍ ଅଭାବ ବା ସ୍ନାୟୁବିକ ଦୁର୍ବଳତା ବୋଲି ଧରିନେଇଥାନ୍ତି। ପରିଶେଷରେ ଡାକ୍ତରଙ୍କ ପାଖକୁ ଗଲାବେଳକୁ ରୋଗଟି ଜଟିଳ ଆକାର ଧାରଣ କରିସାରିଥାଏ।


ଯଦିଓ "ଡିପ୍ ବ୍ରେନ-ଷ୍ଟିମୁଲେସନ୍" ନାମକ ଏକ ଶଲ୍ୟ ଚିକିତ୍ସା, ଏହି ରୋଗ ପାଇଁ ଉପଲବ୍ଧ ଅଛି, ଏହାର ପରିସର କିନ୍ତୁ ଅତ୍ୟନ୍ତ ସୀମିତ। ବର୍ତ୍ତମାନ ସମୟରେ ପାର୍କିନସନ ରୋଗରେ ଆକ୍ରାନ୍ତ ବ୍ୟକ୍ତି ବିଶେଷ ଓ ତାଙ୍କର କେୟାର ଟେକରମାନ ନେଇ କ୍ଷୁଦ୍ର କ୍ଷୁଦ୍ର ସହଯୋଗ ଗୋଷ୍ଠୀମାନ କରାଯାଉଛି। ଏହି ଗୋଷ୍ଠୀ ଜରିଆରେ କେୟାର ଟେକରମାନଙ୍କୁ ରୋଗୀର ଯତ୍ନ ବିଷୟରେ ଶିକ୍ଷା ଓ ରୋଗୀମାନଙ୍କୁ ଫିଜିଓଥେରାପି ସାଇକୋଥେରାପି ଆଦି ପ୍ରଦାନ କରାଯାଉଛି। ଏହା ଏକ ଭଲ ପଦକ୍ଷେପ।

ଏ ମଧ୍ୟରେ ଲଣ୍ଡନରୁ ବାହାରୁଥିବା ପୃଥିବୀ ପ୍ରସିଦ୍ଧ ବିଜ୍ଞାନ ପତ୍ରିକା "ନିଉ ସାଇଣ୍ଟିଷ୍ଟ" (ଘରଙ୍ଗ ଝମସରଭକ୍ସସଗ୍ଧକ୍ସ) ରେ ପାର୍କିନସନକୁ ନେଇ ଏକ ପ୍ରବନ୍ଧ ପ୍ରକାଶ ପାଇଛି। ଏହି ଆଲେଖ୍ୟଟି ରୋଗର ଏକ ସମ୍ଭାବ୍ୟ ଔଷଧ ସମ୍ପର୍କରେ। ଅଷ୍ଟ୍ରେଲିଆର ମେଲବୋର୍ଣ୍ଣସ୍ଥିତ "ସ୍ୱିନବର୍ଣ୍ଣ ବିଶ୍ୱବିଦ୍ୟାଳୟରେ" ବୈଜ୍ଞାନିକମାନେ ଏକ ପରୀକ୍ଷା କରିଥିଲେ ମୂଷାମାନଙ୍କୁ ନେଇ। ଗବେଷକମାନେ ମୂଷାମାନଙ୍କୁ "ଆଲଫା ସାଇନ୍ୟୁକ୍ଲିନ୍" ପ୍ରୋଟିନର କିଛି ଦ୍ରବଣକୁ ନିୟମିତ ଭାବରେ ନାକ ମାଧ୍ୟମରେ ଦେଲେ। ପୂର୍ବରୁ ଆମେ ଜାଣିଛେ ଯେ ଏହି ପ୍ରୋଟିନ ହିଁ ପାର୍କିନସନ କରାଇଥାଏ। ଫଳସ୍ୱରୂପ ମୂଷାମାନଙ୍କ ଦେହରେ ପାର୍କିନସନର ଲକ୍ଷଣ ଦେଖାଗଲା। ଏହାପରେ ଏହି ମୂଷାମାନଙ୍କୁ ଦୁଇଦଳରେ ବିଭକ୍ତ କରାଯାଇ, ଗୋଟିଏ ଦଳକୁ କମ୍ପାଉଣ୍ଡ-ଏକ୍ସ (ଏହା ହିଁ ସମ୍ଭାବ୍ୟ ଔଷଧ) ଦିଆଗଲା। ଅନ୍ୟ ଦଳକୁ କୌଣସି ଔଷଧ ଦିଆଗଲା ନାହିଁ। କିଛି ଦିନ ପରେ ପରୀକ୍ଷାରୁ ଜଣାପଡ଼ିଲା ଯେ, ଯେଉଁ ଦଳଟି ଉପରୋକ୍ତ ଔଷଧ ପାଇଛନ୍ତି, ସେମାନେ ନ ପାଇଥିବା ଦଳଠାରୁ ଅପେକ୍ଷାକୃତ ସୁସ୍ଥ ଅଛନ୍ତି। ଏହି କମ୍ପାଉଣ୍ଡ- ଏକ୍ସ ଔଷଧଟି ସମ୍ପ୍ରତି ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ୍‌ର ସ୍ୱୀକୃତି ପାଇଛି। ବୈଜ୍ଞାନିକମାନେ ଦାବି କରୁଛନ୍ତି କି, ଏହି ଔଷଧଟିର ମୁଖ୍ୟକାମ ହେଉଛି ମସ୍ତିଷ୍କରୁ ବର୍ଜ୍ୟବସ୍ତୁର ନିଷ୍କାସନ କରିବା। ଯେହେତୁ ଔଷଧକୁ ନେଇ ଆଉ କିଛି ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି, ତେଣୁ ଏହାର ପୂର୍ଣ୍ଣାଙ୍ଗ ନାମକରଣ ଏପର୍ଯ୍ୟନ୍ତ କରାଯାଇନାହିଁ। ଆଗାମୀ ସମୟରେ ଏହି ଔଷଧ ପାର୍କିନସନ ରୋଗୀମାନଙ୍କ ପାଇଁ ଏକ ଆଲୋକବର୍ତ୍ତିକା ହେବ ବୋଲି ଆଶା କରାଯାଉଛି।


**ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର**
**ମୋବାଇଲ୍:୮୧୪୪୦୪୨୯୯୭**


# ସାମ୍ବାଦିକତାର ନୋବେଲ: ପୁଲିଜର ପୁରସ୍କାର

**ବିଜନ କୁମାର ମହାପାତ୍ର**



ସାମ୍ବାଦିକତା କ୍ଷେତ୍ରରେ 'ପୁଲିଜର ପୁରସ୍କାର' ସବୁଠାରୁ ପ୍ରତିଷ୍ଠିତ ସମ୍ମାନ ଭାବେ ସ୍ୱୀକୃତ। ମୂଳତଃ ଆମେରିକୀୟ ପୁରସ୍କାର ହେଲେ ମଧ୍ୟ ଆମେରିକା ସ୍ଥିତ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ପାଇଁ କାର୍ଯ୍ୟରତ ଅନ୍ୟ ଦେଶର ନାଗରିକମାନଙ୍କୁ ଉତ୍କର୍ଷ ସାମ୍ବାଦିକତା ମଧ୍ୟ ପୁଲିଜର ସମ୍ମାନ ଦିଆଯାଏ। କଲମ୍ବିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଏ ପୁଲିଜର ପୁରସ୍କାର। ଏ ବର୍ଷ ପୁଲିଜର ପୁରସ୍କାର ବିଜେତାଙ୍କ ମଧ୍ୟରେ ଅଛନ୍ତି ଦୁଇ ଭାରତୀୟ ସାମ୍ବାଦିକ। ଆମେରିକୀୟ ଗଣମାଧ୍ୟମ ସଂସ୍ଥା ବ୍ଲୁମବର୍ଗ ପାଇଁ କାର୍ଯ୍ୟରତ ଆନନ୍ଦ ଆରକେ ଓ ସୁପର୍ଣ୍ଣା ଶର୍ମାଙ୍କୁ 'ଇଲେଷ୍ଟ୍ରେଟେଡ୍ ରିପୋର୍ଟିଂ ଆଣ୍ଡ୍ କମେଣ୍ଟ୍ରିଂ' ଶ୍ରେଣୀରେ ପୁଲିଜର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ପୂର୍ବରୁ ମଧ୍ୟ ଅନେକ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବ ସାମ୍ବାଦିକ ଏହି ପୁରସ୍କାର ପାଇଛନ୍ତି।

ଆମେରିକାର ଜଣେ ପ୍ରତିଷ୍ଠିତ ପ୍ରକାଶକ ଓ ସାମ୍ବାଦିକ ଯୋଶେଫ ପୁଲିଜରଙ୍କ ନାଁରେ ପୁଲିଜର ପୁରସ୍କାରର ନାମକରଣ ହୋଇଛି। ଯୋଶେଫ ପୁଲିଜର ଥିଲେ ଜଣେ କର୍ମଠ, ଦକ୍ଷ ଓ ନିର୍ଭିକ ସାମ୍ବାଦିକ। ଗଣମାଧ୍ୟମର ଏକ ଅଂଶ ଭାବେ ସମ୍ବାଦପତ୍ରର ଭୂମିକାକୁ ଆହୁରି ଶକ୍ତିଶାଳୀ କରିବାରେ ପୁଲିଜରଙ୍କ ଅଗ୍ରଣୀ ଭୂମିକା ଥିଲା। ଖବରକାଗଜ ସବୁଶ୍ରେଣୀର ଲୋକଙ୍କ ପାଖରେ କେମିତି ପହଂଚିପାରିବ, ସେ ଦିଗରେ ପ୍ରୟାସ କରିଥିଲେ ପୁଲିଜର। ଆଉ ଏଥିପାଇଁ ଖବରକାଗଜର ଚିରାଚରିତ ସ୍ୱରୂପରେ ପରିବର୍ତ୍ତନ କରିଥିଲେ ପୁଲିଜର। ମନୋରଂଜନ, ଫ୍ୟାସନ, କ୍ରୀଡା ଖବର ଓ କମିକ୍ ଛାପିବା ଉପରେ ମଧ୍ୟ ପ୍ରାଥମିକତା ଦେଇଥିଲେ ପୁଲିଜର। ଭଲ ସାମ୍ବାଦିକ ସୃଷ୍ଟି ପାଇଁ ପ୍ରୟାସରତ ଥିଲେ ପୁଲିଜର। ଅନୁସନ୍ଧାନମୂଳକ ରିପୋର୍ଟିଂ ଜରିଆରେ ସରକାରୀ ସ୍ତରରେ ହେଉଥିବା ଦୁର୍ନୀତିର ପର୍ଦ୍ଦାଫାଶ ସହ ପ୍ରଚଳିତ ସାମାଜିକ ବ୍ୟାଧି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସାମ୍ବାଦିକମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଯୋଶେଫ ପୁଲିଜର ହଙ୍ଗେରୀର ମାକୋ ସହରରେ ୧୮୪୭ ମସିହା ଏପ୍ରିଲ ୧୦ ତାରିଖରେ ଜନ୍ମଗ୍ରହଣ କରିଥିଲେ। ବାପା ଥିଲେ ଜଣେ ଧନାଢ୍ୟ ଶସ୍ୟ ବେପାରୀ ଯିଏ କି ଯୋଶେଫଙ୍କୁ ପଢ଼ାଇବା ପାଇଁ ଘରୋଇ ଶିକ୍ଷକମାନଙ୍କୁ ନିଯୁକ୍ତ କରିଥିଲେ। ହଙ୍ଗେରୀ, ଜର୍ମାନ ଓ ଫରାସୀ ଭାଷାରେ ଦକ୍ଷ ଥିଲେ ପୁଲିଜର। ଆମେରିକା ଗୃହଯୁଦ୍ଧ ଶେଷ ପର୍ଯ୍ୟାୟରେ ଜଣେ ସୈନ୍ୟ ଭାବେ ଲଢ଼ିଥିଲେ ପୁଲିଜର। ଗୃହ ଯୁଦ୍ଧ ଶେଷ ପରେ ସେ ଆମେରିକା ମିଶୋରୀର ସେଂଟ୍ ଲୁଇସ ସହରରେ ବସବାସ କଲେ। କର୍ମସଂସ୍ଥାନ ଅନ୍ୱେଷଣରେ ଥିବା ବେଳେ ସେଠାରୁ ପ୍ରକାଶ ପାଉଥିବା ଏକ ଜର୍ମାନ ଖବରକାଗଜରେ ତାଙ୍କୁ ରିପୋର୍ଟର ଭାବେ ନିଯୁକ୍ତି ମିଳିଲା। ୧୮୭୮ ମସିହାରେ ପୁଲିଜର 'ସେଂଟ୍ ଲୁଇସ ଡିସପାଚ୍' ନାମକ ଖବରକାଗଜର ମାଲିକାନା ହାସଲ କରିଥିଲେ। ଖବରକାଗଜ ମାଲିକ ତଥା ସାମ୍ବାଦିକ ଭାବେ ଅପାର ସଫଳତା ହାସଲ କଲା ପରେ ୧୮୮୩ ମସିହାରେ ନ୍ୟୁୟର୍କ ଚାଲିଯାଇଥିଲେ ପୁଲିଜର। ସେଠାରେ ନିଜ ଖବରକାଗଜ ବ୍ୟବସାୟର ସଂପ୍ରସାରଣ କଲେ। କ୍ଷତିରେ ଚାଲୁଥିବା 'ଦି ନ୍ୟୁୟର୍କ ୱାର୍ଲଡ' ଖବରକାଗଜକୁ କିଣି ଏହାକୁ ଏକ ଲୋକପ୍ରିୟ ଓ ସର୍ବାଧିକ ବିକ୍ରି ହେଉଥିବା ଖବରକାଗଜରେ ପରିଣତ କରିଥିଲେ ପୁଲିଜର। ସତ୍ୟ ଉଜାଗର କରୁଥିବା ଆକ୍ରମଣାତ୍ମକ ସାମ୍ବାଦିକତା, ଅନୁସନ୍ଧାନମୂଳକ ରିପୋର୍ଟିଂ ଓ ସବୁ ବୟସର ପାଠକଙ୍କ ରୁଚି ପ୍ରତି ଧ୍ୟାନ ଦେଇଥିବାରୁ ପୁଲିଜରଙ୍କ ମାଲିକାନାରେ ପରିଚାଳିତ ସବୁ ଖବରକାଗଜ ବେଶ୍ ସଫଳ ରହିଥିଲା। ସାମ୍ବାଦିକତା ସହ ଜଡିତ ଥିବା ବେଳେ ରିପବ୍ଲିକାନ ପାର୍ଟିରେ ଯୋଗ ଦେଇଥିଲେ ପୁଲିଜର। କିନ୍ତୁ ମତଭେଦ ଯୋଗୁଁ ପରେ ରିପବ୍ଲିକାନ ପାର୍ଟି ସହ ସଂପର୍କ ଛିନ୍ନ କରିଥିଲେ।

୧୮୯୨ ମସିହାରେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ବିଶ୍ୱର ପ୍ରଥମ ସାମ୍ବାଦିକତା ସ୍କୁଲ୍ ଖୋଲିବାକୁ ପ୍ରସ୍ତାବ ଦେଇଥିଲେ ପୁଲିଜର। ବିଶ୍ୱବିଦ୍ୟାଳୟର ତତ୍କାଳୀନ ସଭାପତି ସେଥ୍ ଲୋ'ଙ୍କୁ ଆର୍ଥିକ ସହାୟତା ଯୋଗାଇବାକୁ ପ୍ରସ୍ତାବ ଦେଇଥିଲେ ପୁଲିଜର। ଆର୍ଥିକ ସହାୟତା ଗ୍ରହଣ ପାଇଁ ପ୍ରଥମେ ଅମଙ୍ଗ ହୋଇଥିଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ହେଲେ ୧୯୦୨ ମସିହାରେ କଲମ୍ବିଆ ବିଶ୍ୱବିଦ୍ୟାଳୟର ନୂଆ ସଭାପତି ନିକୋଲାସ ମୁରେ ବଟଲର୍ ସାମ୍ବାଦିକତା ସ୍କୁଲ୍ ପାଇଁ ପୁଲିଜରଙ୍କ ଆର୍ଥିକ ସହାୟତା ପ୍ରସ୍ତାବ ପ୍ରତି କୋହଳ ମନୋଭାବ ପୋଷଣ କରିଥିଲେ। ହେଲେ ୧୯୧୧ ମସିହାରେ ପୁଲିଜରଙ୍କ ମୃତ୍ୟୁ ପରେ ହିଁ ବିଶ୍ୱର ପ୍ରଥମ ସାମ୍ବାଦିକତା ସ୍କୁଲ୍ ପ୍ରତିଷ୍ଠା ସ୍ୱପ୍ନ ସାକାର ହୋଇପାରିଥିଲା। ୧୯୦୪ ପ୍ରସ୍ତୁତ କରିଥିବା ନିଜର ଇଚ୍ଛାପତ୍ରରେ ଯୋଶେଫ ପୁଲିଜର କଲମ୍ବିଆ ବିଶ୍ୱବିଦ୍ୟାଳୟ ପାଇଁ ୨ ମିଲିୟନ ଆମେରିକୀୟ ଡଲାର ଅନୁଦାନ କଥା ଉଲ୍ଲେଖ କରିଥିଲେ। ଏହି ଅନୁଦାନରେ ସାମ୍ବାଦିକତା ସ୍କୁଲ ପ୍ରତିଷ୍ଠା ଓ ଉତ୍କର୍ଷ ସାମ୍ବାଦିକତା ପାଇଁ ପୁରସ୍କାର ପ୍ରଦାନ କରିବାକୁ କଲମ୍ବିଆ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ପୁଲିଜର। ସାମ୍ବାଦିକତା ସହ ସାହିତ୍ୟ, ଇତିହାସ ଓ ଶିକ୍ଷା କ୍ଷେତ୍ରରେ ମଧ୍ୟ ପୁରସ୍କାର ପ୍ରଦାନ ପାଇଁ ଇଚ୍ଛା ପ୍ରକାଶ କରିଥିଲେ ଯୋଶେଫ ପୁଲିଜର।

୧୯୧୧ରେ ପୁଲିଜରଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ୧୯୧୨ରେ ପ୍ରତିଷ୍ଠା ହୋଇଥିଲା କଲମ୍ବିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠା ହୋଇଥିଲା କଲମ୍ବିଆ ସ୍କୁଲ୍ ଅଫ ଜର୍ଣ୍ଣାଲିଜିମ୍। ୧୯୧୭ରେ କଲମ୍ବିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମ୍ବାଦିକତା କ୍ଷେତ୍ରରେ ପ୍ରଦାନ କରାଯାଇଥିଲା ପ୍ରଥମ ପୁଲିଜର ପୁରସ୍କାର। ପରବର୍ତ୍ତୀ ସମୟରେ ଅନ୍ୟ ଶ୍ରେଣୀରେ ମଧ୍ୟ ପୁଲିଜର ପୁରସ୍କାର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା।

ବର୍ତ୍ତମାନ ୨୩ଟି ବିଭାଗରେ ପୁଲିଜର ପୁରସ୍କାର ଦିଆଯାଉଛି। ଏଥିମଧ୍ୟରୁ ବିଭିନ୍ନ ପ୍ରକାର ସାମ୍ବାଦିକତା ପାଇଁ ସର୍ବାଧିକ ୧୫ଟି ପୁଲିଜର ପୁରସ୍କାର ଦିଆଯାଉଛି। ଆଉ ୭ଟି ପୁରସ୍କାର ସାହିତ୍ୟ ଓ ସଂଗୀତ ପାଇଁ ବି ଦିଆଯାଉଛି। ସାମ୍ବାଦିକତା ପାଇଁ ଦିଆଯାଉଥିବା ପୁଲିଜର ପୁରସ୍କାର ମଧ୍ୟରେ ଜନସେବା ପୁରସ୍କାର ସର୍ବଶ୍ରେଷ୍ଠ। ଏହି ପୁରସ୍କାର କୌଣସି ବ୍ୟକ୍ତିବିଶେଷଙ୍କୁ ନୁହେଁ, ବରଂ ଏକ ଗଣମାଧ୍ୟମ ସଂସ୍ଥାକୁ ଦିଆଯାଏ। ଉଦାହରଣ ସ୍ୱରୂପ ଏଥର ଏହି ପୁରସ୍କାର ୱାଂଶିଟନ ପୋଷ୍ଟକୁ ମିଳିଛି। ଜାତୀୟ, ସ୍ଥାନୀୟ, ଆନ୍ତର୍ଜାତିକ ଓ ଅନୁସନ୍ଧାନମୂଳକ ରିପୋର୍ଟିଂ ଓ ବ୍ରେକିଂ ନ୍ୟୁଜ, ବ୍ୟାଖ୍ୟାତ୍ମକ ରିପୋର୍ଟିଂ, ପ୍ରବନ୍ଧ, ଫିଚର ଫଟୋଗ୍ରାଫି ଆଦି ଶ୍ରେଣୀରେ ମଧ୍ୟ ପ୍ରଦାନ କରାଯାଏ ପୁଲିଜର ପୁରସ୍କାର। ପୁଲିଜର ପୁରସ୍କାରକୁ 'ସାମ୍ବାଦିକତାର ନୋବେଲ' ମଧ୍ୟ କୁହାଯାଏ।

ଏକାଧିକ ଭାରତୀୟ ବଂଶୋଦ୍ଭବ ଓ ଭାରତୀୟ ନାଗରିକଙ୍କୁ ମଧ୍ୟ ମିଳିଛି ପୁଲିଜର ପୁରସ୍କାର। ପ୍ରଥମ ଭାରତୀୟ ଭାବେ ପୁଲିଜର ପୁରସ୍କାର ପାଇଥିଲେ ସାମ୍ବାଦିକ ଗୋବିନ୍ଦ ବିହାରୀ ଲାଲ୍। ୧୯୩୭ ମସିହାରେ ରିପୋର୍ଟିଂ ବିଭାଗରେ ତାଙ୍କୁ ମିଳିଥିଲା ଏହି ପୁରସ୍କାର। ୨୦୦୩ରେ ଲେଖିକା ଝୁମ୍ପା ଲାହିରୀଙ୍କୁ କଥା ସାହିତ୍ୟ ଶ୍ରେଣୀରେ ମିଳିଥିଲା ପୁଲିଜର ପୁରସ୍କାର। ୨୦୦୩ରେ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ରିପୋର୍ଟର ଗୀତା ଆନନ୍ଦଙ୍କୁ ବ୍ୟାଖ୍ୟାତ୍ମକ ରିପୋର୍ଟିଂ ପାଇଁ ମିଳିଥିଲା ପୁଲିଜର ପୁରସ୍କାର। ୨୦୧୧ରେ ଲେଖକ ସିଦ୍ଧାର୍ଥ ଆନନ୍ଦ କ୍ୟାନସର ଉପରେ ଲେଖିଥିବା ପ୍ରବନ୍ଧ ପାଇଁ ପୁଲିଜର ପୁରସ୍କାର ପାଇଥିଲେ। ରଏଟର୍ସ ସମ୍ବାଦ ସରବରାହ ସଂସ୍ଥାରେ କାର୍ଯ୍ୟରତ ଫଟୋଗ୍ରାଫର ଦାନିସ ସିଦ୍ଦିକୀ, ଅଦନାନ ଆବିଦୀ ୨୦୨୨ରେ ଏବଂ ସାନ୍ନା ଇର୍ସାଦ ମାଟ୍ଟୁ ଓ ଅମିତ ଡଭେଙ୍କୁ ଫିଚର ଫଟୋଗ୍ରାଫି ଶ୍ରେଣୀରେ ପୁଲିଜର ପୁରସ୍କାର ଦିଆଯାଇଥିଲା।


**ଉମା ନଗର, ଚତୁର୍ଥ ଲେନ୍ , ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮**
**ମୋବାଇଲ୍:୮୮୪୭୮୪୨୪୨୪**

# ଗାଁ ଗାଁରେ ବଢ଼ି ଚାଲିଛି ଚୋରି ଓ ଅପରାଧ

- ପାଦଚଲା ପାଟ୍ରୋଲିଂ ଭୁଲିଗଲାଣି ପୁଲିସ
- ଦିନକୁ ଦିନ ବୃଦ୍ଧି ପାଉଛି ଅପରାଧୀଙ୍କ ପ୍ରାଦୁର୍ଭାବ
- ବାରମ୍ବାର ବିଭିନ୍ନ ସ୍ଥାନରୁ ଚୋରି ହେଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଧରିବାରେ ପୁଲିସ ବିଫଳ
- ଦୁର୍ବୃତ୍ତ ତଥା ନିଶାଡିଙ୍କ ଟାର୍ଗେଟରେ ମନ୍ଦିର



କାକଟପୁର /ଅସ୍ତରଙ୍ଗ :-୧୩/୦୫:-ଗତ କିଛି ମାସ ହେଲା ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଥାନା ଅଞ୍ଚଳରେ ଅପରାଧୀ ମାନେ ସକ୍ରିୟ ହେବାକୁ ଲାଗିଛନ୍ତି। ବଜାର କିମ୍ବା ଗ୍ରାମାଞ୍ଚଳର ପ୍ରମୁଖ ଅଞ୍ଚଳ ଗୁଡିକରେ ମଧ୍ୟ ଚୋରି ଏବଂ ଛୀନତାଇ ଘଟଣା ଘଟୁଛି। କେଉଁଠି ବନ୍ଧୁକ ଦେଖାଇ ଦାଦା ବଟି ମଗାଯାଉଛି ତ ଆଉ କେଉଁଠି ଦିନଦ୍ୱିପ୍ରହରରେ ସୁନା ଚେନ ଲୁଟିଲେଣି ଆଉ କେଉଁଠି ମାରଣାସ୍ତ୍ର ଆକ୍ରମଣ କଲେଣି।ଏହା ଶହ ଗ୍ରାମାଞ୍ଚଳ ବିଭିନ୍ନ ମନ୍ଦିର ରୁ ଠାକୁର ଙ୍କ ଅଳଙ୍କାର ଶହ ଆସବାବ ପତ୍ର ଚୋରି କଲେଣି।ଗୋଟିଏ ଅପରାଧ ଘଟିବା ପରେ ଅପରାଧୀଙ୍କ ପଛରେ ଗୋଡ଼ାଉଛି ପୁଲିସ। କିନ୍ତୁ ଅପରାଧ ରୋକିବା ପାଇଁ ଯେଉଁ ପଦକ୍ଷେପ ଗୁଡିକ ଗ୍ରହଣ କରିବା ଆବଶ୍ୟକ, ସେ ନେଇ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ଯାହାକି ଗତ କିଛି ଦିନ ତଳେ ବିଭିନ୍ନ ମନ୍ଦିର ରୁ ଚୋରି ହୋଇଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ଦେଉଥିବା ବେଳେ କିନ୍ତୁ ଦୁର୍ବୃତ୍ତ ଙ୍କ ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। କିଛି ଦିନ ପୂର୍ବେ ଅସ୍ତରଙ୍ଗ ଥାନା ଠାରୁ ଅଳ୍ପ କିଲୋମିଟର ଦୂରରେ ପାଟଳଦା ପଞ୍ଚାୟତ ଅଧୀନ ଏକ ମନ୍ଦିର ରୁ ଚୋରି ହୋଇଛି।ଅସ୍ତରଙ୍ଗ ପୁଲିସ ପାଟ୍ରୋଲିଂ ଢିଲା ଯାହା ବିଭିନ୍ନ ଘଟଣା କୁ ଅନୁଧ୍ୟାନ କଲେ ତାହା ସ୍ପଷ୍ଟ ସୂଚନା ମିଳୁଛି। ଯେତେବେଳେ ନିଜେ ପୁରୀ ଏସ୍ପି ପୁରୀ ରେ ପାଟ୍ରୋଲିଂ ଜାରି ରଖିଛନ୍ତି କିନ୍ତୁ ଗ୍ରାମାଞ୍ଚଳ ଥାନା ଅସ୍ତରଙ୍ଗ ଅଞ୍ଚଳରେ ପାଟ୍ରୋଲିଂ ସମ୍ପୂର୍ଣ୍ଣ କୋହଳ ହୋଇଯାଇଛି।ଏପରିକି ନିୟମିତ ବ୍ୟବଧାନରେ ଫୁଟ ପାଟ୍ରୋଲିଂ (ପାଦଚଲା ପାଟ୍ରୋଲିଂ) କରିବାକୁ ବିଭାଗ ତରଫରୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ପୁଲିସ ଏହାକୁ ଭୁଲିଗଲାଣି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଗୋଟିଏ ସମୟ ଥିଲା, ପୂର୍ବରୁ ଥିବା ଥାନା ଅଧିକାରୀ ବାମଦେବ ନନ୍ଦ ସନ୍ଧ୍ୟା ହେଲେ ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ ଅବା ଗ୍ରାମାଞ୍ଚଳର ପ୍ରମୁଖ ଛକ ଗୁଡିକରେ ପୁଲିସର ପହରା ଲାଗୁଥିଲା। ଗାଡି ମୋଟର ଯାଞ୍ଚ ହେଉଥିଲା। ସନ୍ଦେହ ଜନକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖୁଥିଲେ ପୁଲିସ। କିନ୍ତୁ ଥାନା ଅଧିକାରୀଙ୍କ ବଦଳି ପରେ ଗତ କିଛି ମାସ ହେଲା ଏହାର ଅଭାବ ଅସ୍ତରଙ୍ଗ ଥାନା ଅଞ୍ଚଳ ରେ ଦେଖିବାକୁ ମିଳୁଛି। ଅପରାଧ ନିୟନ୍ତ୍ରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେଲା ପାଟ୍ରୋଲିଂ ବା କଡାକଡି ଯାଞ୍ଚ। ଏହି କ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଫୁଟ ପାଟ୍ରୋଲିଂ। ଥାନା ପରିଧିରେ ସମ୍ପୃକ୍ତ ଥାନାର ଅଧିକାରୀ ମାନେ ଚାଲି ଚାଲି ପାଟ୍ରୋଲିଂ କରିଥାନ୍ତି।

ଭୟଙ୍କର ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ



- ହୁତୁହୁତୁ ହୋଇ ଜଳିଗଲା ଦୁଇଟି ଗାଡି
- ଅଗ୍ନିଶମ ବାହିନୀର ୫ଟି ଟିମ ନିୟୋଜିତ

ହିଞ୍ଜିଳିକାଟୁ,୧୩।୫ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଂଚଳସ୍ଥିତ ଆଙ୍କୋରଡ଼ା ଗ୍ରାମ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ଆଜି ଭୋର ୪ଟା ବେଳେ ମା' ତାରାତାରିଣୀ ଇଣ୍ଟରପ୍ରାଇଜେସ କାରଖାନାରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଦୁଇଟି ମାଲବୋଝେଇ ଗାଡି ହୁତୁହୁତୁ ହୋଇ ଜଳିଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକେ ଦେଖିବା ପରେ ସଙ୍ଗେ ସଙ୍ଗେ ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ ଜଣାଇଥିଲେ। ଖବର ପାଇ ଘଟଣାସ୍ଥଳରେ ହିଞ୍ଜିଳି ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ୍ତ କରିବାକୁ ଲଗାତାର ପ୍ରୟାସ କରିଥିବା ବେଳେ ନିଆଁ ଲିଭିବାର ନାଁ ଧରୁନଥିଲା। ଆହୁରି କୁହୁଳି କୁହୁଳି ବିଭିନ୍ନ ସ୍ଥାନରେ ଲାଗି ଲାଗି ଯାଉଥିଲା।ପରେ କୁକୁଡାଖଣ୍ଡି, ଶେରଗଡ଼, ବ୍ରହ୍ମପୁର ଓ ଛତ୍ରପୁରର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ନିଆଁର ଭୟାବହତା ଏତେ ଅଧିକ ଥିଲା ଯେ ଦେଖୁ ଦେଖୁ କାରଖାନାର ବିଭିନ୍ନ ଅଂଶକୁ ବ୍ୟାପିଥିଲା। ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବାହିନୀକୁ ଘଣ୍ଟା ଘଣ୍ଟା ଧରି ଲଢ଼ିବାକୁ ପଡ଼ିଥିଲା। କାରଖାନାରେ ପ୍ଲାଷ୍ଟିକ ଓ କେମିକାଲ ସାମଗ୍ରୀ ଅଧିକ ଥିବାରୁ ନିଆଁ ଦ୍ରୁତଗତିରେ ପ୍ରସାରିତ ହୋଇଥିଲା। ପରେ ସକାଳ ୮ ଟା ବେଳେ ନିଆଁ ଆୟତ୍ତ ହୋଇଥିଲା। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ସର୍ଟ ସର୍କିଟରୁ ନିଆଁ ବ୍ୟାପିଥିବା ଅନୁମାନ କରାଯାଉଛି।

## କେନ୍ଦ୍ରମନ୍ତ୍ରୀଙ୍କ ଏନଟିପିସିର ଦର୍ଲିପାଲି ଗସ୍ତ, ବିକାଶମୂଳକ ପଦକ୍ଷେପ ସମୀକ୍ଷା



ସୁନ୍ଦରଗଡ଼,୧୩।୫(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମଙ୍ଗଳବାର ଦିନ ଏନଟିପିସି ଦର୍ଲିପାଲି ଗସ୍ତ କରି ପ୍ରକଳ୍ପରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ସମୀକ୍ଷା କରିଥିଲେ। ମନ୍ତ୍ରୀଙ୍କୁ ଏନଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବ ସ୍ୱାଗତ ଏବଂ ସମ୍ମାନିତ କରିଥିଲେ। ପରିଦର୍ଶନ ସମୟରେ, ମନ୍ତ୍ରୀ ପ୍ରମୁଖ ପ୍ଲାଣ୍ଟ ସୁବିଧାଗୁଡ଼ିକ ବୁଲି ଦେଖିଥିଲେ ଏବଂ ଏନଟିପିସି ଅଧିକାରୀମାନଙ୍କ ସହିତ ଏକ ସମୀକ୍ଷା ବୈଠକ କରିଥିଲେ ଯାହା ଦ୍ୱାରା ଚାଲୁଥିବା ବିକାଶମୂଳକ କାର୍ଯ୍ୟ, ଭିତ୍ତିଭୂମି ସମ୍ପ୍ରସାରଣ ଏବଂ ପ୍ରକଳ୍ପ ସହିତ ଜଡିତ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରାଯାଇ ଥିଲା। ଏହି ଆଲୋଚନା ଅଞ୍ଚଳରେ କରାଯାଉଥିବା ବିକାଶମୂଳକ ପଦକ୍ଷେପ ଉପରେ କେନ୍ଦ୍ରିତ ଥିଲା। ଶ୍ରୀ ଓରାମ ଏନଟିପିସି ଦର୍ଲିପାଲି ଦ୍ୱାରା ପରିଚାଳିତ ବାଳିକା ସଶକ୍ତିକରଣ ମିଶନ-୨୦୨୬ କାର୍ଯ୍ୟକ୍ରମ ମଧ୍ୟ ପରିଦର୍ଶନ କରିଥିଲେ ଏବଂ ଅଂଶଗ୍ରହଣ କାରୀଙ୍କ ସହିତ ଆଲୋଚନା କରିଥିଲେ। ସେ ନିକଟସ୍ଥ ସମ୍ପ୍ରଦାୟର ଯୁବତୀମାନଙ୍କ ଶିକ୍ଷା, ଆତ୍ମବିଶ୍ୱାସ ନିର୍ମାଣ ଏବଂ ସାମଗ୍ରିକ ବିକାଶ ପାଇଁ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ପରିଦର୍ଶନ ସମୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା, ଯାହା ପରିବେଶଗତ ସ୍ଥିରତା ଏବଂ ସବୁଜ ବିକାଶ ପଦକ୍ଷେପର ଗୁରୁତ୍ୱକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା। ପ୍ରକଳ୍ପ ମୁଖ୍ୟ ଶ୍ରୀ ଫୈଜ ତୈୟାବ ମନ୍ତ୍ରୀଙ୍କୁ ପ୍ରକଳ୍ପ ଦ୍ୱାରା କରାଯାଉଥିବା ବିଭିନ୍ନ ସିଏସଆର ଏବଂ ସମ୍ପ୍ରଦାୟ କଲ୍ୟାଣ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଏହି ଗସ୍ତ ଏନଟିପିସି ଦର୍ଲିପାଲିର ସ୍ଥାୟୀ ବିକାଶ, ସମ୍ପ୍ରଦାୟ ସମ୍ପୃକ୍ତି ଏବଂ ଅଞ୍ଚଳରେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ମଣିଷ ଜୀବନ ଆରମ୍ଭରୁ ମୃତ୍ୟୁ ପର୍ଯ୍ୟନ୍ତ ନର୍ସମାନେ ହିଁ ପାଖରେ ଥାନ୍ତି: ଅପରାଜିତା

## ନର୍ସିଂ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ନର୍ସେସ ଦିବସ ପାଳିତ




ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ): ଶିଶୁଟି ଜନ୍ମ ହେବା ଠାରୁ ଆରମ୍ଭ କରି ମନୁଷ୍ୟ ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ନର୍ସମାନେ ହିଁ ପାଖରେ ଥାଆନ୍ତି। ମହାବାତ୍ୟା ହେଉ ଅଥବା କୋଭିଡ ମହାମାରୀ ଯେକୌଣସି ବିପର୍ଯ୍ୟୟ ସମୟରେ ନର୍ସମାନେ ହିଁ ନୀରବ ଯୋଦ୍ଧା ଭଳି ଅନବରତ ସେବା ପ୍ରଦାନ କରି ଚାଲିଥାନ୍ତି ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ବୁଧବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ର ନର୍ସିଂ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ନର୍ସେସ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଶ୍ରୀମତି ଷଡ଼ଙ୍ଗୀ କହିଛନ୍ତି ଯେ ନର୍ସମାନେ ହେଉଛନ୍ତି ଆଶାର ପ୍ରତୀକ। ନର୍ସିଂ ଏକ ମହାନ ବୃତି। ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କର ଜନ୍ମ ଦିବସକୁ ସାରା ବିଶ୍ୱ ଆନ୍ତର୍ଜାତିକ ନର୍ସେସ ଦିବସ ରୂପେ ପାଳନ କରିଥାଏ। ତାଙ୍କ କାର୍ଯ୍ୟଧାରାକୁ ସ୍ମରଣ କରି ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ ନର୍ସିଂ ବୃତିକୁ ଆପଣାଉଥିବା ଛାତ୍ରଛାତ୍ରୀମାନଙ୍କର ପ୍ରେରଣାର ଉତ୍ସ ହେଉଛନ୍ତି ଫ୍ଲୋରେନ୍ସ ନାଇଟିଙ୍ଗେଲ। ଚଳିତ ବର୍ଷର ଆନ୍ତର୍ଜାତିକ ନର୍ସେସ୍ ଦିବସର ପ୍ରସଙ୍ଗ 'ଆୱାର ନର୍ସେସ, ଆୱାର ଫ୍ୟୁଚର୍, ଏମ୍ପାୱାର୍ଡ ନର୍ସେସ୍ ସେଭ ଲାଇଭ୍ସ' ଉପରେ ମତ ରଖି ଶ୍ରୀମତି ଷଡ଼ଙ୍ଗୀ ନର୍ସମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ମଣିଷର ଜୀବନ ବଞ୍ଚାଇବା ପାଇଁ ନର୍ସମାନଙ୍କୁ ସଶକ୍ତ ହେବାକୁ ପଡ଼ିବ। ତେଣୁ ସେବା ମନୋବୃତି ନେଇ ନର୍ସମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ର ରୋଗୀ ସେବାକୁ ପ୍ରଶଂସା କରି ଶ୍ରୀମତି ଷଡ଼ଙ୍ଗୀ କହିଥିଲେ ଯେ ୨୦୦୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ଭୁବନେଶ୍ୱର କିମ୍ବା ଓଡ଼ିଶା ନୁହେଁ ସାରା ଭାରତରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ହସ୍ପିଟାଲ୍ ଅଗ୍ରଣୀ ଭୂମିକା ନେଇଛି। କାର୍ଯ୍ୟକ୍ରମ ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସାଂସଦ ଶ୍ରୀମତି ଷଡ଼ଙ୍ଗୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

## ପୋକ୍ସୋ ମାମଲାରେ ୬ ବର୍ଷ ପରେ ଅଭିଯୁକ୍ତ ଗିରଫ

ସତ୍ୟବାଦୀ,୧୩।୫ (ସଂଚାର ବ୍ୟୁରୋ): ସତ୍ୟବାଦୀ ଥାନା କେସ୍ ନଂ- ୧୪୦/୨୦୨୦ରେ ଫରାର ଥିବା ପୋକ୍ସୋ ମାମଲାର ଅଭିଯୁକ୍ତ ପ୍ରକାଶ ମହାରଣା (୩୪)ଙ୍କୁ ସତ୍ୟବାଦୀ ପୋଲିସ ଗିରଫ କରି ସ୍ୱତନ୍ତ୍ର ପୋକ୍ସୋ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତଙ୍କ ଘର ସତ୍ୟବାଦୀ ଥାନା ଅନ୍ତର୍ଗତ ବନବର୍ଦ୍ଧା ଗ୍ରାମରେ ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ପ୍ରକାଶ ମହାରଣାଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୩୧୪, ୩୩୪, ୩୫୪(ଏ), ୩୫୪(ଡି), ୫୦୬ ସହ ପୋକ୍ସୋ ଆଇନର ଧାରା ୮ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ସେ ୨୦୨୦ ମସିହାରୁ ଫରାର ରହିଆସୁଥିବା ବେଳେ ମାନ୍ୟବର କୋର୍ଟ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ଉକ୍ତ ପରୱାନା ବଳରେ ସତ୍ୟବାଦୀ ପୋଲିସ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଥିବା ଜଣାପଡ଼ିଛି।

● ଶୋକସନ୍ତପ୍ତ ପରିବାରଙ୍କୁ ଭେଟିଲେ ବିଧାୟକ

## ରେଡକ୍ରସ ପକ୍ଷରୁ ୧୫ ହଜାର ଟଙ୍କାର ସହାୟତା

ଛତ୍ରପୁର,୧୬।୧(ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକର ସନ୍ତୋଷପୁର ପଞ୍ଚାୟତ ଅଧୀନ ଗୋପାଳପୁର ଗ୍ରାମରେ କିଡନୀ ରୋଗରେ ପ୍ରାଣ ହରାଇଥିବା ସନ୍ତୋଷ ସାହୁ ଏବଂ ପୋଇରାଣି ପଞ୍ଚାୟତରେ ଭୁଆଁଭୂଇଁ ଗ୍ରାମର ଦୁର୍ଘଟଣାଜନିତ ମସ୍ତିଷ୍କ ଆଘାତ କାରଣରୁ ମୃତ୍ୟୁବରଣ କରିଥିବା ବିଜୟ ଦାସଙ୍କ ପରିବାରକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଭେଟି ସମବେଦନା ଜଣାଇଛନ୍ତି। ବିଧାୟକ ଦୁଇ ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ଆଲୋଚନା କରିବା ସହ ଆର୍ଥିକ ସହଯୋଗ ପ୍ରଦାନ କରିଛନ୍ତି। ଏହି ସହାୟତା କାର୍ଯ୍ୟକ୍ରମରେ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ରେଡକ୍ରସ ପକ୍ଷରୁ ଉଭୟ ପରିବାରକୁ ୧୫, ୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅଞ୍ଚଳବାସୀ ବିଧାୟକଙ୍କ ଏହି ମାନବିକ ପ୍ରୟାସକୁ ଗଭୀର ପ୍ରଶଂସା କରିଛନ୍ତି ଏବଂ ସମାଜରେ ଏପରି ସହାନୁଭୂତି ଓ ସହଯୋଗର ଭାବନା ବଢ଼ିବା ଆବଶ୍ୟକ ବୋଲି ମତ ଦେଇଛନ୍ତି।

## ବିପର୍ଯ୍ୟୟ ପରିଚାଳନା ସଚେତନତା

ବାଲିଅନ୍ତା,୧୬।୧(ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଲାରପୁର ସ୍ଥିତ ବନ୍ଧୁୱେଲଫେୟାର ଟ୍ରଷ୍ଟ, ପକ୍ଷରୁ ବଇଁଚୁଆ ପଞ୍ଚାୟତ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ସରପଞ୍ଚ ରଶ୍ମିତା ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଏବଂ ଟ୍ରଷ୍ଟର ପ୍ରମୁଖ ସଦସ୍ୟ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନରେ ଭିକାରି ଚରଣ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅଗ୍ନିକାଣ୍ଡ ଜନିତ ଅଘଟଣ ସମୟରେ ଉଦ୍ଧାର କାର୍ଯ୍ୟ, ସୁରକ୍ଷା, ଅଗ୍ନି ନିର୍ବାପିତ ବ୍ୟବସ୍ଥା, ଚିକିତ୍ସା ସୁବିଧା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

ବୋଡ଼ିଗାଁ ପଞ୍ଚାୟତରେ ମନେରେଗା ଟଙ୍କା ଆତ୍ମସାତ

## ତଦନ୍ତକୁ ବିତିଲା ୩ ମାସ, କାର୍ଯ୍ୟାନୁଷ୍ଠାନ କେବେ ?



ବୋରିଗୁମ୍ମା,୧୩।୫ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବୋଡିଗାଁ କାର୍ଯ୍ୟାଳୟ ଅଧୀନରେ ଥିବା ୨ ଶହ ରୁ ଉର୍ଦ୍ଧ୍ୱ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ଓ ହିତାଧିକାରୀ ଟଙ୍କା ଆତ୍ମସାତ କରିଥିବା ଅର୍ଥ କାରବାର ଘଟଣାର ତଦନ୍ତ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପରେ ଭିଜିଲାନ୍ସ ଦ୍ୱାରା କରାଯିବାର ୩ ମାସ ବିତିଯାଇଥିଲେ ମଧ୍ୟ ଏଥିରେ ସଂଶ୍ଳିଷ୍ଟ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଉଚ୍ଚପଦସ୍ଥ ଅଧିକାରୀ ମାନେ କାହିଁକି ନୀରବ ଦ୍ରଷ୍ଟା ସାଜିଛନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୋରିଗୁମ୍ମା ବ୍ଲକ ବୋଡିଗାଁ ପଞ୍ଚାୟତରେ ଆବାସ ଯୋଜନା ହିତାଧିକାରୀ ଙ୍କ ଲକ୍ଷ ଲକ୍ଷ ମନରେଗା ଟଙ୍କାକୁ ମିଳିମିଶି ଚଳୁ କରି ଖାଇଗଲେ ପଞ୍ଚାୟତ ଅଧିକାର ମାନେ।ଏଥିରେ ସଂଶ୍ଳିଷ୍ଟ ଅର୍ଥ ହଡପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବୋରିଗୁମ୍ମା ବିଡ଼ିଓ ଙ୍କ ପାଖରେ ଫେରାଦ ପରେ ବି ସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଏବଂ ଶ୍ରମିକଙ୍କ ମଜୁରୀ ଟଙ୍କା ହଡପର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି ହିତାଧିକାରୀ। ବୋଡ଼ିଗାଁ ପଞ୍ଚାୟତର ବୋଡ଼ିଗାଁ, ସେମଳା, ମାଣ୍ଡିଆବନ୍ଧ, ଗୁରୁମାଇଗୁ ଡ଼ା ଗାଁର ଗରିବ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରିଥିଲେ ସରକାର। ଆବାସ ଯୋଜନାରେ ୨୦୨୩-୨୪ ଓ ୨୪ - ୨୫ ଆର୍ଥିକ ବର୍ଷରେ ସାମିଲ ହୋଇଥିଲେ ପାଖାପାଖି ୨୫୦ ପରିବାର।ଆବାସ ଯୋଜନା ରେ ନିଜେ ଶ୍ରମ ଦାନ କରି ଘର କାମ କରିଥିବା ଲୋକଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବା ବଦଳରେ ଅନ୍ୟ ଆକାଉଣ୍ଟ୍ କୁ ପଠାଯାଇଛି। ପ୍ରକୃତ ଶ୍ରମିକଙ୍କ ଟଙ୍କା ଅନ୍ୟ ଲୋକଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍ କୁ ପଠାଇ ପରବର୍ତ୍ତି ସମୟରେ ତାହାକୁ ଉଠାଇ ପଞ୍ଚାୟତର ଅଧିକାରୀ ମାନେ ମିଳିମିଶି ଚଳୁ କରି ଦେଇଥିବା ବି ସିଂହପୁର ଥାନାରେ ଲିଖିତ ଅଭିଯୋଗ କରି ଛନ୍ତି ହିତାଧିକାରୀ। ପିଇଓ, ଡିଈଓ ଓ ଜିଓ ଟେକର ମିଶି ଆବାସ ଯୋଜନା ପାଇଁ ଆସି ଥିବା ମନେରେଗା ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ଆଣିଛନ୍ତି ହିତାଧିକାରୀ ମାନେ। ଆବାସ ପାଇବା ପରେ ଘର ଖଣ୍ଡିଏ ପାଇଁ ବହୁ ଦୁଃଖ କଷ୍ଟରେ ଧାର ଉଦ୍ଧାର କରି ଘର ତିଆରି କରିଥିଲେ ହିତାଧିକାରୀ।

## ସୁକିନ୍ଦାରେ ମୃତକଙ୍କ ଅଙ୍ଗଦାନ କଲେ ପରିବାରବର୍ଗ

ଯାଜପୁର,୧୩।୫(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ବେଲୋହାରି ଗ୍ରାମ ରେ ସ୍ୱର୍ଗତ ବାଲି ଜାମୁଦା ଘର। ବ୍ରେନ୍ ଡେଡ୍ ବା ମସ୍ତିଷ୍କ ମୃତ୍ୟୁ ପରେ ତାଙ୍କ ପରିବାର ପକ୍ଷରୁ ଅଙ୍ଗଦାନ କରି ମାନବତାର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କର ଏହି ମହାନ ଦାନ ଅନେକ ଜୀବନକୁ ନୂଆ ଆଶା ଦେଇଥିବାବେଳେ ସେ ଚିରଦିନ ପାଇଁ ସମସ୍ତଙ୍କ ହୃଦୟରେ ଅମର ହୋଇ ରହିବେ। ତାଙ୍କର ଏଭଳି ମହତ କାମକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱର୍ଗତ ବାଲି ଜାମୁଦାଙ୍କ ଶେଷକୃତ୍ୟ ନିଜ ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ କରାଯାଇଥିଲା।



ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗନଗର) ଶ୍ରୀ ସପନ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, କଳିଙ୍ଗନଗର ଥାନା ଅଧିକାରୀ, ଅତିରିକ୍ତ ତହସିଲଦାର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ବାଲି ଜାମୁଦାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ।

## ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ ଜୟନ୍ତୀ ପାଳିତ



ଖୋର୍ଦ୍ଧା,୧୩।୫(ସଂଚାର ବ୍ୟୁରୋ): ସଚ୍ଚି ରାଉତରାୟ ସାହିତ୍ୟ ସଂସଦ ଆନୁକୁଲ୍ୟରେ ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ଜୟନ୍ତୀ ତାଙ୍କ ଜନ୍ମ ସ୍ଥାନ ଗୁରୁଜଙ୍ଗ ଦେୱାନ୍ ସାହି ରେ ପାଳିତ ହୋଇଛି। ସଂସଦର ଉପସଭାପତି ତଥା କବୟିତ୍ରୀ ଆରତୀ ମଞ୍ଜରୀ ଦାଶ ଓ ଅବସରପ୍ରାପ୍ତ ଅଧ୍ୟାପିକା ଶୁଭଦର୍ଶିନି ଦେବୀ ଙ୍କ ପରିଚାଳନା ରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।ଏଥିରେ ଖୋରଧା ଓ ଗୁରୁଜଙ୍ଗ ଅଞ୍ଚଳ ର କବିମାନେ ଅଂଶ ଗ୍ରହଣ କରି କବିତା ମାଧ୍ୟମରେ ମାଟିର ମହାକବି ସଚ୍ଚି ରାଉତରାୟ ଙ୍କ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକା ତଥା ସଂସଦର ସଭାପତି ଶ୍ୱେତ ପଦ୍ମାସିନି ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟ ସଂସଦର ମୁଖପତ୍ର 'ଶତଦଳ' ଉନ୍ମୋଚିତ ହୋଇଥିଲା। କବି ନାରାୟଣ ଦାସ ଙ୍କ କବିତା ପୁସ୍ତକ' କାଶତଣ୍ଡି -୪' ବରେଣ୍ୟ ଅତିଥିମାନଙ୍କ କର କମଳରେ ଲୋକାର୍ପିତ ହୋଇଥିଲା। ଏହି ସାରସ୍ୱତ ଉତ୍ସବ ରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଗବେଷକ ସତ୍ୟବାଦୀ ବଳିୟାରସିଂହ ସ୍ୱାଧୀନତା ସଂଗ୍ରାମରେ କବି ଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ସଚ୍ଚି ରାଉତରାୟଙ୍କ ଉପନ୍ୟାସ 'ଚିତ୍ରଗ୍ରିବ' ଠାରୁ ଆରମ୍ଭ କରି ତାଙ୍କ ଗଳ୍ପ ସାମ୍ରାଜ୍ୟ ଓ କବିତାକାଶର ସ୍ୱତନ୍ତ୍ର ବିଭବ ସମ୍ପର୍କରେ ଅବତାରଣା କରି ଓଡ଼ିଆ ସାହିତ୍ୟରେ ପ୍ରାକ ସାରଳା ଯୁଗ ଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ବ୍ୟାପ୍ତ କାବ୍ୟାଦର୍ଶର ସଂକ୍ଷିପ୍ତ ଚିତ୍ର ଉପସ୍ଥାପନ କରିଥିଲେ। ସଭାର ମୁଖ୍ୟ ଅତିଥି ତଥା ଖୋରଧା ସାହିତ୍ୟ ସଂସଦ ର ପୂର୍ବତନ ସଭାପତି ବୈକୁଣ୍ଠ ନାଥ ରାଜଗୁରୁ ସଚ୍ଚି ରାଉତରାୟ ଙ୍କ ନାମରେ ନାମିତ ଏହି ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟ କାମନା କରିବା ସହ କବିଙ୍କ ରାଜନୈତିକ ଜୀବନ ଓ ପଲ୍ଲୀ ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ।

କଂଗ୍ରେସର ସାଙ୍ଗଠନିକ ବୈଠକ

## ତୃଣମୂଳ ସ୍ତରରେ ସଂଗଠନ ମଜବୁତ କରିବାକୁ କର୍ମୀକୁ ଆହ୍ୱାନ



ଯାଜପୁର,୧୩।୫ (ସଂଚାର ବ୍ୟୁରୋ): ଆଉ କିଛି ମାସ ପରେ ପଞ୍ଚାୟତ ନିର୍ବାଚନ। ପଞ୍ଚାୟତ ନିର୍ବାଚନକୁ ନିଜ ଅକ୍ତିଆରକୁ ଆଣିବାକୁ କଂଗ୍ରେସ ଜୋର ଦାର ପ୍ରୟାସ ଆରମ୍ଭ କରି ଦେଇଛି। ଫଳରେ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ବିଭିନ୍ନ ପଞ୍ଚାୟତରେ ଘନ ଘନ ବୈଠକ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇଉଠିଛି। କାରଣ ତୃଣମୁଳ ସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ପୂର୍ବତନ ମନ୍ତ୍ରୀ ଶରତ ରାଉତ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଫଳରେ ଦାନଗଦି ବ୍ଲକ ଓଲ୍ଲନ ଗ୍ରାମପଞ୍ଚାୟତ ସାଙ୍ଗଠନିକ ବୈଠକରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟ ଦଳର ପ୍ରାୟ ୧୬ ଜଣ ଆଗଧାଡ଼ିର କର୍ମୀ କଂଗ୍ରେସର ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ଶ୍ରୀ ରାଉତ ନୂତନ ଭାବେ ଯୋଗ ଦେଇଥିବା କର୍ମୀମାନଙ୍କୁ କଂଗ୍ରେସ ଦଳର ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିବା ସହ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଛନ୍ତି। ଦଳରେ ଯୋଗ ଦେଇଥିବା ପ୍ରମୁଖ କର୍ମୀମାନେ ହେଲେ ରୋହିତ ଜେନା, ରଞ୍ଜିତ ଜେନା, ବାବୁଲି ଜେନା, ଅଚ୍ୟୁତ ମଲ୍ଲିକ, ଚନ୍ଦନ ଜେନା, ପରୀକ୍ଷିତ ଜେନା, ଗଜେନ୍ଦ୍ର ମଲ୍ଲିକ, ଚାମୁର ମୁଣ୍ଡା, ରାମା କୋଶୁ, ଶୁକଦେବ କେରାଇ, ଏମେଲେ ଜେନା, ଜ୍ୟୋତି ପ୍ରକାଶ ମଲ୍ଲିକ, ଆଲୋକ ଜେନା, ଦୀପକ ଜେନା, ବାମିଆ ସିଙ୍କୁ ଓ ବାବୁଲି ହେମ୍ବ୍ରମ। ଶରତ ରାଉତଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଓ ସମୟ ଦାନ କର୍ମୀମାନଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଛି।

## ବିଦ୍ୟୁତ ବିଭାଗର ଠିକା ଓବିଏ କର୍ମଚାରୀଙ୍କ ଧାରଣା



ଯାଜପୁର ରୋଡ଼, ୧୩।୫(ସଂଚାର ବ୍ୟୁରୋ): ଟିପିଏନଓଡିଏଲ ବିଦୁତ ବିଭାଗର ଠିକା କର୍ମଚାରୀ ଓବିଏ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବିରେ ବ୍ୟାସନଗର ପୌରାଅଞ୍ଚଳ ସହରର ଧବଳଗିରି ଠାରେ ଥିବା ବିଦ୍ୟୁତ ବିଭାଗର ଏସଇ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ବିନା କାରଣରେ ଶ୍ରମିକ ମାନଙ୍କୁ ଛଟେଇ କରିବା, ପରିଶ୍ରମ ଅନୁଯାୟୀ ଉଚିତ ପ୍ରାପ୍ୟ ନଦେବା, ଶ୍ରମିକ ମାରଣନୀତି ଅବଲମ୍ବନ କରିବା ପ୍ରତିବାଦରେ ଯାଜପୁର ଜିଲ୍ଲା ଠିକା କର୍ମଚାରୀ ଓବିଏ କର୍ମଚାରୀ ସଙ୍ଘ ପକ୍ଷରୁ ୨୦ତାରିଖ ପର୍ଯ୍ୟନ୍ତ ଦୁଇ ଘଂଟିଆ ଓ ପରେ ୧୨ ଘଂଟିଆ ପ୍ରତିବାଦ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି। ଓଡିଶା ପାୱାର ସେକ୍ଟର ଟେକେକ୍ନିକାଲ କର୍ମଚାରୀ ସଙ୍ଘର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଦାସ ଓ ଉପସଭାପତିଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଠିକା କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ସରକାର ଓ ଟିପିଏନଓଡିଏଲ ର ମୁଖ୍ୟ ଏହାର ସମାଧାନ ନକଲେ ବିଦୁତ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ କରିଦିଆଯିବ ବୋଲି ସାଧାରଣ ସମ୍ପାଦକ ସୂଚନା ଦେଇଥିଲେ।

## ଆବାସ ଯୋଜନା ପାଇଁ ବୃଦ୍ଧାଙ୍କଠୁ ଲାଞ୍ଚ ଦାବି



ଢେଙ୍କାନାଳ,୧୩।୫(ସଂଚାର ବ୍ୟୁରୋ): ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଜରଡା ଗ୍ରାମ ପଞ୍ଚାୟତ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଅଭିଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ଜଣେ ୭୨ ବର୍ଷୀୟା ବୃଦ୍ଧାଙ୍କଠାରୁ ଲାଞ୍ଚ ମଗାଯାଉଥିବା ବେଳେ ଯୋଗ୍ୟ ହିତାଧିକାରୀମାନେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏପରିକି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମଧ୍ୟ ପଞ୍ଚାୟତ ଅଧିକାରୀ ଛାଡି ନ ଥିବା ଅଭିଯୋଗ ହୋଇଛି। ବାରମ୍ବାର ସରକାରୀ ବାବୁଙ୍କ ପାଖରେ ଗୁହାରି କଲେ ମଧ୍ୟ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଉନାହାନ୍ତି। ଜରଡା ଗ୍ରାମର କାମିନୀ ପୃଷ୍ଟି ବୟସ ୭୨, ସ୍ୱାମୀ ପରଲୋକ ପରେ ଏକ ଭଙ୍ଗା ଚାଳଘରେ ଏକାକୀ ରହୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ତାଙ୍କ ନାମ ଥିଲେ ମଧ୍ୟ ଘର ମଞ୍ଜୁର ପାଇଁ ପଞ୍ଚାୟତର ଜଣେ କର୍ମଚାରୀ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିବା ସେ ଅଭିଯୋଗ କରିଛନ୍ତି। "ମୋ ପାଖରେ ଖାଇବାକୁ ପଇସା ନାହିଁ, ଲାଞ୍ଚ କେଉଁଠୁ ଦେବି? ବର୍ଷା ଦିନେ ଘର ଗଳୁଛି ପାଣି " ବୋଲି କାନ୍ଦି କାନ୍ଦି କହିଛନ୍ତି କାମିନୀ ସେହିପରି ଗାଁର ଭିନ୍ନକ୍ଷମ ଯୁବକ ଅଭିଯୋଗ କରିଛନ୍ତି ଯେ ଭତ୍ତା ଓ ଆବାସ ଯୋଜନାରୁ ତାଙ୍କ ନାମ କାଟି ଦିଆଯାଇଛି। ପଞ୍ଚାୟତ କାର୍ଯ୍ୟାଳୟକୁ ଗଲେ ଅଧିକାରୀମାନେ ଗାଳିଗୁଲଜ କରି ଫେରାଇ ଦେଉଛନ୍ତି। ଅନ୍ୟପକ୍ଷରେ ଗାଁର କିଛି ସଚ୍ଛଳ ପରିବାରଙ୍କୁ ଦୁଇ-ତିନିଟି ଯୋଜନାରେ ଘର ମିଳିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଗତ ମାସରେ ହିନ୍ଦୋଳ ବିଡିଓ ଓ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇନାହିଁ। "ଆମେ ସରକାରୀ ବାବୁଙ୍କ ପାଖକୁ ଦୌଡ଼ି ଦୌଡ଼ି ଥକିଗଲୁ। କେହି ଶୁଣୁନାହାନ୍ତି।

## ସ୍କର୍ପିଓରେ ଗୋ' ଚାଲାଣ

ନୀଳଗିରି ୧୩।୫(ସଂଚାର ବ୍ୟୁରୋ): ବିଳମ୍ବିତ ରାତିରେ ଏକ ସ୍କୋର୍ପିଓରେ ଅମାନୁଷିକ ଭାବେ ୭ଟି ଗୋରୁଙ୍କୁ ବାନ୍ଧି ମୟୁରଭଞ୍ଜ ଜିଲା ଉଦଳାରୁ ନୀଳଗିରି ଆଡକୁ ଆସୁଥିଲା ଏକ ସ୍କର୍ପିଓ କାର।ଦ୍ରୁତ ଗତିରେ ଯାଉଥିବା ଏହି ଗାଡିକୁ ନେଇ ସନ୍ଦେହ ଉପୁଜିବା ଯୋଗୁଁ ପେଟ୍ରୋଲିଂରେ ଥିବା ବରହମପୁର ପୁଲିସ ଗୋଡ଼ାଇ ଥିଲା। ଗାଡିଟି ତରବରିଆ ଭାବେ ତିନିକୋଶିଆ ଜଙ୍ଗଲ ର ଚନ୍ଦ୍ରପୁର ଗାଁ ଭିତରେ ପଶି ଯାଇଥିଲା। ସ୍ଥାନୀୟ ଲୋକ ଉଠି ପଡ଼ିବାରୁ ସ୍କୋର୍ପିଓ ଛାଡି ବେପାରୀ ମାନେ ଚମ୍ପଟ ମାରିଛନ୍ତି। ଖବର ପାଇ ବରହମପୁର ପୁଲିସ ରାତିରେ ପହଞ୍ଚି ୭ଗୋରୁଙ୍କୁ ଉଦ୍ଧାର କରିଥିବା ବେଳେ ବ୍ୟବହୃତ ସ୍କୋର୍ପିଓ(ଓଡି-୦୧-ଡି-୦୦୨୫) ଗାଡିକୁ ଜବତ କରିଛି। କିଛିଦିନ ହେବ ନୀଳଗିରି ଓ ଆଖପାଖ ଅଞ୍ଚଳରୁ ଗୋରୁ ଚୋରି ହୋଇ ଚାଲିଥିବା ଯୋଗୁଁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

### ବିଶ୍ୱ ଦକ୍ଷତା କେନ୍ଦ୍ରରେ ଶିଳ୍ପ ମନ୍ତ୍ରୀଙ୍କ ସମୀକ୍ଷା

# ସମ୍ପ୍ରସାରଣ ଓ ଶିଳ୍ପଭିତ୍ତିକ ଦକ୍ଷତା ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ)ଃ ବିଶ୍ୱ ଦକ୍ଷତା କେନ୍ଦ୍ର ଓଡ଼ିଶାରେ ଉନ୍ନତ ମାନର ଦକ୍ଷତା ବିକାଶ ପାଇଁ ଦୃଢ଼ ଭିତ୍ତିପ୍ରସ୍ତର ସ୍ଥାପନ କରିଛି। ଏବେ ଏହାର ଭିତ୍ତିଭୂମିର ସମ୍ପୂର୍ଣ୍ଣ ବିନିଯୋଗ, ଶିଳ୍ପ ସହଭାଗିତାକୁ ସୁଦୃଢ଼ କରି ଓ ରାଜ୍ୟର ବିଭିନ୍ନ

## ନୂତନ ବୈଷୟିକ ଶିକ୍ଷା ଆରମ୍ଭ ପାଇଁ ନିର୍ଦ୍ଦେଶ

ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହାର ପରିସରକୁ ଆହୁରି ବ୍ୟାପକ କରିବାକୁ ହେବ। ସ୍ଥାନୀୟ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଗ୍ରଗତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରି ଏହା କହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏଥିସହ ଓଡ଼ିଶାର ଯୁବପିଢ଼ିକୁ କେବଳ ଘରୋଇ ନିଯୁକ୍ତି ପାଇଁ ନୁହେଁ, ବରଂ 'ୱାର୍ଲ୍ଡ ସ୍କିଲ୍' ଭଳି ବିଶ୍ୱସ୍ତରୀୟ ମଞ୍ଚ ପାଇଁ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।



ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏକ ପ୍ରମୁଖ ଅନୁଷ୍ଠାନ। ଏହା ପ୍ରତିଷ୍ଠା ପରଠାରୁ ୯ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦେଇସାରିଛି। ଏହି କେନ୍ଦ୍ର ୯୯ ପ୍ରତିଶତରୁ ଅଧିକ ନିଯୁକ୍ତି ହାର ମଧ୍ୟ ହାସଲ କରିଛି। ଏଠାରୁ ପ୍ରଶିକ୍ଷଣ ପାଇଥିବା ପିଲାଙ୍କ ମଧ୍ୟରୁ ୨୫୧ ଜଣ ଟାଟା ଗ୍ରୁପ୍, ହିଟାଚି ଓ ୱିପ୍ରୋ ଭଳି ନାମୀଦାମୀ କମ୍ପାନୀରେ ବିଦେଶରେ ଚାକିରି ପାଇଛନ୍ତି। ଏଥିସହ କେନ୍ଦ୍ର ପକ୍ଷରୁ 'ପ୍ରଶିକ୍ଷକଙ୍କ ତାଲିମ' କାର୍ଯ୍ୟକ୍ରମ ଜରିଆରେ ୪ ହଜାରରୁ ଅଧିକ ଅଧ୍ୟାପକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଆହୁରି ଆଡଭାନ୍ସଡ୍ ୱେଲ୍ଡିଂ, ଇଣ୍ଡଷ୍ଟ୍ରିଆଲ୍ ଅଟୋମେସନ୍ ଓ ସ୍ମାର୍ଟ ମାନୁଫ୍ୟାକଚରିଂ ଭଳି ଅତ୍ୟାଧୁନିକ ବିଷୟରେ ଏଠାରେ ଉତ୍କର୍ଷ କେନ୍ଦ୍ରମାନ ସ୍ଥାପନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଗ୍ରଗତିକୁ ପ୍ରଶଂସା କରିବା ସହ ଏହାର ପରିସର ବୃଦ୍ଧି ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ଭିତ୍ତିଭୂମିର ସଠିକ୍ ଉପଯୋଗ ଉପରେ ଗୁରୁତ୍ୱ ଦେଇ ସେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ସାମିଲ କରିବା, ଶିଳ୍ପଭିତ୍ତିକ ସ୍ୱଳ୍ପକାଳୀନ ପାଠ୍ୟକ୍ରମର ସମ୍ପ୍ରସାରଣ ଓ ଅଣ୍ଡର-ୱାଟର ଏବଂ ପାଇପ୍ ୱେଲଡିଂ ଭଳି ସ୍ୱତନ୍ତ୍ର ଦକ୍ଷତା କ୍ଷେତ୍ରଗୁଡ଼ିକ ଆରମ୍ଭ କରିବା ଉପରେ ଜୋର ଦେଇଛନ୍ତି। ଆହୁରି ସରକାରୀ ଅନୁଷ୍ଠାନ, ବେସରକାରୀ ଆଇଟିଆଇ ଓ ପଲିଟେକନିକ୍‌ଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆହ୍ୱାନ ଦେଇଛନ୍ତି।

ଆଜିର ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର, ସିଓଓ ପିନାକୀ ପଟ୍ଟନାୟକ, ଅଧ୍ୟକ୍ଷ ଡକ୍ଟର ଶୁଭାଙ୍ଗ କିଶୋର ଦାସ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ୨୦ରେ ଔଷଧ ଦୋକାନୀଙ୍କ ବନ୍ଦ ଡାକରା

### ଅନ୍‌ଲାଇନରେ ଔଷଧ ବିକ୍ରିକୁ ବିରୋଧ

ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ)ଃ ଆସନ୍ତା ୨୦ରେ ଓଡ଼ିଶାରେ ସମସ୍ତ ଔଷଧ ଦୋକାନ ବନ୍ଦ ରହିବ। ଏନେଇ ଆଜି ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏସନ୍ (ୟୁସିଡିଏ) ପକ୍ଷରୁ ଘୋଷଣା କରାଯାଇଛି। ଅନ୍‌ଲାଇନରେ ଔଷଧ ବିକ୍ରିକୁ ବିରୋଧ କରି ଆସୋସିଏସନ୍ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଡ୍ରଗ୍ ଆଣ୍ଡ୍ କସମେଟିକ ନିୟମ ଅନୁଯାୟୀ, ଅନ୍‌ଲାଇନରେ ଔଷଧ ବିକ୍ରୟ ନେଇ କୌଣସି ପ୍ରାବଧାନ ନାହିଁ। ଗତ କୋଭିଡ୍ ସମୟରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାର ଜରୁରୀ ବିଜ୍ଞପ୍ତି ମାଧ୍ୟମରେ ଔଷଧ ଅନ୍‌ଲାଇନରେ ଯୋଗାଇଦେବା ସକାଶେ ଅନୁମତି ପ୍ରଦାନ କରିଥିଲେ। ହେଲେ ଆଜି କୋଭିଡ୍‌ଜନିତ ପରିସ୍ଥିତିରେ ଯଥେଷ୍ଟ ସୁଧାର ଆସିସାରିଥିଲେ ମଧ୍ୟ କେନ୍ଦ୍ର ସରକାର ଅଦ୍ୟାବଧି ତାହାକୁ ପ୍ରତ୍ୟାହାର କରିନାହାନ୍ତି। ଯାହା ଫଳରେ ୩୦ ହଜାର ଔଷଧ ଦୋକାନୀ ସେମାନଙ୍କ



ବ୍ୟବସାୟରେ କ୍ଷତି ସହୁଛନ୍ତି। ପାଖାପାଖି ଅଢ଼େଇ ଲକ୍ଷ ପରିବାର ପାଇଁ ଏହା ଚିନ୍ତାର କାରଣ ହୋଇଛି। ସେହିପରି ଅନେକ ଆପତ୍ତିଜନକ ଔଷଧ ମଧ୍ୟ ବିନା ଡାକ୍ତରୀ ଚିଠାରେ ଅନଲାଇନ୍‌ରେ ବିକ୍ରି ହେଉଛି ବୋଲି ଆସୋସିଏସନ୍ ପକ୍ଷରୁ ଅଭିଯୋଗ କରାଯାଇଛି।

### ଆକ୍ରମଣ ଓ ଦୋକାନ ଭଙ୍ଗାରୁଜା

## ୧୧ ଜଣଙ୍କ ନାମରେ ପାଲଟା ମାମଲା

ବାଲିଅନ୍ତା, ୧୩।୫ (ସଂଚାର ବ୍ୟୁରୋ)ଃ ଧଉଳି ଥାନା ଅଧୀନ ଉତ୍ତରା ଛକରେ ଗତ ସପ୍ତାହରେ ଘର ମାଲିକ ଏବଂ ଘର ଭଡାଟିଆ ଗଣ୍ଡଗୋଳ ଘଟଣାରେ ଧଉଳି ଥାନା ପୁଲିସ ଭଡାଟିଆ ୨ ଭାଇ ଗୌତମ ପ୍ରଧାନ ଓ ଲକ୍ଷ୍ମୀଧର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗୌତମ ଓ ଲକ୍ଷ୍ମୀଧର ଆକ୍ରମଣରେ ସଂକଟାପନ୍ନ ଘର ମାଲିକଙ୍କ ପୁଅ ଦେବାଶିଷ ପ୍ରଧାନ ଏବେ ଚିକିତ୍ସାଧୀନ ଅଛନ୍ତି। ଦେବାଶିଷଙ୍କ ପତ୍ନୀ ସ୍ୱାମୀଙ୍କୁ ପ୍ରାଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ସେହିପରି ଗୌତମଙ୍କ ପତ୍ନୀ ପ୍ରତିମା ଦେବାଶିଷଙ୍କ ସମେତ ୧୧ ଜଣଙ୍କୁ ପକ୍ଷଭୁକ୍ତ କରି ଥାନାରେ ପାଲଟା ଅଭିଯୋଗ କରିଥିଲେ। ପ୍ରତିମାଙ୍କ ଅଭିଯୋଗକୁ ଭିତ୍ତି ଅନୁରୂପ ଭାବେ ବିପକ୍ଷ ଗୋଷ୍ଠୀର ୧୧ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ହେଲେ ଦେବାଶିଷ ପ୍ରଧାନ, ଅମୂଲ୍ୟ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ଗୋବିନ୍ଦ ପ୍ରଧାନ, ନାରାୟଣ ପ୍ରଧାନ, ଅନନ୍ତ ପ୍ରଧାନ, ଦିଲ୍ଲୀପ କାଳିଆ, ରଘୁନାଥ ସାହୁ ଓ ସୁଦର୍ଶନ ପ୍ରଧାନଙ୍କ ସମେତ ଅନ୍ୟ କେତେକଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ ଯେ ଧଉଳି ଥାନା ଅଧୀନ ସରଦେଇପୁର ମୌଜା ଉତ୍ତରା ଛକ ନିକଟରେ ଦୋକାନ ଘର ଭଡ଼ା ଟଙ୍କାକୁ କେନ୍ଦ୍ର କରି ଉପରୋକ୍ତ ୨ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଅଭିଯୋଗରେ ଗୌତମ ଓ ତାଙ୍କ ଭାଇ ଲକ୍ଷ୍ମୀଧରଙ୍କୁ ଆକ୍ରମଣ କରିବା ସହ ଦୋକାନ ଓ ତାଙ୍କ ୱାସରୁମ୍‌ରେ ଭଙ୍ଗାରୁଜା ଉଦ୍ୟମ କରିଥିବା ପ୍ରତିମା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପରିବାର ଲୋକେ ଧଉଳି ପୁଲିସକୁ ଜଣାଇଥିଲେ। ପୁଲିସ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଖସି ପଳାଇଥିଲେ। ୧୧ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୁଲିସ ଜଣଙ୍କୁ ବି ଗିରଫ କରିପାରିନାହିଁ। ତେଣୁ ଏନେଇ ପୁଲିସର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## ହତ୍ୟାକାଣ୍ଡ ଘଟାଇଲା ନିଶାରେ ଚୂର୍ ଯୁବକ

### ନିର୍ଘାତ ପିଟିଲେ ଗ୍ରାମବାସୀ

ବାରିପଦା, ୧୩।୫(ସଂଚାର ବ୍ୟୁରୋ)ଃ ଯେସାକୁ ତେସା। ନିଶାରେ ନୃଶଂସ ହତ୍ୟା କଲା ଯୁବକ। ଅଭିଯୁକ୍ତକୁ ବାନ୍ଧି ନିର୍ଘାତ ମାଡ ମାରିଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ଥାନା ଅନ୍ତର୍ଗତ କୁଲୁଘୁଟୁ ଗାଁରେ ଘଟିଛି ଏହି ଘଟଣା। ଶାବଳରେ ଆକ୍ରମଣ କରି ଦୁଇ ଜଣଙ୍କୁ ହତ୍ୟା କରିଥିଲା ଅଭିଯୁକ୍ତ ମୋଚକା ଆଲଦା। ମୃତକ ଦୁଇ ଜଣ ହେଲେ କୁଲୁଘୁଟୁ ଗାଁର ଗୋପୀନାଥ ସର୍ଦ୍ଦାର ଓ ବୁଦ୍ଧେଶ୍ୱର ରଣା। ଏହାପରେ ଅଭିଯୁକ୍ତ ମୋଚକାକୁ କାବୁ କରି ଗ୍ରାମବାସୀ ତା'ର ହାତଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିବା ସହ ତା'ର ଗୋଡ ଭାଙ୍ଗିଦେଇଛନ୍ତି। ଏନେଇ ଖବର ପାଇ ସ୍ଥାନୀୟ ପୁଲିସ ଅଭିଯୁକ୍ତକୁ ଗ୍ରାମବାସୀ କବଳରୁ ଉଦ୍ଧାର କରିବା ସହ ଗିରଫ କରିଛି। ଏଥିସହ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇବା ସହ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ତେବେ ଆଗରୁ କୌଣସି ପୂର୍ବ ଶତ୍ରୁତା ନ ଥାଇ ନିଶାସକ୍ତ ଅବସ୍ଥାରେ ଯୁବକ ଜଣଙ୍କ ଏହି ହତ୍ୟାକାଣ୍ଡ ଘଟାଇଥିବା ଜଣାପଡ଼ିଛି।

## ପୂର୍ବତନ ବିଧାୟକ ଆୟୁବ ଖାନ୍‌ଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ

କଣ୍ଟାବାଞ୍ଜି/ଭୁବନେଶ୍ୱର, ୧୩।୫(ସଂଚାର ବ୍ୟୁରୋ)ଃ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାନ୍‌ଙ୍କର ଆଜି ପରଲୋକ ଘଟିଛି। କଣ୍ଟାବାଞ୍ଜିସ୍ଥିତ ବାସଭବନଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ତେବେ ଦୀର୍ଘଦିନ ହେଲା ସେ ଅସୁସ୍ଥ ଥିବା ବେଳେ ଆଜି ପ୍ରାତଃ ସମୟରେ ପରଲୋକ ଗମନ କରିଛନ୍ତି। ତାଙ୍କର ରାଜନୈତିକ କ୍ୟାରିଅର୍ ମଧ୍ୟରେ ଆୟୁବ ଖାନ୍ ଥରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ଶେଷ ଥର ପାଇଁ ସେ ବିଜେଡି ଟିକେଟ୍‌ରେ ବିଧାୟକ ହୋଇଥିଲେ। ସେ ସ୍ଥାନୀୟ ଲୋକଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ତାଙ୍କୁ କଣ୍ଟାବାଞ୍ଜିବାସୀ ବିକାଶ ପୁରୁଷ ବୋଲି ସମ୍ବୋଧନ କରୁଥିଲେ। କଣ୍ଟାବାଞ୍ଜିର ବିକାଶ ପାଇଁ ସେ ଅନେକ କିଛି କରିଥିଲେ। ଆୟୁବ ଖାଁ କାଉନସିଲର୍‌ରୁ ତାଙ୍କର ରାଜନୈତିକ କ୍ୟାରିଅର୍ ଆରମ୍ଭ କରିଥିବା ବେଳେ ପରେ କଣ୍ଟାବାଞ୍ଜି ଏନଏସି ଚେୟାରମ୍ୟାନ ହୋଇଥିଲେ। ଏଥିସହ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ୨୦୦୪ରେ ବିଧାୟକ ହୋଇଥିବା ବେଳେ ବିଜେଡିରୁ ୨୦୧୪ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହାଛଡ଼ା ସେ ଓଡ଼ିଶା ହଜ କମିଟି ଅଧ୍ୟକ୍ଷ, ୱାକଫ ବୋର୍ଡ ଅଧ୍ୟକ୍ଷ ରହିବା ସହ ବିଜେଡିର ବିଭିନ୍ନ ପଦପଦବୀରେ ରହି ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।



ଆୟୁବ ଖାନ୍‌ଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜଣେ ଅଭିଜ୍ଞ ଜନପ୍ରତିନିଧି ଭାବେ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି କହିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। ସେହିପରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବିଜେଡିର ବରିଷ୍ଠ ସଙ୍ଗଠକ ତଥା କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାନଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ସଙ୍ଗଠକ ଏବଂ ଦରଦୀ ନେତାଙ୍କୁ ହରାଇଲା।

## ୫ ସାଇବର୍ ଲୁଟେରା ଗିରଫ

ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ)ଃ ଅନଲାଇନ୍ ମାଧ୍ୟମରେ ଟଙ୍କା ନିବେଶ କରି ଅଧିକ ଲାଭ ଦେବା ପ୍ରତିଶ୍ରୁତି ଦେଇ ଠକିଥିବା ୫ ଜଣ ସାଇବର୍ ଲୁଟେରାଙ୍କୁ ଆଜି ଗିରଫ କରାଯାଇଛି। ଏମାନେ ଏକ ର୍ୟାକେଟ୍ ମାଧ୍ୟମରେ ଲୁଟ୍ କରୁଥିଲେ। ଜନୈକ ପୂର୍ବତନ ବ୍ୟାଙ୍କ କର୍ମଚାରୀ ଏମାନଙ୍କ ଠକେଇର ଶିକାର ହେବା ପରେ ଏନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ତଦନ୍ତ କରି ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା ଓ ଭୁବନେଶ୍ୱରରେ ଚଢ଼ାଉ କରି ୫ ଅଭିଯୁକ୍ତଙ୍କୁ ସାଇବର୍ ପୁଲିସ୍ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତମାନେ ଏକ ଗ୍ୟାଙ୍ଗ ଗଠନ କରି ଲୋକଙ୍କୁ ଟାର୍ଗେଟ କରି ଠକେଇ କରିଆସୁଥିଲେ। ଅଭିଯୋଗକାରୀ ଜଣଙ୍କଠାରୁ ଉକ୍ତ ସାଇବର୍ ଲୁଟେରାମାନେ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଥିଲା। ଗିରଫ ଅଭିଯୁକ୍ତମାନଙ୍କଠାରୁ ସାଇବର୍ ପୁଲିସ୍ ମୋବାଇଲ ଫୋନ, ଏଟିଏମ୍ କାର୍ଡ ଓ କ୍ରେଡିଟ କାର୍ଡ ଆଦି ଜବତ କରିଛି। ତେବେ ଏହି ଗ୍ୟାଙ୍ଗ୍ ଉପରୋକ୍ତ ବ୍ୟାଙ୍କ୍ କର୍ମଚାରୀଙ୍କ ବ୍ୟତୀତ ଆହୁରି କେତେକ ଲୋକଙ୍କୁ ମଧ୍ୟ ଠକିଥିବା ଜଣାପଡ଼ିଛି।

## ଆମ ବସ୍ ଧକ୍କାରେ ବାଇକ ଚାଳକ ଗୁରୁତର

ଭୁବନେଶ୍ୱର, ୧୩।୫ (ସଂଚାର ବ୍ୟୁରୋ)ଃ ପୁଣି ଆମ ବସ ଘଟାଇଛି ଦୁର୍ଘଟଣା। ଭୁବନେଶ୍ୱର ଜୟଦେବ ବିହାର-ଆଚାର୍ଯ୍ୟ ବିହାର ରାସ୍ତାରେ ଜଣେ ବାଇକ ଆରୋହୀଙ୍କୁ ଆମ ବସ୍ ପିଟିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଏହାକୁ ନେଇ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଉତ୍ତ୍ୟକ୍ତ ଲୋକେ ଉକ୍ତ ବସ୍‌ର କାଚ ଭାଙ୍ଗି ଦେଇଥିବା ବେଳେ ପୁଲିସ ସେମାନଙ୍କୁ ବୁଝାସୁଝା କରି ଶାନ୍ତ କରିଛି। ସୂଚନାଯୋଗ୍ୟ ଯେ ଗତ ସପ୍ତାହରେ ମଧ୍ୟ ଆମ ବସ୍ ସ୍ଥାନୀୟ ବାଣୀବିହାର-ସତ୍‌ସଙ୍ଗ ବିହାର ରାସ୍ତା ନିକଟରେ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ବସ୍‌ଟି କଟକ ବିଜୁ ପଟ୍ଟନାୟକ ପାର୍କରୁ ଭୁବନେଶ୍ୱର ବରମୁଣ୍ଡା ଅଭିମୁଖେ ଯାଉଥିବା ସମୟରେ ବାଇକ୍ ଆରୋହୀଙ୍କୁ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ନିୟମିତ ଭାବେ ଆମ ବସ୍ ଦୁର୍ଘଟଣା ଘଟାଉଥିବାରୁ ଏହା ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ତେଣୁ ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସକାଶେ ଲୋକେ ଦାବି କରିଛନ୍ତି।



## ସବର ସାହିରେ ଛୁରା ମାଡ଼, ୨ ଆହତ

ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ)ଃ ପୁଣି ଅଶାନ୍ତ ହୋଇଛି ରାଜଧାନୀ ଭୁବନେଶ୍ୱର। ସ୍ଥାନୀୟ ସହିଦ ନଗର ସବର ସାହିରେ ଛୁରା ମାଡ଼ ହୋଇଛି। ସାଙ୍ଗର ଛୁରା ମାଡ଼ରେ ଆଉ ଜଣେ ସାଙ୍ଗ ଆହତ ହୋଇଛି। ଏକାଠି ତିନି ସାଙ୍ଗ ଭୋଜି କରି ଖାଉଥିବା ସମୟରେ ସାମାନ୍ୟ ବଚସାରୁ ,ପରି ଛୁରା ମାଡ଼ ଘଟଣା ଘଟିଥିବା ସୂଚନା ମିଳିଛି। ଛୁରା ମାଡ଼ରେ ଦୁଇ ଜଣ ସାଙ୍ଗ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି ସହିଦ ନଗର ଥାନା ପୁଲିସ। ଛୁରା ମାଡ଼ରେ ରାମ ସୋରେନଙ୍କ ମୁଣ୍ଡରେ ଶକ୍ତ ଆଗାତ ଲାଗିଥିବା ବଳେ ପୁଲିସ୍ ତିନି ସାଙ୍ଗଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି।

### ପିତା ସାଜିଲା ପିଶାଚ

## ଜନ୍ମକଲା ପୁଅକୁ ମାରି ପୋତିଦେଲା

ଅନୁଗୋଳ,୧୩।୫(ସଂଚାର ବ୍ୟୁରୋ)ଃ ପିତା ସାଜିଲା ପିଶାଚ। ନିଜର ଜନ୍ମକଲା ପୁଅକୁ ମାରି ପୋତିଦେଲା। ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅର୍କୀଳ ଗାଁରେ ଘଟିଛି ଏପରି ଏକ ଚାଞ୍ଚଲ୍ୟକର ଘଟଣା। ମୃତକ ଜଣଙ୍କ ହେଲେ କୁଜା ବେହେରା। ତାଙ୍କୁ ବାପା ମୁରଲୀଧର ବେହେରା ନିଜ ହାତରେ ହତ୍ୟା କରିଛି। ଏହି ଘଟଣାରେ ପୁଲିସ ମୁରଲୀଧର, ମା' ଓ କୁଜାଙ୍କ ପ୍ରଥମ ପତ୍ନୀକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ମିଳିଥିବା ସୂଚନାନୁସାରେ, ପ୍ରଥମ ସ୍ତ୍ରୀ ଥିବା ସତ୍ତ୍ୱେ ଦ୍ୱିତୀୟ ବିବାହ କରିଥିଲେ କୁଜା। ଦ୍ୱିତୀୟ ପତ୍ନୀ ଗ୍ରହଣକୁ ନେଇ ଘରେ ଗଣ୍ଡଗୋଳ ହୋଇଥିଲା। ଏହାପରେ ମଦ୍ୟପ ପୁଅ କୁଜା ମା'ଙ୍କୁ ଆକ୍ରମଣ କରିଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ବାପା ମୁରଲୀଧର ପୁଅର ଜୀବନ ନେଇଯାଇଥିଲେ। ପୁଅକୁ ମାରିସାରିବା ପରେ ସେ ତା'ର ମୃତଦେହକୁ ଘରଠାରୁ କିଛି ଦୂରରେ ପୋତିଦେଇଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ସ୍ଥାନରେ କୁଜାଙ୍କୁ ଖୋଜାଖୋଜି କରିବା ପରେ ଶେଷରେ ଜଙ୍ଗଲରୁ ଦୀର୍ଘ ୬ ଦିନ ପରେ ତାଙ୍କ ମୃତଦେହ ମିଳିଥିଲା। ଦ୍ୱିତୀୟ ପତ୍ନୀଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରିବା ସହ ରେଙ୍ଗାଲି ପୁଲିସ୍ ଘଟଣାର ତଦନ୍ତ କରୁଛି।

### ଓଡ଼ଗାଁରେ ଯୁବକଙ୍କୁ ହତ୍ୟା ଘଟଣା

## ଦୁଇ ଅଭିଯୁକ୍ତଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍

ନୟାଗଡ଼, ୧୩।୫(ସଂଚାର ବ୍ୟୁରୋ)ଃ ମାଙ୍କଡ଼ା ପଥର ଚୋରା ଚାଲାଣକୁ ନେଇ ଗତ ରବିବାର ରାତିରେ ଓଡ଼ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ବେଳେ ଏହି ମାମଲାରେ ମୋଟ ୪ ଜଣଙ୍କୁ ଗିରଫ କରାଯାଇସାରିଛି। ସେମାନଙ୍କ ମଧ୍ୟରୁ ଆଜି ଦୁଇ ଜଣ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ନାୟକ ଓ ମହନ୍ତ ନାୟକଙ୍କୁ ନେଇ ପୁଲିସ୍ ପକ୍ଷରୁ କ୍ରାଇମ୍ ସ୍ପଟରେ ସିନ୍ ରିକ୍ରିଏସନ କରାଯାଇଛି। ଅଜିତ ସାହୁଙ୍କୁ କିପରି ଭାବେ ହତ୍ୟା କଲେ, ତା'ର ଡେମୋ ଦେଖାଇଛନ୍ତି ଅଭିଯୁକ୍ତ। ପୂର୍ଣ୍ଣଚନ୍ଦ୍ର ଓରଫ୍ ଦୀପୁ ଅଜିତଙ୍କ ବେକକୁ ଧରି ତଳେ ପକାଇଦେବା ପରେ ମହନ୍ତ ତାଙ୍କୁ କିଭଳି ହାଣିଥିଲା, ତା'ର ଡେମୋ ଦେଖାଇଛି।



ମାଙ୍କଡ଼ା ପଥର ଚୋରା ଚାଲାଣକୁ ନେଇ ଦାଦାବଟି ଆଦାୟ ଓ ପୂର୍ବ ଶତ୍ରୁତା ଯୋଗୁ ଅଜିତ୍‌ଙ୍କୁ ହତ୍ୟା କରାଯାଇଛି ବୋଲି ଗତକାଲି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଏସ. ସୁଶ୍ରୀ ସୂଚନା ଦିଆଯାଇଛି। ଅଦ୍ୟାବଧି ଏହି ମାମଲାରେ ମୋଟ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ହେଲେ ଓଡ଼ଗାଁ ମହାପୁରସାହିର ମାନସ ବେହେରା ଓ କୋମଣ୍ଡ ମକରାପଡ଼ାର ଶ୍ରୀଧର ସାହୁ। ଏଥିସହ ତୁରନ୍ତ ଫେରାର୍ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଓଡ଼ଗାଁ ପୁଲିସ୍ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ ଦୀପୁ ନାଁରେ ଥିବା ୪୦୭ ଟ୍ରକ୍ (ଓଡି୦୨ବିଏଫ୍ ୨୯୮୪)ରେ ମାଙ୍କଡ଼ା ପଥରର ଚୋରା ଚାଲାଣ ହେଉଥିଲା। ତେବେ ରବିବାର ବିଳମ୍ବିତ ରାତିରେ ରୋହିବାଙ୍କ ଆଡୁ ମାଙ୍କଡ଼ାପଥର ଆଣି ଓଡ଼ଗାଁ ନିକଟ ନୟାଗଡ଼ -ବ୍ରହ୍ମପୁର ମୁଖ୍ୟ ରାସ୍ତାର କଦଳୀବନ୍ଧ ଗ୍ରାମରେ ଟ୍ରକ୍‌ଟି ପହଞ୍ଚିଥିଲା। ତେବେ ସେଠାରେ ଅଜିତ୍ ଓ ତାଙ୍କ ସାଙ୍ଗ ସନ୍ତୋଷ ପ୍ରଧାନ ମାଙ୍କଡ଼ା ପଥର ବୋଝେଇ ଟ୍ରକକୁ ଅଟକାଇ ଦାଦାବଟି ମାଗିଥିଲେ। ଟ୍ରକ୍ ଡ୍ରାଇଭର ତୁରନ୍ତ ଗାଡ଼ିର ମାଲିକଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ଦୀପୁଙ୍କ ସହ ୬ ଜଣ ବୋଲୋରୋରେ ଆସି ସେଠାରେ ପହଞ୍ଚିବା ସହ ଅଜିତ୍ ଓ ସନ୍ତୋଷଙ୍କୁ କୌଣସି ପ୍ରକାର ଦାଦାବାଟି ଦିଆଯିବ ନାହିଁ ବୋଲି ରୋକଠୋକ ମନା କରିଥିଲେ। ତେଣୁ ଏହାକୁ ନେଇ ଘଟଣାସ୍ଥଳରେ ଅଜିତ୍ ଓ ସନ୍ତୋଷଙ୍କ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମାନସ ଏକ ଖଣ୍ଡା ଆଣି ଅଜିତଙ୍କୁ ୩୦ରୁ ଅଧିକ ଚୋଟ ପକାଇଥିଲା, ଯେଉଁଥିରେ ଘଟଣାସ୍ଥଳରେ ଅଜିତ୍‌ଙ୍କର ମୃତ୍ୟୁ ହୋଇଯାଇଥିଲା।

## ଆଇଆର୍‌ବି ହାବିଲଦାରଙ୍କ ମୃତଦେହ ଉଦ୍ଧାର

### ଋଣଭାର ଅସହ୍ୟ ହେବାରୁ ଆତ୍ମହତ୍ୟା ସନ୍ଦେହ

ଭଞ୍ଜନଗର, ୧୩।୫(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିକଟସ୍ଥ ତନରଡ଼ା ଆଇଆରବି ଅଷ୍ଟମ ସ୍ୱତନ୍ତ୍ର ବାଟାଲିୟନ ହାବିଲଦାରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣଙ୍କ ହେଲେ ଦେବାଶିଷ ବେହେରା (୩୪)। ପୁଲିସ ଆଜି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ସକାଶେ ଭଞ୍ଜନଗର ହସ୍ପିଟାଲ୍‌କୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଦେବାଶିଷଙ୍କ ମୃତଦେହକୁ କ୍ୟାମ୍ପରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ଏହାପରେ ମୃତଦେହକୁ ତାଙ୍କ ଗ୍ରାମ ଚନ୍ଦ୍ରପୁଟକୁ ପଠାଇ ଦିଆଯାଇଛି। ତେବେ ଦେବାଶିଷ ଋଣଭାର ସହ ଝିଅର ସ୍ୱାସ୍ଥ୍ୟକୁ ନେଇ ସର୍ବଦା ଚିନ୍ତିତ ରହୁଥିଲେ। ଏହାକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ମିଳିଥିବା ସୂଚନାନୁସାରେ, ଦେବାଶିଷ ୨୦୧୧ରୁ ଆଇଆରବି ଅଷ୍ଟମ ସ୍ୱତନ୍ତ୍ର ବାଟାଲିୟନରେ ଯବାନ ଭାବେ କାର୍ଯ୍ୟ କରିଆସୁଥିଲେ। ଗତ ୨୦୨୦ରେ ସେ ହାବିଲଦାର ପଦକୁ ପଦୋନ୍ନତି ପାଇ ତନରଡ଼ା କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ତେବେ ତାଙ୍କ ଝିଅର ସ୍ୱାସ୍ଥ୍ୟ ଅଧିକାଂଶ ସମୟ ଭଲ ରହୁନଥିଲା। ଏହାକୁ ନେଇ ସେ ଗତ କିଛି ଦିନ ହେଲା ଭୀଷଣ ମାନସିକ ଚାପରେ ରହୁଥିଲେ। ଗତ ମଙ୍ଗଳବାର ରାତିରେ ଦେବାଶିଷ କ୍ୟାମ୍ପରୁ ସାଇକେଲ ମାଗି ବଜାରକୁ ଯାଉଛି ବୋଲି କହିଥିଲେ। ତେବେ ରାତିରେ କ୍ୟାମ୍ପକୁ ଫେରିବାରେ ବିଳମ୍ବ ହେବାରୁ ଦାୟିତ୍ୱରେ ଥିବା ଅଧିକାରୀମାନେ ଦେବାଶିଷଙ୍କୁ ଫୋନ୍ କରିଥିଲେ। କିନ୍ତୁ ସେତେବେଳେ ତାଙ୍କ ଫୋନ୍ ସୁଇଚଅଫ୍ ଥିଲା। ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ କ୍ୟାମ୍ପକୁ ନ ଫେରିବାରୁ ସହଯୋଗୀମାନେ ତାଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ଏହି ସମୟରେ କ୍ୟାମ୍ପଠାରୁ କିଛି ଦୂରରେ ଥିବା ସରନାଳରେ ଦେବାଶିଷଙ୍କୁ ଅଚେତ୍ ଅବସ୍ଥାରେ ଠାବ କରାଯାଇଥିଲା। ତାଙ୍କୁ ତୁରନ୍ତ ଭଞ୍ଜନଗର ହସ୍ପିଟାଲ୍‌କୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ବୟଫ୍ରେଣ୍ଡ୍ ରୁମରେ ଗର୍ଲଫ୍ରେଣ୍ଡଙ୍କୁ ଗଣଦୁଷ୍କର୍ମ

ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ)ଃ ରାଜଧାନୀରେ ପୁଣି ଲଜ୍ଜା। ବୟଫ୍ରେଣ୍ଡ୍ ରୁମରେ ଗଲଫ୍ରେଣ୍ଡକୁ ଗଣଦୁଷ୍କର୍ମ। ଇଞ୍ଜିନିୟରିଂ ଛାତ୍ରୀକୁ ଗଣଦୁଷ୍କର୍ମ ଅଭିଯୋଗ। ଭୁବନେଶ୍ୱର ଇନଫୋ ଭ୍ୟାଲି ଥାନା ଅନ୍ତର୍ଗତ କାଇମାଟିଆ ଅଞ୍ଚଳରୁ ଏପରି ଅଭିଯୋଗ ଆସିଛି। ଘଟଣାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି କମିଶନରେଟ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସିପୁନ ବେହେରା, ରଞ୍ଜନ ବେହେରା, ଶୁଭଙ୍କର ପାଢ଼ୀ ଓ ରତିକାନ୍ତ। ଦୁଷ୍କର୍ମରେ ସାମିଲ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି ପୁଲିସ୍।

## ହୋଟେଲରେ ଚାଲିଥିଲା ଧର୍ମାନ୍ତରୀକରଣ

ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ) : ରାଜଧାନୀ ଭୁବନେଶ୍ୱରର ଏକ ନାମୀ ହୋଟେଲ ଭିତରେ ଚାଲିଥିଲା ଧର୍ମାନ୍ତରୀକରଣର ବଡ଼ ଖେଳ। ନୟାପଲ୍ଲୀସ୍ଥିତ ହୋଟେଲ ଅନ୍ନପୂର୍ଣ୍ଣାରେ ଚାଲିଥିଲା ସନ୍ଦେହଜନକ କାର୍ଯ୍ୟକଳାପ। ଖବର ପାଇ ନୟାପଲ୍ଲୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲା। ହୋଟେଲ ରୁମ୍ ଭିତରୁ କବାଟ ବନ୍ଦ ଥିବାରୁ ପୋଲିସକୁ ତାଲା ଭାଙ୍ଗିବାକୁ ପଡ଼ିଥିଲା। ଆଉ ତାଲା ଭାଙ୍ଗି ରୁମ୍ ଭିତରକୁ ପଶିଥିଲା ପୁଲିସ। ଘଟଣା ସମ୍ପର୍କରେ ସୂଚନା ପାଇ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ହୋଟେଲ ପରିସରରେ ପହଞ୍ଚି ବିରୋଧ ପ୍ରଦର୍ଶନ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ୪ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ହୋଟେଲ ରୁମ୍ରୁ ଜବତ ହୋଇଥିବା ବିଭିନ୍ନ ଡକ୍ୟୁମେଣ୍ଟରୁ ଏହି ଧର୍ମାନ୍ତରୀକରଣର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି, ତାହାର ତଦନ୍ତ ଚଳାଇଛି ପୁଲିସ।



### ଉତ୍କଳିକାର ୬୮ତମ ପ୍ରତିଷ୍ଠା ଦିବସ

## ହସ୍ତଶିଳ୍ପ ଓ ହସ୍ତତନ୍ତ ଆମ ଉତ୍କର୍ଷ କଳାର ଉଜ୍ଜ୍ୱଳ ସ୍ୱାକ୍ଷର

ଭୁବନେଶ୍ୱର,୧୩।୫(ସଂଚାର ବ୍ୟୁରୋ)ଃ ହସ୍ତଶିଳ୍ପ ଓ ହସ୍ତତନ୍ତ ଆମ ଉତ୍କର୍ଷ କଳାର ଉଜ୍ଜ୍ୱଳ ସ୍ୱାକ୍ଷର। ଏହି ପାରମ୍ପରିକ କଳାର ସଂରକ୍ଷଣ ସହ ହଜାର ହଜାର କାରିଗରଙ୍କୁ ଜୀବିକା ଯୋଗାଇବାରେ ଉତ୍କଳିକା ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଆଜି ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ (ଉତ୍କଳିକା)ର ୬୮ତମ ପ୍ରତିଷ୍ଠା ଦିବସ ସମାରୋହରେ କହିଛନ୍ତି।



ଉତ୍କଳିକାର ଆଧୁନିକ ବ୍ୟାବସାୟିକ କାର୍ଯ୍ୟପଦ୍ଧତିକୁ ଅଧିକ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ନିମନ୍ତେ ବିଭାଗୀୟ ମନ୍ତ୍ରୀ ଇଆରପି (ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ) ବ୍ୟବସ୍ଥାର ଶୁଭାରମ୍ଭ କରିବା ସହ ଏହାର ସୂଚନା ପୁସ୍ତକ ଉନ୍ମୋଚନ କରିଛନ୍ତି। ଏହି ବ୍ୟବସ୍ଥା ମାଧ୍ୟମରେ ଉତ୍କଳିକାର କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା, କାର୍ଯ୍ୟଦକ୍ଷତା ଓ ଡିଜିଟାଲ ସୁବିଧାର ବୃଦ୍ଧି ସହ ସେବା ପ୍ରଦାନ ପ୍ରକ୍ରିୟା ଅଧିକ ସଂଗଠିତ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ୬୮ ବର୍ଷର ଯାତ୍ରାରେ ଉତ୍କଳିକା ବିଶ୍ୱାସଯୋଗ୍ୟ ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ ହୋଇପାରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଉତ୍କଳିକା ୫୧.୫୩ କୋଟିର ବ୍ୟବସାୟ କରିଥିବା ବେଳେ ୨୦୨୬-୨୭ ପାଇଁ ୭୫ କୋଟିର ଲକ୍ଷ୍ୟ ରଖିଛି। ଏହି ଲକ୍ଷ୍ୟ ପୂରଣ ପାଇଁ ନୂତନ ବିପଣନ କେନ୍ଦ୍ର ଖୋଲିବା, ଅନଲାଇନ୍ ବିକ୍ରୟ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ନୂଆ ଡିଜାଇନକୁ ଗୁରୁତ୍ୱ ଉପରେ ପ୍ରଦାନ କରାଯାଉଛି।

ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ବ୍ୟବସାୟ କରିଥିବା ବର୍ଗରେ କେନ୍ଦୁଝର ଉତ୍କଳିକା ପ୍ରଥମ ପୁରସ୍କାର ଜିତିଥିବା ବେଳେ କଳାଭୂମି ଦ୍ୱିତୀୟ ଓ ପୁରୀ-ଉତ୍କଳିକା ତୃତୀୟ ପୁରସ୍କାର ପାଇଛି। ଉତ୍କଳିକା ଶାଖା ପରିଚାଳକ ଦିବାକର ସେଠୀ, ଶାରଳା ପଟ୍ଟନାୟକ ଓ ମଧୁସୂଦନ ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଉତ୍କଳିକା ଦ୍ୱାରା ପରିଚାଳିତ 'ଜାତୀୟ ହସ୍ତଶିଳ୍ପ ଉନ୍ନୟନ ଯୋଜନା' ଅଧୀନରେ ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଉତ୍ପାଦ, ତାଲିମ କେନ୍ଦ୍ର ପକ୍ଷରୁ ବିକଶିତ ନୂତନ ଉତ୍ପାଦ, ଉତ୍କଳିକା ଦ୍ୱାରା ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

ସଂଚାର SANCHAR
ଗୁରୁବାର ୧୪ ମେ ୨୦୨୬
BUSINESS

## ମଧ୍ୟପ୍ରାଚ୍ୟ ସଙ୍କଟ ପ୍ରଭାବ: ଏୟାର ଇଣ୍ଡିଆ ନେଲା ବଡ଼ ନିଷ୍ପତ୍ତି

# ଜୁନ୍ ଆରମ୍ଭରୁ ଆଗାମୀ ତିନି ମାସ ଯାଏଁ ଅନ୍ତର୍ଜାତୀୟ ଉଡାଣ ବାତିଲ




ନୂଆଦିଲ୍ଲୀ, ୧୩।୫ଃ ମଧ୍ୟପ୍ରାଚ୍ୟ ସଂକଟର ପ୍ରଭାବ ସାରା ଦୁନିଆରେ ପଡ଼ିବା ଆରମ୍ଭ ହେଲାଣି। ବିଶେଷ କରି ରପ୍ତାନୀ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ଭୁଶୁଡି ପଡ଼ିଛି। ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଆଁ ହୋଇଛି। ସେପଟେ ବିମାନ ଇନ୍ଧନ ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଏହି କାରଣରୁ ଏୟାର ଇଣ୍ଡିଆ ଜୁନ୍ ଆରମ୍ଭରୁ ଆଗାମୀ ତିନି ମାସ ଯାଏଁ ଅନ୍ତର୍ଜାତୀୟ ଉଡାଣ ବାତିଲ କରିବା ପାଇଁ ନିଷ୍ପତ୍ତି ନେଇଛି। ରିପୋର୍ଟ ଅନୁସାରେ ଏହି ତାଲିକାରେ ଦିଲ୍ଲୀରୁ ଚିକାଗୋ, ନ୍ୟୁୟର୍କ, ସିଙ୍ଗାପୁର ଓ ସଂଘାଇ ପରି ପ୍ରମୁଖ୍ୟ ଗନ୍ତବ୍ୟ ସ୍ଥଳ ସାମିଲ ରହିଛି। ଏହା ବ୍ୟତୀତ ଏୟାର ଇଣ୍ଡିଆ ସାନ୍ ଫ୍ରାନ୍ସିସ୍କୋ, ପ୍ୟାରିସ ଓ ଟୋରଣ୍ଟୋକୁ ଉଡାଣ କରିଛନ୍ତି। ରିପୋର୍ଟ ଅନସାରେ, ମୋଟ ଉପରେ ଏୟାରଲାଇନ୍ ପ୍ରତିଦିନ ପ୍ରାୟ ୧୦୦ ଉଡାଣ କମ କରିଛି। ଏୟାର ଇଣ୍ଡିଆ ସିଇଓ କ୍ୟାମ୍ପବେଲ ୱିଲ୍ସନ୍ ଗତ ସପ୍ତାହରେ କହିଥିଲେ ଯେ ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ବର୍ଦ୍ଧିତ ଇନ୍ଧନ ମୂଲ୍ୟ ଯୋଗୁଁ କମ୍ପାନି ଅନ୍ତର୍ଜାତୀୟ ସେବାରେ ହ୍ରାସ ଜାରି ରଖିବ।

ରିପୋର୍ଟ ଅନୁସାରେ, ଆର୍ଥିକ ଚାପ ଓ ପରିଚାଳନା ସହ ଜଡ଼ିତ ଆହ୍ୱାନର ସାମନା କରି କମ୍ପାନି ନିଜ ଖର୍ଚ୍ଚ କମ କରିବା ଉପରେ ଜୋର ଦେଉଛି। ଏୟାର ଇଣ୍ଡିଆ ଅନେକ ମାର୍ଗରେ ବିମାନ ସଂଖ୍ୟାକୁ ସୀମିତ କରିଛି। ଏୟାରଲାଇନ୍ସ ଅଗଷ୍ଟ ୨୦୨୬ ଯାଏଁ ପ୍ରତି ମାସରେ ୧୨୦୦ରୁ ଅଧିକ ଅନ୍ତର୍ଜାତୀୟ ବିମାନ ପରିଚାଳନା ଜାରି ରଖିବା ପାଇଁ ନିଷ୍ପତ୍ତି ନେଇଛି। ଏୟାର ଇଣ୍ଡିଆ କହିଛି ପାଞ୍ଚ ମହାଦ୍ୱୀପ ଦେଇ ଏହି ଯାତ୍ରା କରାଯିବ।

ଉତ୍ତର ଆମେରିକାକୁ ପ୍ରତି ସପ୍ତାହରେ ୩୩ଟି ବିମାନ, ୟୁରୋପକୁ ପ୍ରତି ସପ୍ତାହରେ ୪୭ଟି ବିମାନ, ବ୍ରିଟେନକୁ ପ୍ରତି ସପ୍ତାହରେ ୫୭ଟି ବିମାନ, ଅଷ୍ଟ୍ରେଲିଆକୁ ପ୍ରତି ସପ୍ତାହରେ ୮ଟି ବିମାନ, ଦକ୍ଷିଣ-ପୂର୍ବ ଏସିଆ ଏବଂ ସାର୍କ ଅଞ୍ଚଳକୁ ପ୍ରତି ସପ୍ତାହରେ ୧୫୮ଟି ବିମାନ ଏବଂ ମରିସସ୍ (ଆଫ୍ରିକା)କୁ ପ୍ରତି ସପ୍ତାହରେ ୭ଟି ବିମାନ ଉଡାଣ ଭରିବ।

ଏହି ନିଷ୍ପତ୍ତି ଏପରି ସମୟରେ ଆସିଛି ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗରିକମାନଙ୍କୁ ଗୋଟିଏ ବର୍ଷ ପାଇଁ ସୁନା ନକିଣିବାକୁ ଅପିଲ କରିଛନ୍ତି। ଏହି ସଙ୍କଟ ସମୟରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଏବଂ ଭାରତୀୟ ଅର୍ଥନୀତି ଉପରେ ଚାପ କମ କରିବା ପାଇଁ ବିଦେଶ ଯାତ୍ରା ହ୍ରାସ କରିବାକୁ ନିବେଦନ କରିଛନ୍ତି। ଏହା ସହ ଇନ୍ଧନ ସଞ୍ଚୟ କରିବା ପାଇଁ ଦେଶବାସୀଙ୍କୁ ଅପିଲ କରିଛନ୍ତି।

# ୧୪ ଖରିଫ ଫସଲର ଏମଏସପି ବୃଦ୍ଧି କଲେ ସରକାର

ନୂଆଦିଲ୍ଲୀ, ୧୩।୫ଃ ସଂକଟ ମଧ୍ୟରେ ଅଧିକ ସାର ବ୍ୟବହାର ନ କରିବାକୁ ରବିବାର କୃଷକଙ୍କୁ ପରାମର୍ଶ ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଉ ବୁଧବାର କୃଷକଙ୍କ ପାଇଁ ବଡ଼ ଉପହାର ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ୧୪ ଖରିଫ ଫସଲର ଏମଏସଏପି ମୂଲ୍ୟ ବୃଦ୍ଧି କରାଯାଇଛି। ଫଳରେ ଚାଷୀ ଏହିସବୁ କୃଷୀ ଉତ୍ପାଦ ବିକି ଏବେ ଅଧିକ ଦୁଇ ପଇସା ପାଇବେ। ତେବେ କେଉଁ ଶସ୍ୟର ଏମଏସପି କେତେ ବଢ଼ିଲା ଆସନ୍ତୁ ଜାଣିବା।

ମେ ୧୩ ତାରିଖରେ କେନ୍ଦ୍ର ସରକାର ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରିଛନ୍ତି। ହରଡ଼ର ସର୍ବନିମ୍ନ ସହାୟକ ମୂଲ୍ୟ ୪୫୦ ଟଙ୍କା ବୃଦ୍ଧି କରାଯାଇ ୮୪୫୦ କରାଯାଇଥିବା ବେଳେ ଧାନ ମୂଲ୍ୟରେ ୭୨ ଟଙ୍କା ବୃଦ୍ଧି ହୋଇଛି। ବୁଧବାର କେନ୍ଦ୍ର କ୍ୟାବିନେଟ୍ ଏହାକୁ ଅନୁମୋଦନ ଦେଇଥିବା ବେଳେ କ୍ୟାବିନେଟ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଧାନର ନୂଆ ସର୍ବନିମ୍ନ ସହାୟକ ମୂଲ୍ୟରେ ୭୨ ଟଙ୍କା ବୃଦ୍ଧି କରାଯାଇଛି। ବର୍ତ୍ତମାନ ଏହା □୨,୪୪୧ ରଖାଯାଇଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ। ଏବେ ଆସନ୍ତୁ ଜାଣିବା କେଉଁ ଶସ୍ୟର MSP କେତେ ବଢ଼ିଲା। ସମାନ୍ୟା ଶ୍ରେଣୀ କିମ୍ବା ଏ ଗ୍ରେଡ୍ ଧାନ ପାଇଁ ୭୨ ଟଙ୍କା ବୃଦ୍ଧି ହୋଇଛି।ଯ' ପାଇଁ ୩୨୪ ଟଙ୍କା, ବାଜରାରେ ୧୨୫ ଟଙ୍କା, ମାଣ୍ଡିଆରେ ୩୧୯ ଟଙ୍କା, ମାକା ୧୦ ଟଙ୍କା, ହରଡ଼ ୪୫୦ ଟଙ୍କା, ମୁଗ ୧୨ ଟଙ୍କା, ବିରି ୪୦୦, ଚିନା ବାଦାମ ୨୫୪ ଟଙ୍କା, ସୂର୍ଯ୍ୟମୁଖୀ ପାଇଁ ୬୨୨ ଟଙ୍କା,ଶୋୟବିନ ୩୮୦ ଟଙ୍କା, ଖସା ୫୦୦ ଟଙ୍କା, ରାମତିଳ ୫୧୫ ଟଙ୍କା, ମିଡିଲ ଷ୍ଟେପଲ ଓ ଲଙ୍ଗ ଷ୍ଟେପଲ କପା ପାଇଁ ୫୫୭ ଟଙ୍କା ବୃଦ୍ଧି କରାଯାଇଛି।



# ଇରାନ ଯୁଦ୍ଧ ଯୋଗୁ କମ୍ପାନିର ନିଷ୍ପତ୍ତି ଧଳା ପ୍ୟାକେଟରେ ମିଳିବ ଚିପ୍ସ

ନୂଆଦିଲ୍ଲୀ,୧୩।୫:ଆମେରିକା ଏବଂ ଇରାନ ମଧ୍ୟରେ ଦୁଇ ମାସ ଧରି ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଦୈନନ୍ଦିନ ଜିନିଷ ଉପରେ ପଡ଼ିବାରେ ଲାଗିଛି। ଯାହା ସମସ୍ତଙ୍କୁ ଚିନ୍ତାରେ ପକାଇଲାଣି। ଏହି କ୍ରମରେ ଏବେ ଇରାନ ଯୁଦ୍ଧ କାରଣରୁ ଫିକା ପଡ଼ିଛି ଚିପ୍ସ ପ୍ୟାକେଟର ରଙ୍ଗ। ପ୍ରକୃତରେ ଜାପାନର ଲୋକପ୍ରିୟ ସ୍ନାକ୍ସ କମ୍ପାନି କାଲବି (Calbee) ଏହାର ଚିପ୍ସ ପ୍ୟାକେଟର ପ୍ୟାକେଜିଂକୁ ବଦଳାଇଛି। କମ୍ପାନିର ଚିପ୍ସ ପ୍ୟାକେଟ ଏବେ 'କଳା- ଧଳା' ହୋଇଛି। କାରଣ ଇରାନ ଯୁଦ୍ଧ କାରଣରୁ ସ୍ୟାହୀ ପାଇଁ ବ୍ୟବହାର ହେଉଥିବା ସାମଗ୍ରୀର ଯୋଗାଣ ଠପ୍ ହୋଇଛି।

କାଲବି ଏକ ବିବୃତ୍ତିରେ କହିଛି ଯେ, ଅସ୍ଥାୟୀ ଭାବରେ କମ୍ପାନିର କିଛି ଉତ୍ପାଦ କଳା ଧଳା ପ୍ୟାକେଜିଂ ହେବ। କମ୍ପାନିର କହିବା ଅନୁସାରେ ଏହାର ଚିପ୍ସ ଏବଂ ପ୍ରନ୍ସ କ୍ରାକର୍ସର ୧୪ଟି ଉତ୍ପାଦ ନୂଆ ଷ୍ଟାଇଲରେ ଆସିବ। କମ୍ପାନି ଏକ ବିବୃତ୍ତିରେ କହିଛି ଡିଜାଇନରେ ଏହି ପରିବର୍ତ୍ତନ ମଧ୍ୟପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ ମଧ୍ୟରେ କଞ୍ଚାମାଲର ଯୋଗାଣରେ ଅସ୍ଥିରତା କାରଣରୁ କରାଯାଇଛି। କମ୍ପାନି କହିଛି ଏହା ଏଥିପାଇଁ କରାଯାଇଛି ଯେମିତି ଚିପ୍ସ ଯୋଗାଣ ଠପ୍ ନହେବ। ଏହି ନିଷ୍ପତ୍ତିର ବଡ଼ କାରଣ ହେଉଛି ନେଫଥା ଯୋଗାଣ ବନ୍ଦ ହେବା। ନେଫଥା ଅଏଲ ରିଫାଇନିଂର ଏକ ଉତ୍ପାଦ ଆଉ ସ୍ୟାହୀ ଏବଂ ପ୍ଲାଷ୍ଟିକ ପାଇଁ ବ୍ୟବହାର ହୋଇଥାଏ। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏସିଆରେ ନେଫଥାର ଦାମ୍ ପ୍ରାୟ ଦୁଇଗୁଣା ହୋଇଛି। ଫଳରେ ଏହା ସହ ଜଡ଼ିତ ବ୍ୟବସାୟର ଖର୍ଚ୍ଚ ବଢ଼ିଛି। ଜାପାନ ଡେପୁଟି ଚିଫ୍ କ୍ୟାବିନେଟ ସେକ୍ରେଟାରୀ କି ସାତୋ ଗଣମାଧ୍ୟମକୁ କହିଛନ୍ତି ଯେ, ଯୁଦ୍ଧ ପୂର୍ବରୁ, ଜାପାନର ପ୍ରାୟ ୪୦% ନେଫଥା ମଧ୍ୟପ୍ରାଚ୍ୟରୁ ଆସୁଥିଲା। ଏହା ପୂର୍ବରୁ ଏପ୍ରିଲରେ ଜାପାନ ପ୍ରଧାନମନ୍ତ୍ରୀ ସନାଇ ତାକାଏଚୀ କହିଥିଲେ ଯେ, ଜାପାନ ନେଫଥା ଯୋଗାଣ ପାଇଁ ଅନ୍ୟ ଦେଶ ସହ ଆଲୋଚନା ଜାରି ରହିଛି।





ଏଥିରୁ ଜଣାପଡୁଛି ଯେ, କିଭଳି ଇରାନ ଯୁଦ୍ଧ ଏବେ ଦୈନନ୍ଦିନ ସାମଗ୍ରୀ ଉପରେ ପ୍ରଭାବ ପକାଉଛି। ଫେବ୍ରୁଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ହର୍ମୁଜ ପ୍ରଣାଳୀ ବନ୍ଦ ରହିଛି। ଫଳରେ ତେଲ- ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଛି। ନିକଟରେ ଦୁନିଆର ଅନେକ କମ୍ପାନି ଚେତାବନୀ ଦେଇଛନ୍ତି ଯେ, ଇନ୍ଧନ, ପ୍ଲାଷ୍ଟିକ ଏବଂ ହିଲିୟମ ଭଳି ସାମଗ୍ରୀର ଯୋଗାଣରେ ବାଧା କାରଣରୁ ସେମାନଙ୍କର ବ୍ୟବସାୟର ଖର୍ଚ୍ଚ ବଢୁଛି। ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ସପ୍ଲାଏ ଚେନରେ ଆସିଥିବା ବାଧା ଯୋଗୁ ଏସୀୟ ଦେଶକୁ ସର୍ବାଧିକ କ୍ଷତି ହୋଇଛି। ତାହା ଏଥିପାଇଁ କାରଣ ଏସୀୟ ଦେଶ ଆମଦାନୀ ପାଇଁ ମଧ୍ୟପ୍ରାଚ୍ୟ ଏବଂ ହର୍ମୁଜ ଉପରେ ଅଧିକ ନିର୍ଭର ରହିଥାନ୍ତି।

ମେ ୧ରେ ଜାପାନର ଫୁଡ କମ୍ପାନି Mizkan ପଲିଷ୍ଟାଇରୀନ କଣ୍ଟେନର ଅଭାବ ଯୋଗୁ କିଛି ଉତ୍ପାଦର ବିକ୍ରି ଉପରେ ରୋକ ଲଗାଇଥିଲା ଏବଂ କିଛି ଉତ୍ପାଦର ଦାମ ବଢ଼ାଇଥିଲ। ଏହି କମ୍ପାନି ସୋୟାବିନ ସ୍ନାକ ପ୍ରସ୍ତୁତ କରିଥାଏ।

# ଯୁଦ୍ଧ ଲମ୍ବା ଚାଲିଲେ ତେଲ ଦର ବଢ଼ିବ: ଆର୍‌ବିଆଇ ଗଭର୍ଣ୍ଣର


ନୂଆଦିଲ୍ଲୀ,୧୩।୫: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ସାରା ବିଶ୍ୱରେ ପେଟ୍ରୋଲ ଓ ଡିଜେଲ ମହଙ୍ଗା ହୋଇଛି। କିନ୍ତୁ ଭାରତରେ ଆଜି ପର୍ଯ୍ୟନ୍ତ ତାହା ସ୍ଥିର ରହିଛି। ଦେଶରେ ଚାଲିଥିବା ବିଧାନସଭା ନିର୍ବାଚନ ଶେଷ ହୋଇଯାଇଥିବାରୁ ସରକାରଙ୍କ ଉପରେ ବିଶେଷ ଚାପ ନାହିଁ। ଏପଟେ ତୈଳ କମ୍ପାନିଗୁଡ଼ିକ ବଜାର ଦରଠାରୁ କମ୍ ଦାମ୍‌ରେ ତେଲ ବିକ୍ରି କରୁଥିବାରୁ ଦିନକୁ ୧୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ସହୁଛନ୍ତି। ଏଭଳି ଏକ ସମୟରେ ତେଲ ଦର ନିଶ୍ଚିତ ବଢ଼ିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ସେହି ଚର୍ଚ୍ଚାରେ ଯୋଡ଼ି ହୋଇ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ନିଜର ମତ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଯୁଦ୍ଧ




ଲମ୍ବା ସମୟ ଚାଲିବ ତେବେ ତେଲ ଦର ବଢ଼ାଇବାକୁ ପଡ଼ିବ। ଦରବୃଦ୍ଧି ପାଇଁ କେବଳ ସମୟକୁ ଅପେକ୍ଷା ବୋଲି ସେ କହିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ ହୋଇପାରୁନାହିଁ। ତାହାର ପ୍ରଭାବରେ କିଛି ମାସ ହେଲାଣି ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାରରୁ ଅଧିକ ରହିଛି। ତେଲ କମ୍ପାନିଗୁଡ଼ିକୁ ଅଧିକ ଦାମ୍ ଦେଇ ତେଲ କିଣିବାକୁ ପଡୁଛି। ସେମାନଙ୍କ ଉପରେ ପଡ଼ିଥିବା ଆର୍ଥିକ ବୋଝକୁ ହାଲୁକା କରିବା ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ। ଫଳରେ ସେମାନଙ୍କ ଉପରୁ ୩୦ ହଜାର କୋଟି ଟଙ୍କାର ଆର୍ଥିକ ଚାପ କମ୍ ହୋଇଛି। ଏହାସତ୍ତ୍ୱେ ତେଲ କମ୍ପାନିଗୁଡ଼ିକ ପ୍ରତିଦିନ ବିପୁଳ କ୍ଷତି ସହୁଛନ୍ତି ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି।

# ଭାରତରେ ଲଞ୍ଚ ହେଲା ରେଞ୍ଜ ରୋଭର ସ୍ପୋର୍ଟ ଏସଭି

ନୂଆଦିଲ୍ଲୀ, ୧୩।୫:ଭାରତରେ ଲଗଜରୀ ଏସୟୁଭି ର କ୍ରେଜ୍ ବଢ଼ିବାରେ ଲାଗିଛି। ଏହାକୁ ଧ୍ୟାନରେ ରଖି, ରେଞ୍ଜ ରୋଭର ଭାରତୀୟ ବଜାରରେ ଏହାର ନୂଆ ସ୍ପୋର୍ଟ ଏସଭି ଏସୟୁଭି ଲଞ୍ଚ କରିଛି। ଏହି ଏସୟୁଭି ଏକ ଦମଦାର୍ ଡିଜାଇନ୍, ପ୍ରିମିୟମ୍ ଫିଚର୍ସ ଏବଂ ଏକ ପାୱାରଫୁଲ ଇଞ୍ଜିନ୍ ପ୍ରଦାନ କରେ। କମ୍ପାନୀ ଏହାକୁ ରେଞ୍ଜ ରୋଭର ସ୍ପୋର୍ଟର ଲିମିଟେଡ୍ ଏଡିସନ୍ ଲସଭି ଏଡିସନ-୨ ତଳେ ରଖିଛି। ନୂଆ ସ୍ପୋର୍ଟ ଏସଭି ସେହି ଗ୍ରାହକମାନଙ୍କ ପାଇଁ ବେଷ୍ଟ ହେବ ଯେଉଁମାନେ ଲଗଜରୀ ସହିତ ହାଇ ପରଫରମାନ୍ସ ଖୋଜନ୍ତି। ନୂଆ ରେଞ୍ଜ ରୋଭର ସ୍ପୋର୍ଟ ଏସଭି ଆଟ୍ରାକ୍ଟିଭ୍ ଏବଂ ସ୍ପୋର୍ଟି ଲୁକ୍ ପ୍ରଦାନ କରେ। ଷ୍ଟାଇଲିସ୍ ଏଲଇଡି ହେଡଲାଇଟ୍, ଏଲଇଡି ଡିଆରଏଲ୍, ଏବଂ ଏଲଇଡି ଟେଲଲାଇଟ୍ ଏହାକୁ ଏକ ଭଲ ରୋଡ୍ ପ୍ରେଜେନ୍ସ ପ୍ରଦାନ କରେ। ବଡ଼ ୨୨-ଇଞ୍ଚ ଆଲୟ ହୁଇଲ୍ ଏବଂ ଏକ ବ୍ଲାକ୍ ରୁଫ୍ ଏସୟୁଭି ର ପ୍ରିମିୟମ୍ ଅନୁଭବକୁ ଆହୁରି ବୃଦ୍ଧି କରେ। କମ୍ପାନୀ ଏକ ପାନୋରାମିକ୍ ସନରୁଫ୍ ମଧ୍ୟ ପ୍ରଦାନ କରିଛି, ଯାହା କ୍ୟାବିନର ଲଗଜରୀ ଅନୁଭବ ପ୍ରଦାନ କରିଥାଏ। ଭିତରେ, ଏଥିରେ ପ୍ରିମିୟମ୍ ଲେଦର ସିଟ୍ ଏବଂ ଏକ ମେରିଡିଆନ୍ ଅଡିଓ



ସିଷ୍ଟମ୍ ରହିଛି, ଯାହା ବଢ଼ିଆ ମିଜ୍ୟୁକ୍ ଇକ୍ସୋପେରିୟନ୍ସ ପ୍ରଦାନ କରେ। ଏସୟୁଭି ରେ ଫ୍ଲସ୍ ଡୋର୍ ହ୍ୟାଣ୍ଡେଲ୍ ଏବଂ ପାଞ୍ଚଟି ଏକ୍ସେଟେରିୟର କଲର ଅପ୍ସନ ମଧ୍ୟ ରହିଛି। ରେଞ୍ଜ ରୋଭର ସ୍ପୋର୍ଟ ଏସଭି ଏକ ପାୱାରଫୁଲ୍ ଭି-୮ ମାଇଲ୍ଡ ହାଇବ୍ରିଡ୍ ଇଞ୍ଜିନ୍ ଦ୍ୱାରା ପରିଚାଳିତ। ଏହି ଇଞ୍ଜିନ୍ ୪୬୭ କେଡବ୍ଲ୍ୟୁ ପାୱାର ଏବଂ ୭୫୦ ଏନଏମ ଟର୍କ ଜେନେରେଟ୍ କରେ। ଏହା ଏହି ଲଗଜରୀ ଏସୟୁଭି କୁ ମାତ୍ର ୩.୮ ସେକେଣ୍ଡରେ ୦ ରୁ ୧୦୦ କିଲୋମିଟର/ଘଣ୍ଟା ବେଗରେ ଗତି କରିବାକୁ ଅନୁମତି ଦିଏ। ଅଧିକ ସ୍ପିଡ୍ ଏବଂ ଦମଦାର ପରଫରମାନ୍ସ ଏହାକୁ ଏହାର ସେଗମେଣ୍ଟର ସବୁଠାରୁ ଶକ୍ତିଶାଳୀ ଏସୟୁଭି ମଧ୍ୟରୁ ଗୋଟିଏ କରିଥାଏ। ଏଥିସହ କମ୍ପାନୀ ଏଥିରେ ହାଇ ପରଫରମାନ୍ସ ଏବଂ ଗୁଡ୍ ଡ୍ରାଇଭିଂ କଣ୍ଟ୍ରୋଲ୍ ଉପରେ ଅଧିକ ଗୁରୁତ୍ୱ ଦେଇଛି।

ରେଞ୍ଜ ରୋଭର ସ୍ପୋର୍ଟ ଏସଭି ଭାରତରେ ୨.୦୫ କୋଟି ଏକ୍ସ-ଶୋରୁମ୍ ପ୍ରାଇସରେ ଲଞ୍ଚ କରାଯାଇଛି। ରେଞ୍ଜ ରୋଭର ସ୍ପୋର୍ଟ ଏସଭି ପାଇଁ ବୁକିଂ ଖୋଲାଯାଇଛି, ଅଗଷ୍ଟ ୨୦୨୬ ରେ ଏହାର ଡେଲିଭରି ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଏହି ଏସୟୁଭି ଲଗଜରୀ, ସ୍ପିଡ୍ ଏବଂ ଆଡଭାନ୍ସ ଟେକେକ୍ନୋଲୋଜୀର ଏକ ଭଲ ମିଶ୍ରଣ ଚାହୁଁଥିବା ଲୋକଙ୍କ ପାଇଁ ଏହା ବେଷ୍ଟ ପସନ୍ଦ ହୋଇପାରେ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୪୬୦ ଟଙ୍କା ରହିଛି ।ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୯,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୪୬୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୯,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୨,୩୧୦ ଟଙ୍କା ଓ ୨୨ କ୍ୟାରେଟ ୧,୩୯,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟେ ମୂଲ୍ୟ ୧,୫୩,୮୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୦୧୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୪୬୦ ଓ ୨୨ କ୍ୟାରଟ ମୂଲ୍ୟ ୧,୩୯,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

# ଦାଦନ ଖଟିବାକୁ ଯାଇ ନିଖୋଜ ଭଗବାନ ଘୋଷଙ୍କୁ ଉଦ୍ଧାର ଦାବି



**ବୋରିଗୁମା, ୧୩ା୫(ସଂଚାର ବ୍ୟୁରୋ):** ଦାଦନ ଖଟିବାକୁ ଯାଇ ନିଖୋଜ ଥିବା କୋରାପୁଟ ଜିଲ୍ଲା ବୋରିଗୁମା ବ୍ଲକ ମୁଣ୍ଡା ପଞ୍ଚାୟତ ଗୌପାଡ଼ି ଗ୍ରାମର ରାମ ଘୋଷଙ୍କ ପରିବାର ସମେତ ଗ୍ରାମବାସୀଙ୍କ ତରଫରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲା ବୋରିଗୁମା ବ୍ଲକ ମୁଣ୍ଡା ପଞ୍ଚାୟତ ଗୌପାଡ଼ି ଗ୍ରାମର ରାମ ଚନ୍ଦ୍ର ଘୋଷଙ୍କ ପୁଅ ଭଗବାନ ଘୋଷ (୩୩) ନାମକ ଯୁବକଙ୍କ ସମେତ କିଛି ଗ୍ରାମ ଲୋକଙ୍କ ସହିତ ତେଲେଙ୍ଗାନା ରାଜ୍ୟର ରାଜମ ପେଟ ଅଞ୍ଚଳକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଯିବାର କିଛିଦିନ କାମ କରିବା ପରେ ସେମାନେ ରହିବା ସ୍ଥାନରୁ ଭଗବାନ କେଉଁ ଆଡ଼େ ଚାଲି ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଭଗବାନଙ୍କୁ ପାଇନଥିଲେ।ଶେଷରେ ରାଜମପେଟ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଖୋଜାଖୋଜି କରି ପରିବାରକୁ ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲା କିନ୍ତୁ ମାସେରୁ ଉର୍ଦ୍ଧ୍ୱ ଦିନ ହେଲା ପୁଲିସ ତରଫରୁ କିଛି ସୂଚନା ମିଳି ପାରୁଛି ନା ସମସ୍ତଙ୍କୁ ତେଲେଙ୍ଗାନା ନେଇଥିବା ବ୍ୟକ୍ତିଙ୍କ ପାଖରେ ମଧ୍ୟ କିଛି ସୂଚନା ରହିଛି ଯୁବକ ବାଟ ଭୁଲି କେଉଁ ଆଡ଼େ ଚାଲି ଯାଇଛି ନାଁ ତାଙ୍କୁ ଅପହରଣ କରାଯାଇଛି ସେନେଇ ବାପା ରାମ ଘୋଷଙ୍କ ପରିବାର ଚିନ୍ତାରେ ପଡ଼ିଛନ୍ତି। ଭଗବାନଙ୍କୁ ଖୋଜିବାରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

# ତେଲ କଳାବଜାରୀର କଳାଛାୟା

- ପମ୍ପରେ "ତେଲ ନାହିଁ", କଳାବଜାରୀଙ୍କ ପାଖରେ ଡ୍ରମ୍ ଡ୍ରମ୍ ମହଜୁତ
- ସାଧାରଣ ଲୋକ ହନ୍ତସନ୍ତ, ପ୍ରଶାସନ ନିରବ ବଦନାମ ହେଉଛି ସରକାର

**ଯାଜପୁର ଟାଉନ, ୧୩ା୫(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲକୁ ନେଇ ଚାଲିଛି ଖୋଲାମେଲା କଳାବଜାରୀ। ଦିନକୁ ଦିନ ପରିସ୍ଥିତି ଏପରି ଭୟାବହ ରୂପ ନେଉଛି ଯେ, ସାଧାରଣ ଖାଉଟି ଏବେ ତେଲ ପାଇଁ ହାହାକାର କରୁଛନ୍ତି। ଜରୁରୀକାଳୀନ କାମ ହେଉ କି ଚିକିତ୍ସା ପାଇଁ ଯାତ୍ରା — ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଲାଇନରେ ରହିବାକୁ ପଡ଼ୁଛି।କିଛି ପେଟ୍ରୋଲ ପମ୍ପରେ ସିଧାସଳଖ "ତେଲ ନାହିଁ" ବୋଲି ବୋର୍ଡ ଲଗାଯାଉଥିବା ବେଳେ, ଆଉ କେତେକ ସ୍ଥାନରେ "୫୦ ଟଙ୍କାରୁ ଅଧିକ ତେଲ ମିଳିବ ନାହିଁ" ବୋଲି ନୂଆ ନିୟମ ଚଳାଯାଉଛି। ଫଳରେ ଗାଡ଼ି ଚାଳକ ଓ ସାଧାରଣ ଲୋକ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦିନମଜୁରିଆ ଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଚାଳକ ପର୍ଯ୍ୟନ୍ତ ସମସ୍ତେ ଏହି ଅବ୍ୟବସ୍ଥାର ଶିକାର ହେଉଛନ୍ତି।କିନ୍ତୁ ଚିତ୍ରର ଅନ୍ୟପଟ ଆହୁରି ଚମକାଦାର। ଏକପଟେ ପମ୍ପରେ ତେଲ ନଥିବା ଦାବି କରାଯାଉଥିବା ବେଳେ, ଅନ୍ୟପଟେ ବଡ଼ ବଡ଼ ଜାର, ଡ୍ରମ ଓ କ୍ୟାନରେ ପେଟ୍ରୋଲ-ଡିଜେଲ ଭରି କଳାବଜାରୀମାନେ ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ସାଧାରଣ ଖାଉଟି ବାଧ୍ୟ ହୋଇ ଦୁଇଗୁଣା ଦରରେ ତେଲ କିଣୁଛନ୍ତି। ଏହାକୁ ନେଇ ସାଧାରଣ ଲୋକଙ୍କ ମନରେ ଏବେ



ଗୋଟିଏ ପ୍ରଶ୍ନ ଘୁରି ବୁଲୁଛି — "ଯଦି ପେଟ୍ରୋଲ ପମ୍ପରେ ତେଲ ନାହିଁ, ତେବେ କଳାବଜାରୀଙ୍କ ପାଖକୁ ଏତେ ତେଲ ଆସୁଛି କେଉଁଠୁ?"ଲୋକଙ୍କ ଅଭିଯୋଗ, କିଛି ଅସାଧୁ ପେଟ୍ରୋଲ ପମ୍ପ ମାଲିକ ଓ କଳାବଜାରୀଙ୍କ ମଧ୍ୟରେ ମିଳିଭଗତ ନଥାନ୍ତା, ତେବେ ଏଭଳି ଭାବରେ ଦିନଦିପହରେ ତେଲର ଚୋରା ବ୍ୟବସାୟ ଚାଲିପାରୁ ନଥାନ୍ତା। ଖୋଲା ଆଖିଆଗରେ ତେଲ କଳାବଜାରୀ ଚାଲିଥିଲେ ମଧ୍ୟ କାହିଁକି ପ୍ରଶାସନ ନିରବ? କାହିଁକି ଚଢ଼ାଉ ହେଉନାହିଁ? କାହିଁକି ଯାଞ୍ଚ ହେଉନାହିଁ? ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଭୟଙ୍କର କ୍ଷୋଭ ଦେଖାଦେଇଛି।ସବୁଠାରୁ ବଡ଼ କଥା ହେଲା, ଏହି ଅବ୍ୟବସ୍ଥା ପାଇଁ ଅକାରଣରେ ସରକାରଙ୍କ ଭାବମୂର୍ତ୍ତି ଖରାପ ହେଉଛି। ଲୋକଙ୍କ ମତରେ, ଯାଜପୁର ଜିଲ୍ଲା ପ୍ରଶାସନର ଅବହେଳା ଓ ନିଷ୍କ୍ରିୟତା ହିଁ ଏହି ପରିସ୍ଥିତିକୁ ଆହୁରି ଗମ୍ଭୀର କରିଛି। ସମୟରେ କଠୋର ପଦକ୍ଷେପ ନିଆଯାଇଥାନ୍ତା, ତେବେ ଆଜି ସାଧାରଣ ଲୋକଙ୍କୁ ଏଭଳି ହନ୍ତସନ୍ତ ହେବାକୁ ପଡ଼ୁନଥାନ୍ତା।ଏବେ ଦାବି ଉଠୁଛି ଯେ, ଜିଲ୍ଲା ପ୍ରଶାସନ ତୁରନ୍ତ ସମସ୍ତ ପେଟ୍ରୋଲ ପମ୍ପ ଉପରେ ଚଢ଼ାଉ କରି ମହଜୁତ ତେଲର ଯାଞ୍ଚ କରୁ। କଳାବଜାରୀରେ ସଂପୃକ୍ତ ଥିବା ବ୍ୟକ୍ତି ଓ ସଂସ୍ଥାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ ଆଗାମୀ ଦିନରେ ଏହି ଅସନ୍ତୋଷ ଆହୁରି ତୀବ୍ର ହେବା ସହ ସରକାରଙ୍କ ଛବି ଉପରେ ମଧ୍ୟ ଖରାପ ପ୍ରଭାବ ପଡ଼ିବ।

# ଅଷ୍ଟାଦଶ ଶେଷ ବର୍ଷ ସ୍ନାତକ ପାଠ୍ୟକ୍ରମର ପରୀକ୍ଷା ଫଳ ପ୍ରକାଶିତ




**ଖୋର୍ଦ୍ଧା, ୧୩ା୫(ସଂଚାର ବ୍ୟୁରୋ):** ୨୦୨୩-୨୦୨୬ ଶେଷ ବର୍ଷ ସ୍ନାତକ ପାଠ୍ୟକ୍ରମ ପରୀକ୍ଷା ଫଳ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଅନୁମୋଦନ କ୍ରମେ ପ୍ରକାଶିତ ହୋଇଛି। ଏହି ପରୀକ୍ଷାରେ ଛାତ୍ରଛାତ୍ରୀ ମାନଙ୍କର ମୋଟ ପାସ ହାର ଶତକଡ଼ା ୯୦.୦୬ ପ୍ରତିଶତ ରହିଥିବାବେଳେ, ଚଳିତ ବର୍ଷ ଛାତ୍ରମାନଙ୍କ ଠାରୁ କଳା, ବିଜ୍ଞାନ ଓ ବାଣିଜ୍ୟରେ ଛାତ୍ରୀମାନେ ଆଗରେ ଅଛନ୍ତି। ଚଳିତ ବର୍ଷ ଛାତ୍ରୀମାନଙ୍କର ପାସ ହାର ୯୨.୮୪ ପ୍ରତିଶତ ରହିଥିଲାବେଳେ ଛାତ୍ରମାନଙ୍କ ୮୬.୫୭ ପ୍ରତିଶତ ରହିଛି। କଳା ବିଭାଗରେ ପାସ ହାର ୯୦.୨୦ ପ୍ରତିଶତ ରହିଥିବାବେଳେ, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପାସ ହାର ଯଥାକ୍ରମେ ୯୪.୯୩ ଓ ୮୩.୩୯ ପ୍ରତିଶତ ଅଟେ। ବାଣିଜ୍ୟ ବିଭାଗରୁ ଛାତ୍ରୀ ସୁଶ୍ରୀ ଦିଶା ଅଗ୍ରୱାଲ, କଳା ବିଭାଗରୁ ମନୋବିଜ୍ଞାନ ସମ୍ମାନ ର ଛାତ୍ର କିରଣ କୁମାର ପ୍ରଧାନ ଓ ବିଜ୍ଞାନ ବିଭାଗରୁ କମ୍ପ୍ୟୁଟର ବିଜ୍ଞାନ ସମ୍ମାନର ଛାତ୍ରୀ ସୁଶ୍ରୀ ମୋନାଲିଶା ବେହେରା ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଏହି ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ସାମ୍ବତ୍ସରିକ ଉତ୍ସବ-୨୦୨୭ ରେ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ବିଜ୍ଞାନ ବିଭାଗରୁ କମ୍ପ୍ୟୁଟର ବିଜ୍ଞାନ ବିଭାଗ ସମ୍ମାନର ଛାତ୍ରୀ ସୁଶ୍ରୀ ମୋନାଲିଶା ବେହେରା ସର୍ବାଧିକ ନମ୍ବର ରଖି ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ଅନ୍ତିମ ପରୀକ୍ଷା ଫଳ ଛଅଗୋଟି ସେମିଷ୍ଟାର ପରୀକ୍ଷାର ମୋଟ ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଛି। ଏହି ଫଳାଫଳ ପ୍ରକାଶନ ସଭାରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡକ୍ଟର ପୂର୍ଣ୍ଣିମା ନାୟକ, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପିକା ଡକ୍ଟର ନନ୍ଦିତା ଛୋଟରାୟ, ପରୀକ୍ଷା ବିଭାଗର ସମସ୍ତ ସଦସ୍ୟ ଏବଂ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଗଣ ମାଧ୍ୟମ ପ୍ରତିନିଧି ଏବଂ ବହୁ ସଂଖ୍ୟା ରେ ଛାତ୍ରଛାତ୍ରୀମାନେ ଉପସ୍ଥିତଥିଲେ।

# ଅସ୍ତରଙ୍ଗରେ ସଶକ୍ତ ଓ ସୁଦୃଢ଼ ହେଉଛି ପଦ୍ମ ଶିବିର

- ମଣ୍ଡଳ ମଙ୍ଗୁଆଳ ଇନ୍ଦ୍ରମଣି ଙ୍କୁ ନେଇ ବଢୁଛି ଜନ ସମର୍ଥନ
- ୪୧ ପରିବାର ବିଭିନ୍ନ ଦଳ ପରିତ୍ୟାଗ କରି ପଦ୍ମ ଧରିଲେ

**କାକଟପୁର/ଅସ୍ତରଙ୍ଗ, ୧୩ା୫(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ ସଶକ୍ତ ହେଉଛି ବିଜେପି। ଏହି ମିଶ୍ରଣ ପର୍ବରେ ପଦ୍ମ ଧରିଲେ ବିଜେଡି ଓ କଂଗ୍ରେସର ଶତାଧିକ କର୍ମୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ରେ ସାମିଲ ହୋଇଛନ୍ତି, ଅସ୍ତରଙ୍ଗ ବ୍ଲକର ଶିଶୁଅ ପଞ୍ଚାୟତର ବିଭିନ୍ନ ଦଳର କର୍ମୀ ମାନେ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଶିଶୁଅ ରେ ଆୟୋଜିତ ସମ୍ବର୍ଦ୍ଧନା ସଭା ସହ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ରେ ପଞ୍ଚାୟତ ସଭାପତି ଦୁର୍ଯ୍ୟୋଧନ ଭଞ୍ଜ ଓ ସମ୍ପାଦକ ତରୁଣ ପ୍ରଧାନ ଙ୍କ ନେତୃତ୍ୱ ରେ ଯୁବ ନେତା ତଥା ଅସ୍ତରଙ୍ଗ ରାଜିନୀତି ଚାଣକ୍ୟ ତଥା ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ ଓ ଅସ୍ତରଙ୍ଗ ମଣ୍ଡଳ ୧ନଂ ର ସଭାପତି ଇନ୍ଦ୍ରମଣି ଜେନା ଙ୍କ ଉପସ୍ଥିତ ରେ ଶତାଧିକ ଲୋକ ପଦ୍ମ ଧରିଲେ। ଅସ୍ତରଙ୍ଗ ମଣ୍ଡଳ ୧ର ସଭାପତି ଇନ୍ଦ୍ରମଣୀ ଜେନା ଙ୍କ ବଳିଷ୍ଠ ନେତୃତ୍ୱ ଶହ ଦୃଢ଼ ସଙ୍ଗଠକ ହୋଇଥିବାରୁ ଅସ୍ତରଙ୍ଗ ରେ ଦିନକୁ ଦିନ ସଶକ୍ତ ହେଉଛି ବିଜେପି। ଯାହାକି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ବିଜେପି ସୁଦୃଢ ହେଉଛି। ଦଳ ଦୃଢ ସଂଗଠକ ନେତୃତ୍ୱ କାନ୍ଧରେ ସଂଗଠନର ଭାର ଦେବା ଉପରେ ଗୁରୁତ୍ୱ



ଦେଇଥିବା ବେଳେ ଅସ୍ତରଙ୍ଗ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା ଙ୍କ ପରିଚାଳିତ ରେ ବିଜେପି ଅନେକ ଲୋକ ସାମିଲ ହେଉଥିବା ବେଳେ ଅସ୍ତରଙ୍ଗ ରେ ବିଜେପି ଆଗାମୀ ଦିନରେ ରଣନୀତି ପ୍ରସ୍ତୁତ କରିବା ପାଇଁ ସଂକେତ ଦେଇଛନ୍ତି। ସଂଗଠନର ବିଭିନ୍ନ ପଦ ପଦବୀରେ ପୂର୍ବରୁ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଥିବା ଇନ୍ଦ୍ରମଣି ଜେନା ଓ ଦିବାକର ଛାଟୋଇ ଙ୍କ ତତ୍ତ୍ୱାବଧାନ ରେ ଆଗାମୀ ଦିନରେ ବିଜେପି ସଶକ୍ତ ହେବ ବୋଲି ଉପସ୍ଥିତ ବ୍ୟକ୍ତି ବିଶେଷ ମତ ଦେଇଥିଲେ। ଏହି ମିଶ୍ରଣ କାର୍ଯ୍ୟକ୍ରମ ରେ ଶିଶୁଅ ପଞ୍ଚାୟତ ର ୪୧ପରିବାର ବିଭିନ୍ନ ଦଳ ପରିତ୍ୟାଗ କରି ଶତାଧିକ ଲୋକ ବିଜେପି ରେ ମିଶିଥିଲେ। ଉପସ୍ଥିତ ଅତିଥି ଦଳୀୟ ଉତ୍ତରୀୟ ପକାଇ ଦଳରେ ସାମିଲ କରିଥିଲେ। ଯାହାକି ଏହି ମିଶ୍ରଣ ଦ୍ୱାରା ବିଜେପି ସଶକ୍ତ ଓ ସୁଦୃଢ ହୋଇଛି। ଶିଶୁଅ ପଞ୍ଚାୟତ ର ଦେବ ପରିଡା, ବବୁଲ ଭଞ୍ଜ, ଭରତ ଭଞ୍ଜ, ଗୁଡୁ ଭଞ୍ଜ ପ୍ରମୁଖ ସାମିଲ ହୋଇଥିଲେ।

# ଚଷାଖଣ୍ଡ ଗ୍ରାମରେ ଚାଷୀ କ୍ଷେତ୍ର ଦିବସ ପାଳିତ



**ନୀଳଗିରି, ୧୩ା୫ (ସଂଚାର ବ୍ୟୁରୋ):** ଔପଦା ବ୍ଲକ ଦକ୍ଷିଣନରସିଂହପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚଷାଖଣ୍ଡ ଗ୍ରାମରେ ଆଜି ଚାଷୀ କ୍ଷେତ୍ରଦିବସ ପାଳନ କରାଯାଇଛି।ଚାଷୀ ତାର ଚାଷ କାମ କରି ତାର ଆୟ ଦୁଇଗୁଣିତ କରିବ, ଏହି ବାବଦରେ ଔପଦା ବ୍ଲକର କୃଷି ଅଧିକାରୀ ଆସି ସମସ୍ତ ଗ୍ରାମବାସୀ ମାନଙ୍କୁ ବୁଝାଇଥିଲେ। ସମସ୍ତ ପ୍ରକାରର ଚାଷ କିଭଳି ବିନା କୀଟ ନାଶକ, ଜୈବିକ ଖତ ମାଧ୍ୟମରେ ଚାଷ ଭଲ ହେବା ସହିତ ଅମଳ ମଧ୍ୟ ଭଲ ହୋଇପାରିବ ବୋଲି ଚାଷୀମାନଂକୁ ବୁଝାଇଥିଲେ। ଚାଷ ଜମିରେ ଅଧିକ ମାତ୍ରାରେ କେମିକାଲ ସାରର ବ୍ୟବହାର କରୁଛନ୍ତି। ଯାହା ଦ୍ୱାରା କି କ୍ଷେତ ମାଟି ନଷ୍ଟ ହେଉଛି ଆଉ ଅମଳ ମଧ୍ୟ କମ ହେଉଛି।ଏହି କ୍ଷେତ୍ର ଦିବସ ରେ ମୁଖ୍ୟ ଅତିଥି ପଞ୍ଚାୟତ ର ସରପଞ୍ଚ ଶ୍ରୀଯୁକ୍ତ ଅଶୋକ କୁମାର ଜେନା, ୱାର୍ଡ ସଭ୍ୟ, ସଭ୍ୟା ଏବଂ ଗ୍ରାମ ବାସୀଙ୍କ ଉପସ୍ଥିତରେ କ୍ଷେତ୍ର ଦିବସ ବେଶ ସୁରୁଖୁରୁ ପାଳନ ହୋଇ ଯାଇଛି।

# ରଶି ଲଗାଇ ଯୁବକର ଆତ୍ମହତ୍ୟା

**ବୈଶିଙ୍ଗା, ୧୩ା୫(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମ ପଞ୍ଚାୟତର କେନ୍ଦୁଆ ଗ୍ରାମରେ ଏକ ଅଭାବନୀୟ ଘଟଣା କ୍ରମରେ ଜନୈକ ଯୁବକ ର ଝୁଲନ୍ତା ଶବ ବୁଧବାର ସକାଳେ ଦେଖିବାକୁ ମିଳିଥିଲା। ବିବରଣୀରୁ ପ୍ରକାଶ କେନ୍ଦୁଆ ଗ୍ରାମର ବେଣୁଧର ସାହୁ ଙ୍କ କନିଷ୍ଠ ପୁତ୍ର ରାକେଶ (୨୬) ନିଜ ଘର ପଛପଟେ ଥିବା ଏକ ଆମ୍ବ ଗଛରେ ରାତିରେ ସମସ୍ତେ ଶୋଇଗଲା ପରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତ ରାକେଶ ରାଜସ୍ଥାନର ଏକ କପଡା ମିୟରେ ଚାକିରୀ କରୁଥିଲେ। ବାଲେଶ୍ୱର ଜିଲ୍ଲାର ଜନୈକା ଝିଅ ସହିତ ପ୍ରେମ ସମ୍ପର୍କ ବଢିବା ପରେ ସେ ଝିଅ ଓ ତାର ମାଆ ଙ୍କୁ ନେଇ ରାଜସ୍ଥାନରେ ରହୁଥିଲେ। ସେ ଯାହା ରୋଜଗାର କରୁଥିଲେ ସେହି ମାଆ ଓ ଝିଅ ସବୁ ନେଇ ଯାଉଥିଲେ। ଏହି କଥାକୁ ସହ୍ୟ କରି ନି ପାରି ଦୁଇ ମାସ ରୁ ଉର୍ଦ୍ଧ୍ୱ ହେବ ଚାକିରୀ ଛାଡି ଘରେ ରହୁଥିଲେ। କୌଣସି ଘଟଣାକୁ ନେଇ ସେ ମାନସିକ ଚାପରେ ରହୁଥିଲେ ବୋଲି ଅସମର୍ଥିତ ସୂତ୍ରରୁ ଜଣା ପଡ଼ିଥିଲା। ତେବେ ମଙ୍ଗଳବାର ରାତିରେ ଖିଆ ପିଆ ସରିବା ପରେ ବାହାରେ ଏକ ଖଟରେ ସେ ଶୋଇଥିଲେ। ସକାଳେ ଘର ଲେକେ ଉଠିବା ପରେ ବିଛଣାରେ ନ ଥିବାର ଦେଖି ଏଣେ ତେଣେ ଖୋଜିବା ବେଳେ ଘର ପଛ ପଟ ଆମ୍ବ ଗଛରେ ଝୁଲୁଥିବାର ଦେଖିବାକୁ ପାଇଥିଲେ।

# ବିସ୍ଫୋରକ ଜବତ, ଜଣେ ଗିରଫ

**ନିଶ୍ଚିନ୍ତକୋଇଲି, ୧୩ା୫(ସଂଚାର ବ୍ୟୁରୋ):** ନିଶ୍ଚିନ୍ତ କୋଇଲି ଥାନା ଅନ୍ତର୍ଗତ ପୁବଂଶଗ୍ରାମ ର ରାମ ଚନ୍ଦ୍ର ସେଠୀ ଙ୍କ ଘରୁ ବିସ୍ଫୋରକ ପଦାର୍ଥ ଜବତ କରିଛି ନିଶ୍ଚିନ୍ତ କୋଇଲି ଥାନା ପୋଲିସ। ତାଙ୍କ ଘରୁ ଏକାବନ ପ୍ୟାକେଟ ଜୀବନ୍ତ ଫୋଟକା, ଚାରି କିଲୋ ନଅ ଶହ ଗ୍ରାମ ବାରୁଦ, କୋଡ଼ିଏ ଟି ଖାଲି କୁମ୍ଫି ଦୁଇ ପ୍ୟାକେଟ ଜୀବନ୍ତ ବାଣ ଜବତ ହୋଇଥିବା ଜଣା ପଡ଼ିଛି।ନିଶ୍ଚିନ୍ତ କୋଇଲି ଥାନା କେସ ନମ୍ବର ୧୭୩/୨୬ତାରିଖ ୧୨, ୦୫, ୨୬ୟୁ/ଏସ ୨୮୮ବି ଏ ନ୍ ଏସ/ବିସ୍ଫୋରକ ପଦାର୍ଥ ଆଇନ୍ ର ଧାରା ୪ଏବଂ ୫ରେ ମାମଲା ରୁଜୁ କରାଯାଇଆସାମୀ ଶ୍ରୀ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ନିଶ୍ଚିତ କୋଇଲି ଥାନା ଅଧିକାରୀଣି ଅନୀତା ସାହୁ ସୂଚନା ଦେଇଛନ୍ତି।

# ପୋଇରାସିରେ ବିଜେପିର ଶକ୍ତି ପ୍ରଦର୍ଶନ

## ବିଜେଡି ଛାଡ଼ି ସରପଞ୍ଚଙ୍କ ସମେତ ଶତାଧିକ କର୍ମୀ ବିଜେପିରେ ସାମିଲ୍



**ଛତ୍ରପୁର, ୧୩ା୫(ସଂଚାର ବ୍ୟୁରୋ):** ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗଞ୍ଜାମ ବ୍ଲକରେ ବିଜେପି ସଂଗଠନକୁ ପଞ୍ଚାୟତ ସ୍ତରରେ ଆହୁରି ସୁଦୃଢ଼ ଓ ଜନମୁଖୀ କରିବା ପାଇଁ ଦଳ ପକ୍ଷରୁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ନୀତି ଓ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସକ୍ରିୟ ନେତୃତ୍ୱରେ ଗ୍ରାମାଞ୍ଚଳରେ ବିଜେପି ପ୍ରତି ଲୋକଙ୍କ ଆସ୍ଥା ଦିନକୁ ଦିନ ବଢ଼ୁଥିବା ଚର୍ଚ୍ଚା ହେଉଛି। ଏହି ଅବସରରେ ଆଜି ପୋଇରାସି ପଞ୍ଚାୟତର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଭବ୍ୟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଅଛି। ବିଜେଡି ଦଳ ଛାଡ଼ି ପୋଇରାସି ଗ୍ରାମ ପଞ୍ଚାୟତର ସରପଞ୍ଚ ରବୀନ୍ଦ୍ର ନାଥ ବେହେରା, ପୂର୍ବତନ ସମିତିସଭ୍ୟ ବନବାସୀ ଖୁଣ୍ଟିଆଙ୍କ ସମେତ ବହୁ ୱାର୍ଡ ମେମ୍ବର, ଅଗ୍ରଣୀ କର୍ମୀ ଓ ଶତାଧିକ ସମର୍ଥକ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବରେ ସାମିଲ୍ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ନୂତନ ଭାବେ ଦଳରେ ଯୋଗ ଦେଇଥିବା ସମସ୍ତଙ୍କୁ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଦଳୀୟ ପତାକା ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଯୋଗଦାନ କରିଥିବା ନେତାମାନେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ନୀତି, ସୁଶାସନ ଓ ଗରିବ କଲ୍ୟାଣମୂଳକ ଯୋଜନା ସହିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ଓ ଜନମୁଖୀ ନେତୃତ୍ୱ ପ୍ରତି ବିଶ୍ୱାସ ରଖି ସେମାନେ ବିଜେଡି ଛାଡ଼ି ବିଜେପିରେ ସାମିଲ୍ ହୋଇଥିବା କହିଛନ୍ତି। ମିଶ୍ରଣ ପର୍ବରେ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ମହିଳା ଉପସଭାନେତ୍ରୀ ରଶ୍ମିରାଣୀ ମହାପାତ୍ର, ଜିଲ୍ଲା ସମ୍ପାଦକ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, ଜିଲ୍ଲା ସମ୍ପାଦକ ବସନ୍ତ ବେହେରା, ଖଲ୍ଲୀ ରେଡ୍ଡୀ, ବିଧାୟକ ପ୍ରତିନିଧି ମାନସ ନାହାକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ମଞ୍ଚାସୀନ ଥିଲେ।

# ତିନିଦିନିଆ ଜିଲ୍ଲାସ୍ତରୀୟ ଦକ୍ଷତା ନିର୍ମାଣ ଓ ବିପଣନ ଜ୍ଞାନ କୌଶଳ ବୃଦ୍ଧି କର୍ମଶାଳା ଉଦ୍‌ଘାଟିତ



**ବାରିପଦା, ୧୩ା୫(ସଂଚାର ବ୍ୟୁରୋ):** ଓରମାସ, ଜିଲ୍ଲା ପରିଷଦ, ମୟୂରଭଞ୍ଜ ପକ୍ଷରୁ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର, ବାରିପଦା ଠାରେ ତିନିଦିନିଆ ଜିଲ୍ଲାସ୍ତରୀୟ ଦକ୍ଷତା ନିର୍ମାଣ ଓ ବିପଣନ ଜ୍ଞାନ କୌଶଳ ବୃଦ୍ଧି କର୍ମଶାଳା ଉଦଘାଟିତ ହୋଇଯାଇଛି। ଗ୍ରାମୀଣ ଜୀବିକାର ସୁଦୃଢ଼ିକରଣ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଆର୍ଥିକ ସଶକ୍ତିକରଣ, ବିପଣନ କ୍ଷମତା ବୃଦ୍ଧି ଏବଂ ଉତ୍ପାଦିତ ସାମଗ୍ରୀକୁ ବ୍ୟାପକଭାବେ ବଜାରକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହା ଆୟୋଜନ କରାଯାଇଛି। ଉଦଘାଟନୀ ସମାରୋହରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଟଙ୍କଧର କଲୋ, ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପ କେନ୍ଦ୍ର ଦିନେଶ ହୋତା, ସାମାଜିକ କଲ୍ୟାଣ ଅଧିକାରିଣୀ, ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ ହସ୍ତଶିଳ୍ପ ପ୍ରମୋଶନ ଅଧିକାରୀ ଶ୍ରୀକାନ୍ତ ନାୟକ, ପ୍ରୋଗ୍ରାମ ମ୍ୟାନେଜର (ଜୀବିକା) ଜିଲ୍ଲା ପରିଷଦ ମଧୁସ୍ମିତା ଭୂୟାଁ, ଏବଂ ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ ଉପସ୍ଥିତ ରହି କର୍ମଶାଳାର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷକ ଉତ୍ପାଦକ ସଂଘମାନେ ଗ୍ରାମୀଣ ଅର୍ଥନୀତିର ମୂଳଭିତ୍ତି ଭାବେ କାର୍ଯ୍ୟ କରୁଛନ୍ତି।

# ବୈଶିଙ୍ଗା ଅଞ୍ଚଳରେ ହାତୀପଲଙ୍କ ଉତ୍ପାତ




**ବୈଶିଙ୍ଗା, ୧୩ା୫(ସଂଚାର ବ୍ୟୁରୋ):** ଝାଡଖଣ୍ଡି ହାତୀ ପଲ ଙ୍କ ସହିତ ଶିମିଳିପାଳର ହାତୀ ମାନେ ଖାଦ୍ୟ ଅନ୍ୱେଷଣରେ ଆସି ବେତନଟୀ ରେଞ୍ଜ ଅଧିନ ବୈଶିଙ୍ଗା ବନପାଳ ଅଞ୍ଚଳରେ ରବି ଧାନ ଖାଇବା ସହିତ ମାଡି ଚକଟି ବରବାଦ କରି ସାରିଲେଣି। ସେଥିପାଇଁ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏକ ସପ୍ତାହ ପୂର୍ବରୁ ୮୦ ରୁ ଉର୍ଦ୍ଧ୍ୱ ହାତୀପଲ ବେତନଟୀ ରେଞ୍ଜ ଇଲାକାରେ ପ୍ରବେଶ କରି ଭାଗ ଭାଗ ହୋଇ ବିଭିନ୍ ଜଙ୍ଗଲରେ ରହିଥିଲେ। ସେମାନଙ୍କ ମଧ୍ୟରୁ ୩୮ଟି ହାତୀ କ୍ଷୀରପଦା ଜଙ୍ଗଲରୁ ବାହାରି ସନ୍ଧ୍ୟା ପରେ ପରେ ଶଙ୍କରପୁର, ଗଣ୍ଡର୍ଦ୍ଧା ଓ ମହୁଲିଆ ଅଞ୍ଚଳରେ ପ୍ରବେଶ କରିଥିବାର ଜଣାଯାଇଛି। ଆଉ ଏକ ୧୩ ଟିକିଆ ହାତୀପଲ ଦଳକି ଜଙ୍ଗଲରୁ ବାହାରି ସନ୍ତରା ପଞ୍ଚାୟତ ଅଞ୍ଚଳରେ ପ୍ରବେଶ କରିଥିବା ଫରେଷ୍ଟ ଗାର୍ଡ ଉତ୍ତମ କୁମାର ପ୍ରକାଶ କରିଛନ୍ତି। ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବନ ବିଭାଗ ତରଫରୁ ସାଧାରଣ ଲୋକଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଉଛନ୍ତି।

# ବିପୁଳ ପରିମାଣର ବ୍ରାଉନ୍‌ସୁଗର ଜବତ

**ବାଲିପାଟଣା, ୧୨ା୫(ସଂଚାର ବ୍ୟୁରୋ):** କମିଶନରେଟ୍ ପୋଲିସ ଅଧିନ ବାଲିପାଟଣା ଥାନା ଅଞ୍ଚଳରୁ ଧରା ପଡ଼ିଲା ବିପୁଳ ପରିମାଣର ଧଳା ଜହର। ସୂଚନା ଯୋଗ୍ୟ ଆଜି ସ୍ପେସାଲ୍ ସ୍କ୍ୱାର୍ଡ ସାଧା ପୋଷାକ ରେ ନିମାପଡ଼ା ସରଦେଇପୁର ରାସ୍ତାରେ ଜଣେ ଗିରଫ ଜବତ ଧଳା ଜହର ଆନୁମାନିକ ମୂଲ୍ୟ ୮ରୁ ୧୦ଲକ୍ଷ ଟଙ୍କା ହେବ ବୋଲି ସ୍ପେସାଲ୍ ସ୍କ୍ୱାର୍ଡ ତରଫରୁ ସୂଚନା ମିଳିଛି। ଗିରଫ ଜଣଙ୍କ ହେଲେ ବାଲିପାଟଣା ଥାନା ଗିରିଙ୍ଗ ଗ୍ରାମର କାହ୍ନୁ ଚରଣ ପ୍ରଧାନଙ୍କ ପୁଅ ବିକାଶ ପ୍ରଧାନ(୨୪)। ଅଭିଯୁକ୍ତ କୁ ସ୍ପେସାଲ୍ ସ୍କ୍ୱାର୍ଡ ନିଜ ହେପାଜତକୁ ନେଇ ଅଧିକ ତଦନ୍ତ କରୁଛି।

# ସିବିଏସଇ ଦ୍ୱାଦଶ ପରୀକ୍ଷାରେ ଚମତ୍କାର ସଫଳତା





**ଲାଞ୍ଜିଗଡ଼, ୧୩ା୫(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର ଛାତ୍ର ଛାତ୍ରୀ ସିବିଏସଇ ଦ୍ୱାଦଶ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରିଛନ୍ତି ଓପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଲାଞ୍ଜିଗଡ଼ ସ୍ଥିତ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀ ମାନଙ୍କର ରେକର୍ଡ ସୃଷ୍ଟିକାରୀ ସଫଳତା ପାରିପାର୍ଶ୍ୱିକ ଅଞ୍ଚଳରେ ଚହଳ ସୃଷ୍ଟି କରିଛି।ବୁଧବାର ସିବିଏସଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ଫଳାଫଳ ପ୍ରକାଶିତ ହେବା ମାତ୍ରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟକ୍ଷ ଓ ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।ସିବିଏସଇର ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟର ସମୁଦାୟ ୨୫ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଛାତ୍ର ଆଶୁତୋଷ ନାୟକ ୯୧.୪୦ ଶତକଡା (୪୫୭) ମାର୍କ ରଖି ପ୍ରଥମ ସ୍ଥାନ ରଖିଥିବା ବେଳେ ଛାତ୍ରୀ ଶିବନ୍ୟା ଶ୍ୟାମ ୯୦.୬୦ ଶତକଡା (୪୫୩) ମାର୍କ ରଖି ଦ୍ୱିତୀୟ ସ୍ଥାନ ଓ ଛାତ୍ରୀ ତମନ୍ନା ମୋହିନୀ ୮୬.୦ ଶତକଡା (୪୩୦) ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ବର୍ଷ ବିଦ୍ୟାଳୟର ପାସ ହାର ୮୪ ଶତକଡା ରହିଥିବା ବେଳେ ବିଦ୍ୟାଳୟର ୨୫ ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୨୧ ଜଣ ପରୀକ୍ଷାର୍ଥୀ ପାସ ହୋଇଛନ୍ତି ଓ ବିଦ୍ୟାଳୟର ୬୦ ଶତକଡାରୁ ଉପରେ ୧୩ ଜଣ ବିଦ୍ୟାର୍ଥୀ, ୭୫ ଶତକଡାରୁ ଉପରେ ୩ ବିଦ୍ୟାର୍ଥୀ ରହିଥିବା ବେଳେ ୩ ଜଣ କମ୍ପାର୍ଟମେଣ୍ଟ ପରୀକ୍ଷା ଦେବେ ଓ ଜଣେ ବିଦ୍ୟାର୍ଥୀ ଫେଲ ହୋଇଥିବା ସୂଚନା ମିଳିଛି ।

# ନୃତ୍ୟ-ସଙ୍ଗୀତରୁ ଡାକ୍ତରୀ ପାଠ | ଫାଲ୍‌ଗୁନୀଙ୍କ ସଫଳତା ଯୁବପିଢ଼ି ପାଇଁ ଉଦାହରଣ

**ବାଲିକୁଦା, ୧୩ା୫(ସଂଚାର ବ୍ୟୁରୋ):** ଆଜିର ସମାଜରେ ଅନେକ ସ୍ଥାନରେ ଝିଅମାନଙ୍କୁ ଏପର୍ଯ୍ୟନ୍ତ ନ୍ୟୁନ ଦୃଷ୍ଟିରେ ଦେଖାଯାଉଥିବା ବେଳେ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ହାଡ଼ିଆପଦା ଗ୍ରାମର ଝିଅ ଫାଲ୍ଗୁନୀ ଦାସ ସଫଳତାର ଏମିତି ଏକ ଅଧ୍ୟାୟ ରଚିଛନ୍ତି, ଯାହା ଆଜିର ଯୁବପିଢି ଓ ବିଶେଷ କରି ଝିଅମାନଙ୍କ ପାଇଁ ପ୍ରେରଣାର ଉଦାହରଣ ପାଲଟିଛି। ମେଡିକାଲ ପାଠ୍ୟକ୍ରମ ଏମବିବିଏସ ସ୍ନାତକ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ସେ ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ଦ୍ୱିତୀୟ ମହିଳା ଡାକ୍ତର ଭାବେ ପରିଚୟ ଲାଭ କରିଛନ୍ତି। ରାଉରକେଲା ହାଇଟେକ ମେଡିକାଲ କଲେଜରେ ଅଧ୍ୟୟନରତ ଫାଲ୍ଗୁନୀ ଦାସଙ୍କ ଏହି ସଫଳତା ପଛରେ ରହିଛି ଅନେକ ପରିଶ୍ରମ, ଅଧ୍ୟବସାୟ ଓ ଅତୁଟ ଆତ୍ମବିଶ୍ୱାସ। ସଫଳତା ପରେ ସେ କହିଛନ୍ତି



ଯେ, ପ୍ରଥମେ ପିତାମାତାଙ୍କ ଆଶୀର୍ବାଦ ଏବଂ ଦ୍ୱିତୀୟରେ ଗୁରୁଜନଙ୍କ ପ୍ରେରଣା ଓ ନିଜର ପରିଶ୍ରମ ମୋତେ ଏହି ସ୍ଥାନରେ ପହଞ୍ଚାଇଛି। ଫାଲ୍‌ଗୁନୀ ହେଲେ ହାଡ଼ିଆପଦା ଗ୍ରାମର ସଫଳ ଚାଷୀ ତଥା ଇଂ ପ୍ରଶାନ୍ତ ଦାସ ଓ ଗୃହିଣୀ ନିରୁପମା ଦାସଙ୍କ ଜ୍ୟେଷ୍ଠ କନ୍ୟା। ଛୋଟବେଳୁ ତାଙ୍କର ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପ୍ରତି ଗଭୀର ଆଗ୍ରହ ଥିଲା। କିଛି ବର୍ଷ ଧରି ସେ ନୃତ୍ୟ ଓ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ। କିନ୍ତୁ ସେବା ମନୋଭାବ ଓ ଲୋକଙ୍କ ପାଇଁ କିଛି କରିବାର ଇଚ୍ଛା ତାଙ୍କୁ ମେଡିକାଲ ଶିକ୍ଷା ଦିଗରେ ଆଗେଇ ନେଇଥିଲା। ସୁଯୋଗ ମିଳିବା ପରେ ସେ ମେଡିକାଲ ପାଠ୍ୟକ୍ରମକୁ ହାତଛାଡ଼ା କରିନଥିଲେ ଏବଂ ନିଜ ଲକ୍ଷ୍ୟକୁ ସାକାର କରିବାରେ ସଫଳ ହୋଇଛନ୍ତି। ହାଇଟେକ ମେଡିକାଲ କଲେଜ ପକ୍ଷରୁ ଆୟୋଜିତ ସ୍ନାତକୋତ୍ସବ ସଭାରେ ପିତାମାତାଙ୍କ ଉପସ୍ଥିତିରେ ପ୍ରଫେସର ଅରୁଣ କୁମାର ନାୟକ ଏବଂ ପ୍ରଫେସର ଶୁଭକାନ୍ତ ପଟେଲ ଫାଲ୍‌ଗୁନୀଙ୍କ ସ୍ନାତକ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଝିଅର ଏହି ସଫଳତାରେ ପରିବାର ସହ ସମଗ୍ର ଅଞ୍ଚଳରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ କହିଛନ୍ତି ଯେ, ଫାଲ୍‌ଗୁନୀଙ୍କ ଏହି ସଫଳତା ପ୍ରମାଣ କରିଦେଇଛି ଯେ ଝିଅମାନେ କେବଳ ପରିବାରର ଗର୍ବ ନୁହେଁ, ସମାଜର ଶକ୍ତି ମଧ୍ୟ।

SANCHAR
ସଂଚାର
ଗୁରୁବାର ୧୪ ମେ ୨୦୨୬
ସ୍ୱାସ୍ଥ୍ୟ




# ହୃଦ୍‌ରୋଗ ଆଶଙ୍କା ବଢ଼ାଏ

## ମୋବାଇଲ୍‌ର ବହୁଳ ବ୍ୟବହାର




ପିଲାମାନଙ୍କଠାରୁ ସେମାନଙ୍କ ଶୈଶବ ଛଡ଼ାଇ ନେଉଛି ଆଜିର ଡିଜିଟାଲ୍ ଯୁଗ। ସତେ ଯେପରି ସେମାନଙ୍କ ଜୀବନ ବନ୍ଧା ପଡ଼ିଛି ସ୍ମାର୍ଟଫୋନ୍, ଅନଲାଇନ୍ କ୍ଲାସ୍, ଗେମିଂ ଓ ଷ୍ଟ୍ରିମିଂରେ। ହୋମଓ୍ୱାର୍କ କରି ଟିକେ ଥକିପଡ଼ିଲେ ସେମାନେ ଖୋଜୁଛନ୍ତି ମୋବାଇଲ୍, ପୁଣି ରାତିରେ ଶୋଇବା ଆଗରୁ ମୋବାଇଲ୍ ନ କେଞ୍ଚିଲେ ପିଲାଙ୍କୁ ନିଦ ବି ଆସୁ ନାହିଁ। ସମବୟସ୍କଙ୍କ ସହ ଖେଳକୁଦ, ଜେଜେଜେଜୀଙ୍କ ପାଖରୁ କାହାଣୀ ଶୁଣିବା ବଦଳରେ ପିଲାଏ ଏବେ ମୋବାଇଲ୍‌ରେ ମନୋନିବେଶ କରିଛନ୍ତି। କିନ୍ତୁ ଶିଶୁଙ୍କ ଭିତରେ ବୃଦ୍ଧି ପାଉଥିବା ଏହି ଅଭ୍ୟାସ ହୃଦ୍‌ରୋଗର କାରଣ ପାଲଟୁଛି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ଆମେରିକୀୟ ହାର୍ଟ ଆସୋସିଏସନ୍ ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ମୋବାଇଲ୍ କେବଳ ପିଲାମାନଙ୍କୁ ମାନସିକ ସ୍ତରରେ ନୁହେଁ; ବରଂ ଶାରୀରିକ ଭାବେ ବି ଅସୁସ୍ଥ କରିପକାଉଛି। ମାତ୍ରାଧିକ ମୋବାଇଲ୍ ବ୍ୟବହାର ଶିଶୁ ଓ କିଶୋରଙ୍କ ମଧ୍ୟରେ ହୃଦ୍‌ରୋଗ ସୃଷ୍ଟି କରାଉଛି। ଏହା କେବଳ ପାଶ୍ଚାତ୍ୟର ସମସ୍ୟା ନୁହେଁ; ଭାରତୀୟ ଶିଶୁ ଓ କିଶୋର ମଧ୍ୟ ଏହାର କବଳିତ। ଏହି ଅଧ୍ୟୟନରେ ଗବେଷକମାନେ ୧ ହଜାର ଯୋଡ଼ି ମହିଳା ଓ ଶିଶୁଙ୍କୁ ପର୍ଯ୍ୟବେକ୍ଷଣ ପରିସରଭୁକ୍ତ କରିଥିଲେ। ପିଲାଏ କେତେ ସମୟ ଧରି ମୋବାଇଲ୍ ବ୍ୟବହାର କରୁଛନ୍ତି ସେ ତଥ୍ୟ ସଂଗ୍ରହ କରାଯାଇଥିଲା। ମାତ୍ରାଧିକ ମୋବାଇଲ୍ ବ୍ୟବହାର ଶିଶୁ ଓ କିଶୋରଙ୍କ ମଧ୍ୟରେ ହୃଦ୍‌ରୋଗ ସୃଷ୍ଟି କରାଉଛି। ଏହା କେବଳ ପାଶ୍ଚାତ୍ୟର ସମସ୍ୟା ନୁହେଁ; ଭାରତୀୟ ଶିଶୁ ଓ କିଶୋର ମଧ୍ୟ ଏହାର କବଳିତ।

ଅନ୍ୟପକ୍ଷରେ ଦୁଇ ସପ୍ତାହ ଧରି ସେମାନଙ୍କ ନିଦ୍ରା ଓ ଶାରୀରିକ କାର୍ଯ୍ୟକଳାପ ଆକ୍ସିଲେରୋମିଟର ଜରିଆରେ ନିରୀକ୍ଷଣ କରାଯାଇଥିଲା। ଏହାବ୍ୟତୀତ ଅଣ୍ଟାର ପରିଧି, ସିଷ୍ଟୋଲିକ୍ ବ୍ଲଡ୍ ପ୍ରେସର୍, ଏଚ୍‌ଡିଏଲ୍(ଭଲ), କୋଲେଷ୍ଟ୍ରଲ୍, ଟ୍ରାଇଗ୍ଲିସରାଇଡ୍‌ସ ଓ ରକ୍ତ ଶର୍କରା ଆଦିର ପରିମାପ ଜରିଆରେ ହୃଦ୍‌ରୋଗଜନିତ ବିପଦ ଓ କାର୍ଡିଓମେଟାବୋଲିକ୍ ରିସ୍କ (ସିଏମ୍‌ଆର୍) କେତେ ରହୁଛି, ତାହା ନିର୍ଣ୍ଣୟ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ମୋବାଇଲ୍‌ର ବହୁଳ ବ୍ୟବହାର ଶିଶୁଙ୍କ ଭିତରେ ହୃଦ୍‌ରୋଗ ଆଶଙ୍କା ବଢ଼ାଉଛି।

ଅଧ୍ୟୟନରୁ ଜଣାପଡ଼ିଛି, ପ୍ରତ୍ୟେକ ଅତିରିକ୍ତ ଘଣ୍ଟା ମୋବାଇଲ୍ ବ୍ୟବହାର ଶିଶୁଙ୍କ ମଧ୍ୟରେ ପ୍ରାୟ ୦.୦୮ ମାନକ ବିଚ୍ୟୁତି ଏବଂ କିଶୋରମାନଙ୍କ ମଧ୍ୟରେ ୦.୧୩ କାର୍ଡିଓମେଟାବୋଲିକ୍ ସମସ୍ୟା ସୃଷ୍ଟି କରୁଛି। ନିଦ୍ରାହୀନତା ଓ ନିଦ୍ରା ବିଶୃଙ୍ଖଳା ମଧ୍ୟ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି କରୁଛି। ସ୍ୱଳ୍ପ କିମ୍ବା ବିଳମ୍ବିତ ଶୟନ ଅଭ୍ୟାସ ରଖିଥିବା ପିଲାଙ୍କ ମଧ୍ୟରେ ଏହି ବିପଦ ଅଧିକ। କୋଭିଡ୍ ମହାମାରୀ କାରଣରୁ ୨୦୨୦ ମସିହା ପରଠାରୁ ଭାରତରେ ଅନ୍‌ଲାଇନ୍ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବାରୁ ଛୋଟ ପିଲାଙ୍କର ସ୍କ୍ରିନ୍ ଟାଇମ୍ ବୃଦ୍ଧି ପାଇଥିଲା। ବର୍ଦ୍ଧିତ ମୋବାଇଲ୍ ନିର୍ଭରଶୀଳତା କାରଣରୁ ନିଦ୍ରାହୀନତା, ମେଦବହୁଳତା, ଇନସୁଲିନ୍ ପ୍ରତିରୋଧ ଭଳି କାର୍ଡିଓମେଟାବୋଲିକ୍ ସମସ୍ୟା ମଧ୍ୟ ଶିଶୁଙ୍କ ଠାରେ ବୃଦ୍ଧି ପାଉଛି ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି।

# ଶୀତଦିନେ ଶିଶୁଙ୍କଠାରେ ଦେଖାଯାଏ ବିଭିନ୍ନ ରୋଗ



ଭୁବନେଶ୍ୱରः ସବୁଠାରୁ ଅଧିକ ଯତ୍ନ ନେବାର ଋତୁ ହେଉଛି ଶୀତ ଋତୁ। ଏହି ସମୟରେ ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ଧ୍ୟାନ ନେବା ଆବଶ୍ୟକ। ଖାସ୍ କରି ଛୋଟ ଛୁଆଙ୍କ ସ୍ୱାସ୍ଥ୍ୟ। ପିଲାଙ୍କ ସ୍କୁଲ୍ ମଧ୍ୟ ସକାଳେ ଥାଏ। ଏହି ଦିନରେ ବିଭିନ୍ନ ଜୀବାଣୁ ଭୂତାଣୁ ଜନିତ ରୋଗ, ଥଣ୍ଡା, କାଶ ପ୍ରଭୃତି ରୋଗ ଦେଖାଯାଏ। ବିଭିନ୍ନ ଆଲର୍ଜି ଠାରୁ ଆରମ୍ଭ କରି ବିଭିନ୍ନ ଶ୍ୱାସ ଜନିତ ରୋଗ ଦେଖାଯିବାର ସମ୍ଭାବନା ରହିଛି। ତେଣୁ ଏ ସବୁଥିରେ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ପକାଇବା ନିହାତି ଦରକାର। ଚାଲନ୍ତୁ ଜାଣିବା କି କି ରୋଗ ହେବାର ସମ୍ଭାବନା ରହିଛି...

**ଚର୍ମରୋଗः** ଶୀତଋତୁରେ ବାୟୁମଣ୍ଡଳ ତାପମାତ୍ରା କମିଯାଇଥାଏ। ଏହା ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୁଏ। ଶୀତଳ ଓ ଶୁଷ୍କ ବାୟୁମଣ୍ଡଳ ହେତୁ ଚର୍ମ ଶୁଷ୍କ ହୋଇ ଧୂସର ବର୍ଣ୍ଣ ଦେଖାଯାଏ। ଶୀତ ଋତୁରେ ଆଲର୍ଜି ହେତୁ ଚର୍ମ କୁଣ୍ଡିଆ ରୋଗ ଅଧିକ ହୋଇଥାଏ। ଶିଶୁଙ୍କ ଏହି ସମୟରେ କାଛୁ ଓ କୁଣ୍ଡିଆ ରୋଗ ଅଧିକ ହୋଇଥାଏ। ବିଶେଷ କରି ହଷ୍ଟେଲ ଓ ଅଧିକ ଲୋକ ରହୁଥିବା ଗୃହରେ ଏହାର ପ୍ରାଦୁର୍ଭାବ ଅଧିକ ଦେଖାଯାଏ।

**ଶ୍ୱାସରୋଗः** ଏହା ଭୂତାଣୁ ଜନିତ କିମ୍ବା ଜୀବାଣୁ ଦ୍ୱାରା ହୋଇଥାଏ। ଇନଫ୍ଲୁଏଞ୍ଜା ଓ ଆର.ଏସ.ଭି ଭୂତାଣୁ ଦ୍ୱାରା ଶିଶୁ ଆକ୍ରାନ୍ତ ହୋଇଥାଏ। ସମାନ୍ୟ ଥଣ୍ଡା ଜ୍ୱର ଠାରୁ ଆରମ୍ଭ କରି ଅତି ସାଂଘାତିକ ବ୍ରୋଙ୍କିଓଲାଇଟିସ ରୋଗ ଶିଶୁ ଠାରେ ଦେଖାଦେଇଥାଏ। ଏହି ରୋଗରେ ଶିଶୁ ଖୁବ ଦ୍ରୁତ ଗତିରେ ନିଶ୍ୱାସ ନେଇଥାଏ। ମାଆ ଠାରୁ ଖାଦ୍ୟ ଖାଇପାରେ ନାହିଁ। ୨ ବର୍ଷରୁ କମ୍ ଶିଶୁଙ୍କ ଠାରେ ଏହା ଅଧିକ ଦେଖାଯାଏ। ନାକରୁ ପାଣି ବାହାରିବା ସହ ପୂର୍ବରୁ ଥିବା ଶ୍ୱାସ ରୋଗ ଅଧିକ ବୃଦ୍ଧି ପାଇଥାଏ। ଛିଙ୍କ ଏହି ସମୟରେ ସାଧାରଣ ରୋଗ।

**ତରଳଝାଡ଼ାः** ଛଅମାସରୁ ତିନିବର୍ଷ ବୟସର ଶିଶୁଙ୍କୁ ବାନ୍ତି ଝାଡ଼ା ଦେଖାଦେଇଥାଏ। ଏହା କୌଣସି ଔଷଧ ଦ୍ୱାରା ଭଲ ହୋଇ ନଥାଏ। କେବଳ ଓଆରଏସ ଓ ଜିଙ୍କ୍ ଔଷଧ ଦ୍ୱାରା ଧୀରେ ଧୀରେ ଭଲ ହୋଇଥାଏ। ଏହାକୁ ବାଛୁରା ଝାଡ଼ା, ପତ୍ରଛଡ଼ି ଝାଡା ବା ଚୁର୍ଣ୍ଣା ବାଛରା କୁହାଯାଏ ।

**ମାନସିକ ଅବସାଦः** କେତେ ବୟସ୍କ ଶିଶୁଙ୍କ ଠାରେ ଶୀତ ଋତୁ ମାନସିକ ଅବସାଦ ଆଣିଥାଏ। ତେଣୁ ଏ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ।






# ରାତିରେ ଖାଇବା ପରେ ଘିଅ ଓ ଗୁଡ଼ ସେବନ କରନ୍ତୁ

ଖାଦ୍ୟ ଆମ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। କେବଳ ଆମେ ଯେଉଁ ଖାଦ୍ୟ ଖାଉ ତାହା ନୁହେଁ, ବରଂ ଖାଦ୍ୟ ପରେ ଆମେ ଯାହା ଖାଉ ତାହାର ମଧ୍ୟ ଆମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ରହିଥାଏ। ଲୋକମାନେ ସାଧାରଣତଃ ଖାଦ୍ୟ ଖାଇସାରିବା ପରେ ହଜମ ପାଇଁ ପାନମଧୁରୀ ଖାଇଥାଆନ୍ତି । ଏହା ତ ଆମେ ସମସ୍ତେ ଜାଣିଛେ କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଖାଦ୍ୟ ପରେ ଘିଅ ଏବଂ ଗୁଡ଼ ଖାଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ପ୍ରତିଦିନ ରାତି ଖାଦ୍ୟ ଖାଇସାରିବା ପରେ ଘିଅ ଏବଂ ଗୁଡ଼ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଏହା ଶରୀରକୁ ହାଲୁକା, ଆରାମଦାୟକ ଅନୁଭବ କରାଇବା ସହିତ ପାଚନ ଶକ୍ତିକୁ ବୃଦ୍ଧି କରିଥାଏ। ଘିଅ ଏବଂ ଗୁଡ଼ର ମିଶ୍ରଣ ଶରୀରକୁ ବିଷମୁକ୍ତ କରିବାରେ ସାହାଯ୍ୟ କରେ। ଖାଦ୍ୟ ପରେ ନିୟମିତ ଭାବରେ ଏହାକୁ ସେବନ କରିବା ଦ୍ୱାରା ଶରୀର ଆଭ୍ୟନ୍ତରୀଣ ଭାବରେ ସଫା ହୋଇଥାଏ। ଘିଅ ଏବଂ ଗୁଡ଼ ଉଭୟ ଆଣ୍ଟିଅକ୍ସିଡାଣ୍ଟ ଗୁଣ ପାଇଁ ଜଣାଶୁଣା। ଏହାକୁ ନିୟମିତ ସେବନ ଦ୍ୱାରା ଗଣ୍ଠି ଯନ୍ତ୍ରଣା ହ୍ରାସ ପାଇଥାଏ। କେବଳ ଏତିକି ନୁହେଁ, ଘିଅ ଓ ଗୁଡ଼ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ଋତୁକାଳୀନ ଫ୍ଲୁ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ଖାଦ୍ୟ ପରେ ମିଠା ଲାଳସାକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।

# ଶରୀର ପାଇଁ ଉପକାରୀ ଅଁଳା ଆଚାର







ଭୁବନେଶ୍ୱରः ଶୀତଦିନ ଆସିଲାଣି। ଥଣ୍ଡା ସର୍ଦ୍ଦି ହେବାର ଆଶଙ୍କା ଏବେ ବଢ଼ିବ। ଏଣୁ ଏହି ଶୀତଦିନେ ବଜାରରେ ମିଳୁଥିବା ଅଁଳା ବେଶ୍ ଉପକାରୀ ଆମ ଦେହ ପାଇଁ । ଅଁଳା ଜୁସ୍ ଆମ ଦେହ ପାଇଁ ଖୁବ୍ ଭଲ। ଖାଲି ଜୁସ୍ ନୁହେଁ ଅଁଳା ଆଚାର ବି ଘରେ ବନାନ୍ତୁ ଏବଂ ପୁରା ପରିବାରକୁ ଖୁଆନ୍ତୁ।

**ପ୍ରସ୍ତୁତି ପ୍ରଣାଳୀः** ୫୦୦ ଗ୍ରାମ୍ ଅଁଳା ନେଇ ଷ୍ଟିମର୍‌ରେ ପ୍ରାୟ ଦଶମିନିଟ୍ ଯାଏ ସିଝେଇ ଅଳ୍ପ ଗରମ ଥିବାବେଳେ ମଞ୍ଜି ବାହାର କରି ରଖନ୍ତୁ। ୧୫୦ ଗ୍ରାମ୍ କଞ୍ଚାଲଙ୍କା ନେଇ ମଝିରୁ ଚିରି ବା ଦୁଇଖଣ୍ଡ କରି କାଟି ରଖନ୍ତୁ। ଗୋଟିଏ ପ୍ୟାନ୍ ଗରମ କରି ସେଥିରେ ୧ ଚାମଚ ଗୋଟା ଧନିଆ, ୧ ଚାମଚ କଳା ସୋରିଷ, ୧ ଚାମଚ ହଳଦିଆ ସୋରିଷ, ୧ ଚାମଚ ପାନମହୁରୀ, ଅଧ ଚାମଚ ମେଥି, ୧ ଚାମଚ ଜିରା, ଅଧଚାମଚ ଗୋଲମରିଚ ନେଇ ତିନିଚାରି ମିନିଟ୍ ହାଲୁକା ଆଞ୍ଚରେ ଭାଜି ନିଅନ୍ତୁ। ଏହାଦ୍ୱାରା ମସଲାଗୁଣ୍ଡରୁ ଜଳୀୟଅଂଶ ଶୁଖି ଆଚାର ଅଧିକ ଦିନ ରହିବ ଓ ଭଲ ବାସ୍ନା ଆସିବ। ଥଣ୍ଡା ହେଲେ ମସଲାକୁ ଖଦଡ଼ା କରି ଗୁଣ୍ଡ କରିଦିଅନ୍ତୁ। ଏଥର ଗ୍ୟାସ୍‌ରେ ପ୍ୟାନ୍ ଗରମ କରି ଏକ ବଡ଼ କପ୍ ସୋରିଷ ତେଲ ଗରମ କରନ୍ତୁ। ତେଲରୁ ଧୂଆଁ ବାହାରିଲେ ଆଞ୍ଚ କମେଇ ସେଥିରେ ଅଧ ଚାମଚ କଳାଜିରା, ଅଧ ଚାମଚ ମେଥି, ଅଳ୍ପ ହେଙ୍ଗୁ ଓ ଅଁଳା ପକାନ୍ତୁ। ସେଥିରେ ଦୁଇ ତିନି ଚାମଚ ସରୁସରୁ ଲମ୍ବା କଟା ହୋଇଥିବା ଅଦାର ଜୁଲିଏନ୍, କଟା ଲଙ୍କା ପକେଇ ଘାଣ୍ଟନ୍ତୁ। ଆଞ୍ଚକୁ ଏକ୍‌ଦମ୍ ଧିମା କରି ସେଥିରେ ଏକ ଚାମଚ ହଳଦୀଗୁଣ୍ଡ, ଏକ ଚାମଚ କଶ୍ମୀର ଲଙ୍କାଗୁଣ୍ଡ, ଏକ ଚାମଚ ଲୁଣ, ଏକ ଚାମଚ ଆମ୍‌ଚୁର୍ ପାଉଡର୍ ଏବଂ କରିଥିବା ମସଲାଗୁଣ୍ଡତକ ମିଶାଇ ତିନିଚାରି ମିନିଟ୍ ଆସ୍ତେ ଆସ୍ତେ ଘାଣ୍ଟନ୍ତୁ। ଆଚାରକୁ ଥଣ୍ଡା କରି କାଚ ବୋତଲରେ ବର୍ଷେ ଯାଏ ସଂରକ୍ଷିତ ରଖନ୍ତୁ।



# ବୟସ୍କମାନଙ୍କ ଖାଦ୍ୟପେୟ ଉପରେ ଧ୍ୟାନ ଦେବା ଉଚିତ

ବୟସ୍କ ବ୍ୟକ୍ତିଙ୍କର ଶାରୀରିକ ସ୍ତରରେ ଧୀରେଧୀରେ ବିଭିନ୍ନ ପରିବର୍ତ୍ତନ ଦେଖାଯାଏ। ଏଣୁ ଏସବୁ ସହ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଖାପ ଖୁଆଇବାକୁ ହେଲେ ଆମକୁ ତାଙ୍କର ଖାଦ୍ୟପେୟ ଓ ଜରୁରୀ ପୋଷଣର ଧ୍ୟାନ ରଖିବାକୁ ପଡ଼ିବ। ଆମେ ବିଭିନ୍ନ ପ୍ରକାର ପୋଷକପୂର୍ଣ୍ଣ ଖାଦ୍ୟ ଖାଇଥାଉ କାରଣ ଏହା ଶରୀରର ବୃଦ୍ଧି ଓ କାର୍ଯ୍ୟକାରିତାରେ ସାହାଯ୍ୟ କରେ। ଯାହା ବି ବୟସ ହେଉ ପଛେ ଉପଯୁକ୍ତ ପୋଷକ ବା ନ୍ୟୁଟ୍ରିଏଣ୍ଟ୍ ଶରୀରକୁ ସୁସ୍ଥ ରଖିବାକୁ ଦରକାର ହୋଇଥାଏ। ତେବେ ବୟସ ବଢ଼ିବା ଅନୁସାରେ ଆମ ଶରୀରର ପୋଷକ ଆବଶ୍ୟକତା ମଧ୍ୟ ବଦଳିଥାଏ। ବିଭିନ୍ନ ପ୍ରକାର କ୍ରୋନିକ୍ ରୋଗ ଯେପରି ଡାଇବେଟିସ୍, ବ୍ଲଡ୍‌ପ୍ରେସର, ଅଷ୍ଟିଓପୋରୋସିସ୍, ହୃଦ୍‌ରୋଗ ଆଦିରୁ ବୟସ୍କମାନଙ୍କୁ ଦୂରେଇ ରଖିବା ପାଇଁ ଜରୁରୀ ପୋଷକ ଥିବା ଖାଦ୍ୟ ଖାଇବା ନିହାତି ଜରୁରୀ।

ବୟସ ବଢ଼ିବା ସହିତ ସେମାନଙ୍କର ମେଟାବୋଲିଜିମ୍ ପ୍ରକ୍ରିୟା କମିଯାଏ। ସେଥିପାଇଁ ସେମାନଙ୍କର ସନ୍ତୁଳିତ ଆହାର ଖାଇକୁ ପଡ଼ିଥାଏ। ବର୍ଦ୍ଧିତ ବୟସ ସହିତ ଶରୀରର ଶର୍କରା ଗ୍ରହଣ କରିବା ଶକ୍ତି କମିଯାଇଥାଏ। ବୟସ୍କମାନଙ୍କର ଖାଦ୍ୟରେ ଶ୍ୱେତସାର ପରିମାଣ କମ୍ ରହିବା ଆବଶ୍ୟକ ହୋଇଥାଏ। ବୟସ୍କମାନଙ୍କର ଖାଦ୍ୟରେ ନିୟମିତ ସ୍ନେହସାର ପରିମାଣ ୨୦ ପ୍ରତିଶତ ପର୍ଯ୍ୟନ୍ତ ସୀମିତ ରହିବା ଉଚିତ।

ଖେଚିଡ଼ି, ଉଷୁନା ଭାତ ସହିତ ସବୁଜ ପନିପରିବାର ପରିମାଣ ବଢ଼ାଇବା। ଅଧିକ ସୁଗାର ଥିବା ଫଳ ଯେପରି ଅଙ୍ଗୁର, ଆମ୍ବ, କଦଳୀ ଆଦି ନ ଖାଇ କମ୍ ସୁଗାର ଯୁକ୍ତ ଫଳ ଯେପରି ସେଓ, ପିଜୁଳି ଆଦି ଖାଇବାକୁ ଦେବା। କ୍ଷୀର, ଛେନା ଆଦି ଦେବା ଯାହାକି କ୍ୟାଲ୍‌ସିୟମ୍ ଦେବ। ରାଜ୍‌ମା, ଛୋଲେ, ମଞ୍ଜି ଜାତୀୟ ଖାଦ୍ୟ ସହିତ ଡାଲିଜାତୀୟ ଖାଦ୍ୟର ପରିମାଣ ବଢ଼ାଇବା। ଚିକେନ୍ ବ୍ରେଷ୍ଟ, ମାଛ, ଅଣ୍ଡା ଆଦି ଆବଶକୀୟ ପୃଷ୍ଟିସାର ଖାଦ୍ୟ ଦେବା। ଛଣାଛଣି ଓ ବଜାରରେ ମିଳୁଥିବା ସ୍ନାକ୍ସରୁ ଦୂରେଇ ରଖିବା। ଏକାଥରେ ପେଟପୂରା ଖାଦ୍ୟ ନ ଖାଇ କିଛି କିଛି ସମୟ ବ୍ୟବଧାନରେ ଖାଦ୍ୟ ଆହରଣ କରିବା ଦରକାର।

ଅଫିସ୍‌ରେ ତାଲା, ଅଧିକାରୀଙ୍କ ପତ୍ତା ନାହିଁ

# ପଞ୍ଚାୟତରେ ପ୍ରଶାସନିକ ସ୍ଥାଣୁତା



ଥୁଆମୂଳ ରାମପୁର, ୧୩।୫(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଥିବା ବେଳେ, କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅନ୍ତର୍ଗତ ଓଡ୍ରି ଗ୍ରାମ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ପ୍ରଶାସନିକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଓ ଅବହେଳା ଯୋଗୁଁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାସ ମାସ ଧରି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ବେଳେ ଅଧିକାରୀଙ୍କ ଦର୍ଶନ ମିଳିବା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଓଡ୍ରି ପଞ୍ଚାୟତରେ ପିଇଓ ଭାବେ ଆର୍ତ୍ତତ୍ରାଣ ମାଝୀ ଏବଂ ଜିଆରଏସ୍ (ଏଡିଇଓ) ଭାବେ ସୁଦର୍ଶନ ଛତ୍ରିଆ ନିଯୁକ୍ତ ହୋଇଛନ୍ତି। କିନ୍ତୁ ଅଭିଯୋଗ ଅନୁଯାୟୀ, ଏହି ଦୁଇ ବାବୁ କାର୍ଯ୍ୟାଳୟକୁ ପ୍ରାୟତଃ ଆସୁ ନାହାନ୍ତି। ଟାଙ୍ଗରି ଗ୍ରାମର ଗୋପାଳ ଗୌଡ଼, ରାମ ନାଏକ ଏବଂ ଓଡ୍ରିର ମଦନ ସାହୁଙ୍କ ସମେତ ଅନେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସମସ୍ୟା କିମ୍ବା ମନରେଗା ଯୋଜନା ପାଇଁ ପଞ୍ଚାୟତକୁ ଗଲେ ସେଠାରେ ସବୁବେଳେ ତାଲା ପଡ଼ିଥାଏ। ଅନେକ ସମୟରେ ଲୋକେ ଆଶା ବାନ୍ଧି ବ୍ଲକ୍ କାର୍ଯ୍ୟାଳୟକୁ ଯାଉଥିଲେ ମଧ୍ୟ ସେଠାରେ ମଧ୍ୟ ଏହି ଅଧିକାରୀଙ୍କ ଦେଖା ମିଳୁନାହିଁ। ସାଧାରଣ ଲୋକେ ସମସ୍ୟା ଜଣାଇବାକୁ ଅଧିକାରୀଙ୍କୁ ଫୋନ୍ କଲେ ସେମାନେ ପ୍ରାୟତଃ ଫୋନ୍ ଉଠାନ୍ତି ନାହିଁ। ବେଳେବେଳେ ଫୋନ୍ ଲାଗିଲେ ମଧ୍ୟ "ଜିଲା ସ୍ତରୀୟ ମିଟିଂ" ବା "ବ୍ଲକ୍ ମିଟିଂ" ର ବାହାନା ଦେଖାଇ ଫୋନ୍ କାଟି ଦିଅନ୍ତି। ଅଧିକାଂଶ ସମୟରେ ଅଧିକାରୀମାନେ ହିତାଧିକାରୀଙ୍କ ନମ୍ବରକୁ ବ୍ଲକ୍ କରି ଦେଉଥିବା ଭଳି ସଂଗୀନ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏପରିକି ଗଣମାଧ୍ୟମ ପ୍ରତିନିଧିଙ୍କ ଫୋନ୍ କଲ୍ କିମ୍ବା ହ୍ୱାଟ୍ସଆପ୍ ମେସେଜ୍‌ର ମଧ୍ୟ କୌଣସି ପ୍ରତିକ୍ରିୟା ମିଳୁନାହିଁ।

# ଗଡ଼ଦେଉଳିଆ ଠାରେ ଭୟଙ୍କର ଦୁର୍ଘଟଣା ଏକା ମୃତ, ଦୁଇ ଜଣ ଗୁରୁତର



ବୈଶିଙ୍ଗା, ୧୩।୫(ସଂଚାର ବ୍ୟୁରୋ): ବେଆଇନ ପାର୍କିଂ ପାଇଁ ବଢୁଛି ଦୁର୍ଘଟଣା। ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଗଡ଼ଦେଉଳିଆ ନିକଟର ପାର୍କିଂ ପାଇଁ ଦୁର୍ଘଟଣା ବଢୁଥିବା ବେଳେ ଏ ଦିଗରେ ଆଖି ବୁଜି ଦେଇଛି ପ୍ରଶାସନ। ସେହିପରି ମଙ୍ଗଳବାର ରାତି ପ୍ରାୟ ୧୧ ଟା ସମୟରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି ମୟୁରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଉପାଧ୍ୟକ୍ଷା କମଳା ତିରିଆ ଏବଂ ତାଙ୍କ ପୁଅ ଆଉ ବୋହୂ। ସୂଚନା ମୁତାବକ କମଳା ତିରିଆ ନିଜ ଗର୍ଭବତୀ ବୋହୂଙ୍କୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ଯାଇଥିଲେ। ତେବେ ଆଜି ସନ୍ଧ୍ୟାରେ ନିଜର କାର ରେ ଭୁବନେଶ୍ୱର ରୁ ଘରକୁ ଫେରୁଥିବା ସମୟରେ ବାଲେଶ୍ୱର ରୁ ବୈଶିଙ୍ଗା ୧୮ ନଂ ଜାତୀୟ ରାଜପଥ ଗଡ଼ଦେଉଳିଆ ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରଲର ପଛ ପଟୁ ତାଙ୍କ ଗାଡି ଧକ୍କା ଦେଇଥିଲା। ଫଳରେ ଗାଡି ଟି ଭାରସ୍ୟାମ ହରାଇ ଡ଼ିଭାଇଡ଼ର ରେ ପିଟି ହୋଇଥିଲା। ତେବେ ଗାଡ଼ିରେ ଥିବା କମଳା ଏବଂ ତାଙ୍କ ପୁଅ ଅଭିଷେକ ତିରିଆ ଓ ବୋହୂ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପହଂଚି ସେମାନଙ୍କୁ ଉଦ୍ଧାର କରି ସଂଗେସଂଗେ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜରେ ଭର୍ତି କରାଇଥିଲେ। ସେଠାରେ ବୋହୂଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ପ୍ରକାଶ କରିଥିଲେ, ଘଟଣାସ୍ଥଳରେ ବୈଶିଙ୍ଗା ପୁଲିସ ପହଂଚି ଘଟଣାର ତଦନ୍ତ ଜାରି ରଖିଛି।

## ଗ୍ରାହକ ମାଡ଼ରେ ଦୋକାନୀ ଗୁରୁତର

ବାଲିଅନ୍ତା, ୧୩।୫(ସଂଚାର ବ୍ୟୁରୋ): ବାଳକାଟି ଫାଣ୍ଡି ଅଧୀନ ଶିଶିଲୋ ଛକରେ ଏକ ଜଳଖିଆ ଦୋକାନରେ ଆଜି ସକାଳ ୭ଟା ସମୟରେ ଜଣେ ଗ୍ରାହକ ଏବଂ ଦୋକାନୀ ମଧ୍ୟରେ ଭୀଷଣ ଗଣ୍ଡଗୋଳ ହୋଇଛି। ଏଥିରେ ଉତକ୍ଷିପ୍ତ ହୋଇ ଗ୍ରାହକ ଠେଙ୍ଗା ମାଡରେ ଦୋକାନୀ ଗୁରୁତର ଆହତ ହୋଇଥିଲେ। ଆହତ ଦୋକାନୀ ହେଲେ ଅପର୍ତ୍ତି ମେକାପ ( ୫୦)। ସୂଚନା ଅନୁସାରେ କଇଜଙ୍ଗା ଗ୍ରାମର ଅପର୍ତ୍ତିଙ୍କର ଶିଶିଲୋ ଛକରେ ଏକ ଜଳଖିଆ ଦୋକାନ ଅଛି। ଆଜି ସକାଳ ୭ଟା ସମୟରେ ସ୍ଥାନୀୟ ବାଆବଜା ଗ୍ରାମର ଲିଟୁ ଜଳଖିଆ ଖାଇବାକୁ ଯାଇଥିଲେ। ଏହାପରେ ଦୁହିଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଲିଟୁ ଏକ ଠେଙ୍ଗାରେ ଅପର୍ତ୍ତିଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଅପର୍ତ୍ତି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ଗୁରୁତର ଅବସ୍ଥାରେ ଅପର୍ତ୍ତିଙ୍କୁ ପ୍ରଥମେ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ଅପର୍ତ୍ତିଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା ।

# ବ୍ଲକ୍ କାର୍ଯ୍ୟାଳୟ ଦପ୍ତର ରହୁନାହାନ୍ତି ଅଧିକାରୀ

ଦୂର ଦୂରାନ୍ତରୁ ଆସି ବହୁତ ଅସୁବିଧା ଭୋଗୁଛନ୍ତି ଲୋକେ




କନ୍ଧମାଳ, ୧୩।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ କୁହା ଯାଉଥିବା ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ। ବର୍ତ୍ତମାନ ସକାଳୁଆ ଅଫିସ୍ ହୋଇ ସାରିଥିବା ବେଳେ ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅନୁପସ୍ଥିତ ପାଇଁ ନାହିଁ ନଥିବା ଅସୁବିଧା ହେଉଛନ୍ତି ସାଧାରଣ ଜନତା। ଅଧିକାଂଶ ସମୟ ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ଦପ୍ତରରେ କର୍ମଚାରୀ ଓ ଅଧିକାରୀ ରହୁନଥିବା ବେଳେ ଫିରିଙ୍ଗିଆ ବ୍ଲକ ର ବିଭିନ୍ନ ପଞ୍ଚାୟତରୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ସୂଚନା ଅନୁସାରେ ଏହି ଫିରିଙ୍ଗିଆ ବ୍ଲକ ରେ ଚୋବିଷ ଗୋଟି ପଞ୍ଚାୟତ ରହିଛି। ବିଭିନ୍ନ କାମ ପାଇଁ ଲୋକେ ଏହି ବ୍ଲକ କାର୍ଯ୍ୟାଳୟ ଉପରେ ନିର୍ଭର କରି ଆସିଥାନ୍ତି। ନିତିଦିନ ସକାଳୁଆ ଅଫିସ୍ ହୋଇ ଥିବାରୁ ଶତାଧିକ ଲୋକ ବହୁ ଦୂର ଦୂରାନ୍ତରୁ ନିଜର ଦୁଃଖ ଜଣେଇବା ନିମନ୍ତେ ନିଜ କାମଧନ୍ଦା ଛାଡି ବ୍ଲକ କାର୍ଯ୍ୟାଳୟ କୁ ଆସିଥାନ୍ତି। କିନ୍ତୁ ବ୍ଲକର କାର୍ଯ୍ୟରତ ଥିବା ଅଧିକାରୀ ଓ କର୍ମଚାରୀ ମାନେ ଠିକ୍ ଭାବରେ ଆସୁନଥିବା ଅଭିଯୋଗ ହେଉଛି। ଅଧିକାରୀ କିମ୍ବା କର୍ମଚାରୀ ମାନଙ୍କୁ ଭେଟି ନପାରି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କଲାପରେ ଘରକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। କେବଳ ଗୋଟିଏ ଦିନ ନୁହେଁ ଏଭଳି ଅବ୍ୟବସ୍ଥା ଦୀର୍ଘ ଦିନ ଧରି ଲାଗି ରହିଥିବା ବେଳେ ସାଧାରଣରେ ଜନତା ଅସନ୍ତୋଷ ଦେଖାଦେଇଛି। ସେପଟେ ଏହି ବ୍ଲକ କାର୍ଯ୍ୟାଳୟ କୁ ନିଜର କାମଧନ୍ଦା ଛାଡ଼ି ବିଭିନ୍ନ କାମ ପାଇଁ ବିଭିନ୍ନ ଗ୍ରାମାଞ୍ଚଳର ଆସୁଥିବା ଲୋକମାନେ ସକାଳୁ ସକାଳୁ ଆସୁଥିବା ବେଳେ ବ୍ଲକର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ମାନେ ବିଳମ୍ବ ରେ କାର୍ଯ୍ୟାଳୟ କୁ ଆସୁଛନ୍ତି ଓ ଦିନ ଗୋଟାଏ ପରେ ଖାଇବା ବାହାନାରେ ଯାଇ ଆଉ ନିଜ ନିଜ ଦପ୍ତର କୁ ଅଧିକାରୀ ଓ କର୍ମଚାରୀ ମାନେ ଆସୁ ନାହାନ୍ତି। ଦିନ ଗୋଟାଏ ପରେ ଅନେକ କାର୍ଯ୍ୟାଳୟର ଦପ୍ତର ଖାଲିପଡ଼ି ଥିବା ଦେଖିବାକୁ ମିଳିଛି। କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରି ଆସୁଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଫିରିଙ୍ଗିଆ ବ୍ଲକର ଜନସାଧାରଣ।

# ଓଷ୍ଟା ସଂଘ ପକ୍ଷରୁ ବ୍ଲକରେ ଟପ୍ ଏ.୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ



ବୈଶିଙ୍ଗା, ୧୩।୫(ସଂଚାର ବ୍ୟୁରୋ): ଓଷ୍ଟା ସଂଘ ପକ୍ଷରୁ ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷାରେ ଏ-୧ ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଓଷ୍ଟା ବ୍ଲକ୍ ସଭାପତି ଶିଶିର କୁମାର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଗଠନର ମୂଳମନ୍ତ୍ର ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ବିପ୍ଳବ କର ଛାତ୍ର ଛାତ୍ରଛାତ୍ରୀ ମାନଙ୍କୁ ପରିଶ୍ରମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଅପର୍ଣ୍ଣା ସାହୁ, ଓଷ୍ଟା ସଂଘ ର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ପୂର୍ବତନ ଏବିଇଓ ରମାକାନ୍ତ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।ଓଷ୍ଟା ସଂଘ ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ.୧ ରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଦିବ୍ୟପ୍ରଜ୍ଞା ନାଥ, ଆଦ୍ୟାଶା ସାହୁ, ରୋଜାଲିନ ମହାନ୍ତ, ଜୟସ୍ମିତା ପୃଷ୍ଟି, ଜ୍ୟୋସ୍ନା ଧଳ ଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ, ଟ୍ରଫି, ଫଳ ବୃକ୍ଷ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ, ଶିକ୍ଷକ ଯୋଗଦାନ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମହାନ୍ତ, ଧୃବେନ୍ଦ୍ର ମହାନ୍ତ, ଶିକ୍ଷକ ଭବାନୀ ଶଙ୍କର ବାଗ, ସନ୍ତୋଷ କୁମାର ବେହେରା, ବିଜୟ କୁମାର ପଣ୍ଡିତ, ନରହରି ମହାନ୍ତ, ନିହାର କାନ୍ତ ବେହେରା, ସଂଞ୍ଜୟ କୁମାର ପଣ୍ଡିତ ଙ୍କ ସମେତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।ସର୍ବ ଶେଷରେ ରଘୁନାଥ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅଜିତ୍ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ସୁବର୍ଣ୍ଣପୁର, ୧୩।୫(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ୍ ଠାରେ ୧୪ ବର୍ଷ ରୁ କମ ବାଳକ ଓ ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ମୁଖ୍ୟମନ୍ତ୍ରୀ ଟ୍ରଫି ଶୁଭ ଉଦଘାଟନ ହୋଇଯାଇଛି। ଫୁଟବଲ ଏସୋସିଏସନ ଅଫ ଓଡିଶା, କ୍ରୀଡା ଓ ଯୁବ ସେବା ବିଭାଗ ଓଡିଶା ସରକାର, ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁର ଓ ଜିଲ୍ଲା କ୍ରୀଡା ସଂଘ ସୁବର୍ଣ୍ଣପୁର ପକ୍ଷରୁ ଆୟୋଜିତ ଏହି ଖେଳ କୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ ମୁଖ୍ୟ ଅତିଥି, ଏଡିଏମ ଶ୍ରୀ ରାଜେନ୍ଦ୍ର ମାଝୀ, ଏଡିଏମ ଅଞ୍ଜଳୀନା ପ୍ରଧାନ, ପୌର ପରିଷଦ ଅଧ୍ଯକ୍ଷା ତାମସୀ ତାମସ୍ମିତା ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ବୀରମହାରାଜ ପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଯୋଗ ଦେଇ ଖେଳାଳି ଆୟୋଜକ ଙ୍କୁ ଉତ୍ସାହିତ କରିଥିଲେ । ଏହି ଉଦଘାଟନୀ ମ୍ୟାଚରେ ମା ମଙ୍ଗଳା ଫୁଟବଲ ବାଳକ ଦଳ ତରଭା ଓ ନାରାୟଣପୁର ଦଳ ସୋନପୁର ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମ୍ୟାଚ ବରାବର ହୋଇ ଥିଲା । ଦ୍ୱିତୀୟ ମ୍ୟାଚ ରାମଧୂନ କ୍ଲବ ବାଳିକା ସୋନପୁର ଫୁଟବଲ ଦଳ ଓ ରାମଧୂନ କ୍ଲବ୍ ବାଳିକା ସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରାମଧୂନ କ୍ଲବ୍ ସୋନପୁର ବାଳିକା ଦଳ ୨-୦ ଗୋଲ ରେ ୱିଜୟୀ ହୋଇଥଲା । ସାବିତ୍ରୀ ନାୟକ ଓ ଲିଜା ମୁଣ୍ଡା ଉଭୟେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । ସଞ୍ଜୀବ ସାହୁ, ସୁମିତ୍ ମହାଲିଂ, ଶ୍ରବଣ ବିଶ୍ୱାଳ, ଅନିତା ମହାକୁଡ, ପ୍ରଶାନ୍ତ ସେଠୀ, ବଦ୍ରୀ ପ୍ରସାଦ ହୋତା, ଓ ରାଜେଶ ଥନାପତି ଖେଳ ପରିଚାଳନା କରିଥିଲେ । ମ୍ୟାଚ କମିଶନର ଭାବେ ଜିତେନ୍ଦ୍ର ଥନାପତି, ଓ ସିଲେକ୍ଟର ଭାବେ ଭୁକୁଲୁ ବକ୍ସି ଦାୟିତ୍ୱ ଗ୍ରହଣ କରିଥିଲେ । କ୍ରୀଡ଼ା ସଂଘ ସଂପାଦକ ପୀୟୂଷ କୁମାର ପଣ୍ଡା ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ର ସଭା କୁ ଖେଳ ଶିକ୍ଷକ ସଞ୍ଜୟ କୁମାର ସାହୁ ପରିଚାଳନା କରିଥିବା ବେଳେ କ୍ରୀଡ଼ା ସଂଘ ବରିଷ୍ଠ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଅନେକ ପୁର୍ବତନ ଫୁଟବଲର , କ୍ରୀଡ଼ା ସଂଘ ସଦସ୍ୟ ଯୋଗ ଦେଇ ଖେଳାଳି ଙ୍କୁ ଉତ୍ସାହିତ କରିଥିବା ବେଳେ ରାମ ଧୂନ୍ କ୍ଲବ୍ ର ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ତେନ୍ତୁଳୀଖୁଣ୍ଟି ମଣ୍ଡଳସ୍ତରୀୟ ଜନ ଆକ୍ରୋସ ମହିଳା ପଦଯାତ୍ରା



ନବରଙ୍ଗପୁର, ୧୨।୫(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ମଣ୍ଡଳ ସ୍ତରୀୟ ଜନ ଆକ୍ରସ ମହିଳା ପଦଯାତ୍ରା ତେନ୍ତୁଳୀଖୁଣ୍ଟି ର ଦିଗି ଷୋଲ ପା ଗ୍ରାମ ପଂଚାୟତ ଅନ୍ତର୍ଗତ ଦିଗି ସଲୋପା ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ପଦଯାତ୍ରାରେ ମୁଖ୍ୟ ଅଥିତି ଭାବେ ଓଡିଶା ମହିଳା ସମ୍ପାଦିକା ଶ୍ରୀମତୀ ପୁର୍ଣ୍ଣିମା ନାୟକ ରହିଥିବା ବେଳେ ସମ୍ମାନିତ ଅଥିତି ଭାବେ ଭାବେ ବିଧାୟକ ଶ୍ରୀଯୁକ୍ତ ଗୌରୀଶଙ୍କର ମାଝୀ ପଦ ଯାତ୍ରାରେ ସାମିଲ ହୋଇ ଦିଗି ରୁ ସଲୋପା ପର୍ଯ୍ୟନ୍ତ ପ୍ରାୟ ତିନି ସହ ମହିଳା ଓ ମଣ୍ଡଳ କାର୍ଯ୍ୟକର୍ତ୍ତାଙ୍କ ସହ ନାରୀକୁ ସମ୍ମାନ, ନାରୀକୁ ୩୩%ସଂସଦ ଓ ବିଧାନସଭା ରେ ସଂରକ୍ଷଣ ପାଇଁ ସଂସଦରେ ଆଣିଥିବା ବିଲକୁ ଇଣ୍ଡିଆ ମେଣ୍ଟ ର ସମସ୍ତ ବିରଧୀ ଦଳ ବିରୋଧ କରିଥିବାରୁ ତାହା ବିରୋଧରେ ବିଭିନ୍ନ ସ୍ଲୋଗାନ ମାନ ଦେବା ସହ କଂଗ୍ରେସ ଓ ବିଜେଡି ବିରୋଧ ରେ ମହିଳା ମାନେ ପ୍ଲାଗ କାର୍ଡ ଧରି ଚାଲି ଚାଲି ଗ୍ରାମ ପରିକ୍ରମା କରି ସଲୋପା ଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ଙ୍କ ଅଥିତି ପରିଚୟ ପରେ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସମ୍ପାଦିକା ନାୟକ ଉପସ୍ଥିତ ମହିଳାଙ୍କୁ ନାରୀଙ୍କ ଏହି ବିଲ୍‌କୁ ବିରୋଧୀ ଦଳ କାହିଁକି ବିରୋଧ କଲେ ଏହି ବିଲ୍‌କୁ ବିରୋଧ କରି ଏମାନେ ନାରୀ ସମାଜକୁ ଅପମାନ କରିଛନ୍ତି ବୋଲି କହିଥିଲେ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ



ସୁବର୍ଣ୍ଣପୁର, ୧୩।୫(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ ବାଙ୍କବିଜା ଗ୍ରାମ ସ୍ଥିତ ଗୋପାଳ ରାଇସ୍ ମିଲ୍ ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋପାଳ ରାଇସ୍ ମିଲ୍ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ ଓ ଲେପ୍ରା ସୋସାଇଟି ମିଳିତ ଆନୁକୂଲ୍ୟରେ ଏକ କମ୍ପ୍ୟୁଟରୀକୃତ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ପ୍ରାୟ ୬୨ ଜଣ ନାରୀ ପୁରୁଷ ଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଉପଯୁକ୍ତ ଚିକିତ୍ସା ଓ ପରାମର୍ଶ ଦିଆଯାଇଥିଲା। ଗୋପାଳ ରାଇସ୍ ମିଲ୍ ତରଫରୁ ମାଗଣାରେ ଚଷମା ବଣ୍ଟନ କରାଯିବା ସହିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଆତିଥ୍ୟତା ପ୍ରଦାନ କରାଯାଇଥିଲା। ଏହି ଚକ୍ଷୁ ପରୀକ୍ଷା ଶିବିରକୁ ଗୋପାଳ ରାଇସ୍ ମିଲ ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଆର୍ତ୍ତତ୍ରାଣ ବାବୁ ଏବଂ ସୋସାଇଟି ର ମୁଖ୍ୟ ପରିଚାଳକ ଡାକ୍ତର ପ୍ରଶାନ୍ତ ନାଏକ ମିଳିତ ଭାବରେ ଫିତା କାଟି ଶୁଭ ଉଦଘାଟନ କରିଥିଲେ। ନେତ୍ର ଚିକିତ୍ସାଳୟର ଡାକ୍ତର ବିଭୁ ପ୍ରସାଦ ବଳିୟାରସିଂ ଙ୍କ ସହିତ ତାଙ୍କ ସହଯୋଗୀ ଚିକିତ୍ସକ ଭାବରେ ସୁଜିତ୍ ଥପା, ସମୀର ପଧାନ, ଜଗାବଳିଆ ସାହୁ, ସ୍ୱରୂପ ପାଣିଗ୍ରାହୀ, ସୌମ୍ୟ ରଞ୍ଜନ ପ୍ରଭୃତି ସହଯୋଗ କରିଥିଲେ।

## ମାନସିକ ବିକାରଗ୍ରସ୍ତ ଯୁବକର ଶାବଳ ମାଡ଼ରେ ଦୁଇ ଜଣ ମୃତ

● ହତ୍ୟାକାଣ୍ଡରେ ସଂପୃକ୍ତ ଆସାମୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ




ବାରିପଦା, ୧୩।୫ (ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ କୁଲୁଘୁଟୁ ଗ୍ରାମରେ ଏକ ଦୁଃଖଦ ଅଭାବନୀୟ ବିଭତ୍ସ ହତ୍ୟାକାଣ୍ଡ ଘଟଣା ଆଜି ପୂର୍ବାହ୍ନ ରେ ଘଟିଯାଇଛି। ସୂଚନାଯୋଗ୍ୟ କୁଲୁଘୁଟୁ ଗ୍ରାମର ଗୋପୀନାଥ ସର୍ଦ୍ଦାର ଏବଂ ବୁଦ୍ଧେଶ୍ୱର ରଣା ଗାଁଦାଣ୍ଡରେ ସାଇକେଲରେ ଯାଉଥିଲେ। ସେହି ଗ୍ରାମର ମାନସିକ ବିକାର ଗ୍ରସ୍ତ ଯୁବକ ମୋଚକା ଆଳଦା ହଠାତ ଏକ ଶାବଳରେ ସେହି ଦୁଇ ଜଣଙ୍କୁ ପଛଆଡୁ ମୁଣ୍ଡକୁ ମାଡ଼ ଦେବାରୁ ଦୁଇ ଜଣ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ। ଫଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ଗାଁ ଲୋକେ ଏଭଳି ଲୋମଟାଙ୍କୁରା ଘଟଣା ଦେଖି ଉକ୍ତ ମାନସିକ ବିକାରଗ୍ରସ୍ତ ଯୁବକକୁ କାବୁ କରି ଉତ୍ତମ ମଧ୍ୟମ ଦେଇଛନ୍ତି। ଖବର ପାଇ ତିରିଂ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକକୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଘଟଣା ପରେ ରାଇରଙ୍ଗପୁର ଅତିରିକ୍ତ ହାଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଯେନା, ଏସଡିପିଓ ବୀରେନ୍ଦ୍ର ସେନାପତି, ତିରିଂ ଥାନାଧିକାରୀ ପ୍ରଶାନ୍ତ ଯେନା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ କରିବା ସହ ତଦନ୍ତକୁ ଜୋରଦାର କରିଛନ୍ତି। ଗାଁରେ ଦୁଇ ଜଣ ଲୋକଙ୍କର ମୃତ୍ୟୁ ଘଟଣାରେ ଶୋକାକୁଳ ପରିବେଶ ହେବା କାନ୍ଦ ବୋବାଳି ରେ ଗାଁ ଦାଣ୍ଡ କମ୍ପୁଛି। ଅପରପକ୍ଷରେ ଗୁରୁତର ଆସାମୀ ମୋଚକା ଆଳଦାର ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ମୃତ୍ୟୁ ଘଟିଥିବାର ସୂଚନା ମିଳିଅଛି। ଏହି ଘଟଣା ସାରା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏହି ଘଟଣା କୁ ନେଇ ପୋଲିସ ମଧ୍ୟ ଚିନ୍ତାରେ ପଡ଼ିଅଛି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ ସମାରୋହ




ବେତନଟୀ, ୧୩।୫(ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ର ବିଭିନ୍ନ ସ୍ଥାନରେ ୬ ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ ଟି ପ୍ରକଳ୍ପର ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବରେ ବଡସାହି ବିଧାୟକ ସନାତନ ବିଜୁଳି, ବେତନଟୀ ପଞ୍ଚାୟତ ସମିତି ଅଧ୍ୟକ୍ଷା କୌଶଲ୍ୟା ମାଝୀ ଓ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା, ବୈଶିଙ୍ଗା ମଣ୍ଡଳ ସଭାପତି ରାଜୀବ କୁମାର ନନ୍ଦୀ, ରଘୁପୁର ମଣ୍ଡଳ ସଭାପତି ଶାନ୍ତନୁ କୁମାର ପଣ୍ଡା, ସମାଜସେବୀ ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗଦାନ କରି ଶିଳାନ୍ୟାସ ଓ ଉଦଘାଟନ କରିଥିଲେ। କାଷ୍ଟୀ ରାସ୍ତାରୁ ଟିକାୟତପୁର ମଧ୍ୟ ଦେଇ ମହିଷାଶୋଳ ପର୍ଯ୍ୟନ୍ତ ରାସ୍ତା, ଧନପୁରରୁ ନବୋଦୟ ପର୍ଯ୍ୟନ୍ତ ରାସ୍ତା, ବିପିଏଚୟୁ ବେତନଟୀ ଏନଆରଏଚଏମ, ବେତନଟୀ ତହସିଲ କାର୍ଯ୍ୟାଳୟରେ ଇ ଟାଇପ କ୍ୱାଟର, ଏନଏଚ ୫ ରୁ ଜାନକାଦେଇପୁର ରାସ୍ତାର ଉନ୍ନତିକରଣ, ଆଇଟିଡିଏ ସନ୍ତରା ଜିପିର ଶିଳାନ୍ୟାସ ଓ ଖଡିକାପଦା ଠାରେ ହୋମିଓ ପାଥି ସେବାକେନ୍ଦ୍ର, ମେର୍ଦ୍ଦା ଠାରେ ଆରଆଇ ଅଫିସ, ଦହିକୋଟି ଠାରେ ଆରଆଇ ଅଫିସ ଏବଂ ବ୍ରହ୍ମପୁରା ଆରଆଇ ଅଫିସର ଉଦଘାଟନ କରିଥିଲେ।

## ବିଜେପି ନେତାଙ୍କ ଘରୁ ଚୋରି

ନବରଙ୍ଗପୁର, ୧୩।୫ (ସଂଚାର ବ୍ୟୁରୋ): ଡିଏନକେଠାରେ ରହୁଥିବା ବିଜେପି ନେତା ସନ୍ତୋଷ ମହାପାତ୍ରଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ପଶି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ନଗଦ ଟଙ୍କା ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି। ଏତଲାକୁ ଭିତ୍ତିକରି ପୁଲିସ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ତନାଘନା ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ସନ୍ଦେହରେ କିଛି ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖାଯାଇଛି।

ସାବିତ୍ରୀ ବ୍ରତକୁ ନେଇ ଚଳଚଞ୍ଚଳ ବାଲିପାଟଣା ବଜାର

# ଓଡ଼ିଆ ପରମ୍ପରା ଆଗରେ ଫିକା ମହଙ୍ଗା ଦର



ବାଲିପାଟଣା, ୧୩।୫(ସଂଚାର ବ୍ୟୁରୋ): ଆସନ୍ତା ସାବିତ୍ରୀ ବ୍ରତକୁ ନେଇ ଏବେ ଗାଁ ଠାରୁ ସହର ପର୍ଯ୍ୟନ୍ତ ଚାଲିଛି ଜୋରଦାର ପ୍ରସ୍ତୁତି। ବିବାହିତ ମହିଳାମାନେ ପତିଙ୍କ ଦୀର୍ଘାୟୁ କାମନା କରି ପାଳନ କରୁଥିବା ଏହି ପବିତ୍ର ପର୍ବ ପାଇଁ ହାଟବଜାରରେ ବଢ଼ିଛି ଭିଡ଼।ବଜାର ରେ ଏବେ ଫଳ ଦର ଆକାଶଛୁଆଁ ହୋଇଛି। ହେଲେ ଆମର ଓଡ଼ିଆ ପରମ୍ପରା ଆଗରେ ଫିକା ପଡ଼ିଛି ଆକାଶଛୁଆଁ ଦର। ଫଳ, ସାବିତ୍ରୀ ପୂଜା ସାମଗ୍ରୀ, ଶାଢ଼ୀ, ଶଙ୍ଖା, ସିନ୍ଦୂର ଓ ପୂଜା ଉପକରଣ କିଣିବାରେ ମହିଳାମାନେ ବ୍ୟସ୍ତ ଦେଖାଯାଉଛନ୍ତି।ବଜାରରେ ଆମ୍ବ, କଦଳୀ, ନଡ଼ିଆ, ଖଜୁରୀ ଓ ବିଭିନ୍ନ ପୂଜା ସାମଗ୍ରୀର ଚାହିଦା ବଢ଼ିଥିବାରୁ ବ୍ୟବସାୟୀମାନଙ୍କ ମୁହଁରେ ହସ ଫୁଟିଛି। ବଜାର ରେ ଲିଚୁକୋଳିର ଦାମ୍ ୨୦୦ରୁ ୨୫୦ ଥିବାବେଳେ କଦଳୀ ଓର୍ଜନ ୧୦୦ରୁ ୨୦୦ଟଙ୍କା, ନଡ଼ିଆ ୫୦ଟଙ୍କା, ଆମ୍ବ ୧୦୦ରୁ ୧୫୦ଟଙ୍କା, ଅଙ୍ଗୁର ୧୫୦ ରୁ ୨୦୦ଟଙ୍କା, ପଣସ ୨୦୦ଟଙ୍କା, ସେଉ ୨୫୦ଟଙ୍କା, ସପୁରୀ ୧୦୦ଟଙ୍କା ଇତ୍ୟାଦି ରହିଛି।କଦଳୀ, ଆମ୍ବ, ପଣସ କୁ ଛାଡ଼ିଦେଲେ ବାକି ଫଳ ସବୁ ବାହାରୁ ଆସୁଥିବାରୁ ଚଢ଼ା ଦରରେ ରେ ବିକ୍ରି ହେଉଛି। ଏପଟେ ବିଧିପାଇଁ ଫଳ ବାଧ୍ୟତା ମୁଳକ ଥିବାରୁ ଗ୍ରାହକ କେଉଁ ଫଳରୁ କେତେ କିଣିବ ତାକୁ ନେଇ ଦ୍ୱନ୍ଦରେ। ସାବିତ୍ରୀ ବ୍ରତ ସହ ଜଡ଼ିତ ପୌରାଣିକ କଥା ଅନୁଯାୟୀ, ସତୀ ସାବିତ୍ରୀ ନିଜ ଭକ୍ତି ଓ ସତୀତ୍ୱ ବଳରେ ଯମରାଜଙ୍କୁ ପ୍ରସନ୍ନ କରି ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ସେହି ଦିନଠାରୁ ଏହି ବ୍ରତ ନାରୀମାନଙ୍କ ମଧ୍ୟରେ ଆସ୍ଥା ଓ ଭକ୍ତିର ପ୍ରତୀକ ଭାବେ ପାଳନ ହୋଇଆସୁଛି।ଆଧୁନିକତାର ପ୍ରଭାବ ଥିଲେ ମଧ୍ୟ ଓଡ଼ିଆ ପରମ୍ପରା ଓ ସଂସ୍କୃତି ପ୍ରତି ନାରୀମାନଙ୍କ ଆସ୍ଥା ଏବେ ମଧ୍ୟ ଅତୁଟ ରହିଛି। ସାବିତ୍ରୀ ବ୍ରତକୁ ନେଇ ଘରେ ଘରେ ଉତ୍ସାହ ଦେଖାଯାଉଥିବା ବେଳେ ଏହି ପର୍ବ ପାରିବାରିକ ସମ୍ପର୍କ ଓ ଆଧ୍ୟାତ୍ମିକ ଭାବନାକୁ ଆହୁରି ମଜବୁତ କରୁଥିବା ଦେଖିବାକୁ ମିଳୁଛି।